
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୨୦ ଜୁନ୍ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 20 JUNE 2021
Vol.No. 32 ■ No. 154 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


### ଏମ୍ସ ନିର୍ଦ୍ଦେଶକ ରଣଦୀପ ଗୁଲେରିଆଙ୍କ ସୂଚନା

# ୬ ରୁ ୮ ସପ୍ତାହ ମଧ୍ୟରେ ଦେଶରେ ଆରମ୍ଭ ହୋଇପାରେ କରୋନାର ତୃତୀୟ ଲହର !



ଭୁବନେଶ୍ୱର,୧୯/୦୬(ନି.ପ୍ର): ଦେଶରେ ୬ ରୁ ୮ ସପ୍ତାହ ମଧ୍ୟରେ କରୋନାର ତୃତୀୟ ଲହର ଆସିପାରେ । ଏଭଳି ସୂଚନା ଦେଇଛନ୍ତି ଏମ୍ସ ନିର୍ଦ୍ଦେଶକ ଡା. ରଣଦୀପ ଗୁଲେରିଆ । ସେ କହିଛନ୍ତି କି ତୃତୀୟ ଲହରରୁ ବଞ୍ଚିବା ବଡ ମୁସ୍କିଲ । ମାର୍ଚ୍ଚରୁ ସାରା ଦେଶରେ ଆରମ୍ଭ ହୋଇଥିଲା ଲକଡାଉନ୍ ଏବେ ଧିରେ ଧିରେ ଅନଲକ୍ ହେବାରେ ଲାଗିଛି । ଅନ୍ୟପଟେ ବିଶେଷଜ୍ଞମାନେ ତୃତୀୟ ଲହରକୁ ନେଇ ସତର୍କ କରାଇଛନ୍ତି । ସେମାନେ କହିଛନ୍ତି କି ଯେତେବେଳେ ଆମେ ଅନଲକ୍ ଆରମ୍ଭ କରୁଛୁ ସେତେବେଳେ ଲୋକମାନଙ୍କ ଭିତରେ କରୋନା କଟକଣା ହଟି ଯାଉଛି । ଫଳରେ କୋଭିଡ ସଂକ୍ରମଣ ପୁଣି ଆରମ୍ଭ ହେବାର ଆଶଂକା ଦେଖା ଦେଉଛି । ଅନ୍ୟପଟେ ବିଶେଷଜ୍ଞମାନଙ୍କ ମତରେ ଆଶା କରାଯାଉଥିବା ସମୟ ପୂର୍ବରୁ ମହାରାଷ୍ଟ୍ରରେ କରୋନାର ତୃତୀୟ ଲହର ଆସିପାରେ । ବିଶେଷଜ୍ଞ ମାନେ କହିଛନ୍ତି କି ମହାରାଷ୍ଟ୍ରରେ କରୋନା କଟକଣାର ସାମାନ୍ୟ ଢିଲା କରିବା ପରେ ଗହଳି ବଢୁଛି । ଏହାଦ୍ୱାରା ସଂକ୍ରମିତ ମାନଙ୍କ ସଂଖ୍ୟା ଦୃତ ଗତିରେ

▶▶ପୃଷ୍ଠା ୭

## ପଶୁଙ୍କ ଠାରେ ବି ଦେଖାଗଲା କରୋନାର ଡେଲଟା ଭାରିଆଣ୍ଟ

ଚେନ୍ନାଇ,୧୯/୦୬ : କରୋନା ଭୂତାଣୁ କେବଳ ମଣିଷ ମାନଙ୍କ ଶରୀରେ ପପ୍ରବେଶ କରିବା ନେଇ ଧାରଣା ଏବେ ଭୁଲ ପ୍ରମାଣିତ ହୋଇଛି । ଚେନ୍ନାଇର ଏରିଗନାର ଜୋଲୋଜୀ ପାର୍କରେ ୪ ଟି ସିଂହଙ୍କ ଠାରେ କରୋନାର ଡେଲାଟା ଭାରିଆଣ୍ଟ ଚିହ୍ନଟ ହୋଇଛି । ଚେନ୍ନାଇର ଭାଣ୍ଡାଲୁର ଆରିଗନାର ଆନ୍ନା ପ୍ରାଣୀ ଉଦ୍ୟାନରେ ୪ ଟି ସିଂହ କୋଭିଡ ଡେଲଡା ଭାରିଆଣ୍ଟରେ ସଂକ୍ରମିତ ହୋଇଥିବା ଆଇସିଏଆର ସୂଚନା ଦେଇଛି । ଏହି ପ୍ରାଣୀ ଉଦ୍ୟାନରୁ ୧୧ ଟି ସିଂହର ନମୁନା କୋଭିଡ ପରୀକ୍ଷା ପାଇଁ ମେ ମାସରେ ପଠାଯାଇଥିଲା । ସେମାନଙ୍କ ମଧ୍ୟରୁ ୪ ଟି ସିଂହ କୋଭିଡ ର ଡେଲଟା ଭାରିଆଣ୍ଟରେ ସଂକ୍ରମିତ ହୋଇଥିବା ଜଣାପଡିଛି । ଏହି ସିଂହ ମାନଙ୍କର ଜେନୋମ ସ୍ୱିକ୍ୱେନ୍ସ

▶▶ପୃଷ୍ଠା ୭

# ଭବାନୀପାଟଣାରେ ୨୦୦ ଶଯ୍ୟା ବିଶିଷ୍ଟ କୋଭିଡ ହସପିଟାଲ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୧୯/୦୬(ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଭିଡିଓ କନଫରେନସିଂ ଜରିଆରେ କଳାହାଣ୍ଡିର ଭବାନୀପାଟଣା ଠାରେ ବେଦାନ୍ତ ଗ୍ରୁପ ସହଯୋଗରେ ନିର୍ମିତ ଏକ ୨୦୦ ଶଯ୍ୟା ବିଶିଷ୍ଟ କୋଭିଡ ହସପିଟାଲ ଉଦ୍?ଘାଟନ କରିଛନ୍ତି। ଏଥିରେ ୧୬ଟି ଆଇସିୟୁ ଓ ୧୬ଟି ଏଚଡିୟୁ ଶଯ୍ୟା ସହିତ ଏକ ସ୍ୱତନ୍ତ୍ର ଶିଶୁ ଚିକିତ୍ସା ୱାର୍ଡ ମଧ ରହିଛି । ଏଥିରେ ସମସ୍ତ ପ୍ରକାର ଆଧୁନିକ ଚିକିତ୍ସା ଉପକରଣ ରଖାଯାଇଛି । ଏହାଦ୍ୱାରା କଳାହାଣ୍ଡି ଓ ଆଖପାଖ ଅଞ୍ଚଳର ଲୋକମାନେ ଉନ୍ନତମାନର କୋଭିଡ ଚିକିତ୍ସା ପାଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ହସପିଟାଲ ପାଇଁ ବେଦାନ୍ତ ଗ୍ରୁପ ତଥା ଏହାର ଅଧକ୍ଷ ଅନିଲ ଅଗ୍ରୱାଲଙ୍କୁ ଧନ୍ୟବାଦ ଜଣାଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ହସପିଟାଲରେ ଚିକିତ୍ସା ଠାରୁ ଆରମ୍ଭ କରି ରୋଗ ନିରୂପଣ, ଔଷଧ, ଖାଦ୍ୟ ଆଦି ସବୁ ମାଗଣାରେ ଯୋଗାଇ ଦିଆଯିବ। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ ଏକବିଂଶ ଶତାବ୍ଦୀର କଳାହାଣ୍ଡି ବିଂଶ ଶତାବ୍ଦୀର କଳାହାଣ୍ଡି ଠାରୁ ବହୁତ ଆଗକୁ ଯାଇପାରିଛି । ଗତ ଦୁଇ ଦଶକ ମଧ୍ୟରେ ବିକାଶର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି କରିଛି । ଏ ରୂପାନ୍ତର ବାସ୍ତବିକ ଉଲ୍ଲେଖନୀୟ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । କଳାହାଣ୍ଡି ଆଜି ସାରା ଦେଶକୁ ଖାଦ୍ୟ ଯୋଗାଉଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ କଳାହାଣ୍ଡିର ଏ ରୂପାନ୍ତର,

▶▶ପୃଷ୍ଠା ୭

## ଟିକାର ଦୁଇଟି ଡୋଜ୍ ନେବା ପରେ ବି କାହିଁକି ହେଉଛି ସଂକ୍ରମଣ

ଭୁବନେଶ୍ୱର,୧୯/୦୬(ନି.ପ୍ର): ଦୁଇ ଡୋଜ୍ ଟିକା ପରେ କାହିଁକି ହେଉଛି ସଂକ୍ରମଣ ଓ କାହିଁକି ହେଉଛି ମୃତ୍ୟୁ । ଏହି ପ୍ରଶ୍ନ ଏବେ ସମସ୍ତଙ୍କୁ ଆନ୍ଦୋଳିତ କରୁଛି । କିଛି ଦିନ ମଧ୍ୟରେ ରାଜ୍ୟରେ ପୂର୍ବତନ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟର

▶▶ପୃଷ୍ଠା ୭

# ପଞ୍ଚଭୂତରେ ଲୀନ ହେଲା ମିଲଖା ସିଂଙ୍କ ପାର୍ଥିବ ଶରୀର



ଭୁବନେଶ୍ୱର,୧୯/୦୬(ନି.ପ୍ର): ପଞ୍ଚଭୂତରେ ଲୀନ ହେଲା କିମ୍ବଦନ୍ତୀ ଧାବକ ମିଲଖା ସିଂଙ୍କ ପାର୍ଥିବ ଶରୀର । ଚଣ୍ଡୀଗଡର ମଟକା ଚୈକରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି । ଭାବ ବିହ୍ୱଳ ପରିବେଶରେ ମିଲଖା ସିଂଙ୍କୁ ଶେଷ ବିଦାୟ ଦିଆଯାଇଛି । ଏହି ସମୟରେ କେନ୍ଦ୍ର କ୍ରୀଡା ମନ୍ତ୍ରୀ କିରଣ ରିଜ୍ଜୁ, ପଞ୍ଜାବ ଗଭର୍ନର ଭିପି ସିଂ ବାଦନୋର ଓ ହରିୟାଣା କ୍ରିଡାମନ୍ତ୍ରୀ ସନ୍ଦିପ ସିଂ ପ୍ରମୁଖ ଉପସ୍ଥିତି ଥିଲେ । କିମ୍ବଦନ୍ତୀ ଧାବକ ମିଲଖା ସିଂଙ୍କ ଗତକାଲି ବିଳମ୍ବିତ ରାତିରେ ଚଣ୍ଡିଗଡ଼ର ପିଜିଆଇ ହସ୍ପିଟାଲରେ ଦେହାନ୍ତ ହୋଇଥିଲା । ମୃତ୍ୟୁ ବେଳକୁ ତାଙ୍କୁ ୯୧ ବର୍ଷ ବୟସ ହୋଇଥିଲା । ପ୍ରାୟ ମାସେ ହେବ କରୋନାରେ ଆକ୍ରାନ୍ତ ହୋଇଥିଲେ ମିଲଖା ସିଂ । ପାଂଚ ଦିନ ତଳେ ପତ୍ନୀ ନିର୍ମଳାଙ୍କୁ ହରାଇଥିଲେ । ମିଲଖାଙ୍କ ବିୟୋଗ କ୍ରୀଡା ଜଗତକୁ ସ୍ତବ୍ଧ କରିଦେଇଥିବା ବେଳେ ସାରା ଦେଶରେ ଶୋକର ଛାୟା ଖେଳିଯାଇଥିଲା । ସ୍ଥାନୀୟ ପିଜିଆଇଏମ୍‌ଆର ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଏହି ମହାନ କ୍ରୀଡା ତାରକାଙ୍କ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ପରିଲକ୍ଷିତ ହେବାରୁ ବୁଧବାର ତାଙ୍କୁ ଆଇସିୟୁରୁ ଅନ୍ୟ ୱାର୍ଡକୁ ସ୍ଥାନାନ୍ତରିତ କରାଯାଇଥିଲା । ଗୁରୁବାର ପର୍ଯ୍ୟନ୍ତ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଠିକ୍ ଠାକ୍ ଥିଲା । ହେଲେ ଶୁକ୍ରବାର ପୁଣି ଥରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହୋଇପଡ଼ିଥିଲା । ତାଙ୍କ ଦେହରେ ଜ୍ୱର ବଢ଼ି ଯାଇଥିଲା ବେଳେ ଅକ୍ସିଜେନ ସ୍ତର ମଧ ଦ୍ରୁତ ଗତିରେ ନିମ୍ନଗାମୀ ହେବାର ଲାଗିଥିଲା । ମିଲଖାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ପୁଣି ଆଇସିୟୁରେ ଭର୍ତି କରାଯାଇଥିଲା । ହେଲେ ଡାକ୍ତରମାନଙ୍କ ସମସ୍ତ ଉଦ୍ୟମ ବିଫଳ ହୋଇଥିଲା ।

# ସିବିଏସଇ ଦ୍ୱାଦଶ ପରୀକ୍ଷା ମୂଲ୍ୟାୟନ ପଦ୍ଧତିକୁ ନେଇ ବଢ଼ିଲା ଅସନ୍ତୋଷ

# ସୁପ୍ରିମକୋର୍ଟର ଦ୍ୱାରସ୍ଥ ହେଲେ ୧୧୫୨ ଛାତ୍ରଛାତ୍ରୀ



ଭୁବନେଶ୍ୱର,୧୯/୦୬(ନି.ପ୍ର): ସିବିଏସଇ ଦ୍ୱାଦଶ ପରୀକ୍ଷା ମୂଲ୍ୟାୟନ ପଦ୍ଧତିକୁ ନେଇ ତେଜିଲା ଅସନ୍ତୋଷ । ନିଷ୍ପତିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କଲେ ୧୧୫୨ ଛାତ୍ରଛାତ୍ରୀ । ଆବେଦନକାରୀ ଛାତ୍ରଛାତ୍ରୀମାନେ ଅସନ୍ତୋଷ ଜାହିର କରିବା ସହ କେତେକ ପ୍ରସ୍ତାବ ଦେଇଛନ୍ତି । ମୂଲ୍ୟାୟନରେ କମ୍ପାର୍ଟମେଂଟ, ଫେଲ ହୋଇ ପରୀକ୍ଷା ଦେଉଥିବା ଛାତ୍ରଛାତ୍ରୀ, ଡ୍ରପ ଆଉଟ ଓ ଘରୋଇ ଛାତ୍ରଛାତ୍ରୀଙ୍କ ପାଇଁ ବ୍ୟବସ୍ଥା କରିବାକୁ ଆବେଦନକାରୀ ଦାବି କରିଛନ୍ତି । ସିବିଏସଇର ନିଷ୍ପତି ସମ୍ବିଧାନ ଦେଇଥିବା ଅଧିକାରକୁ କ୍ଷୁର୍ଣ୍ଣ କରୁଛି ବୋଲି ଦର୍ଶାଇଛନ୍ତି ଆବେଦନକାରୀ । ଏଥିସହ ପରୀକ୍ଷାର୍ଥୀ, ଅଭିଭାବକ, ଶିକ୍ଷକ ପାଇଁ ସ୍ୱାସ୍ଥ୍ୟ ସମ୍ପର୍କୀତ ସମସ୍ତ ସୁରକ୍ଷା ବ୍ୟବସ୍ଥା କରିବାକୁ ଆବେଦନରେ ଦର୍ଶାଇଛନ୍ତି । ଆଇନଜୀବୀ ମଞ୍ଜୁ ଜେଠଲିଙ୍କ ଜରିଆରେ ଛାତ୍ରଛାତ୍ରୀ ଆବେଦନ କରିଛନ୍ତି । ଦ୍ୱାଦଶ ଛାତ୍ରଛାତ୍ରୀଙ୍କର କେମିତି ମୂଲ୍ୟାୟନ, କେଉଁ ଆଧାରରେ ହେବ ସେ ନେଇ ୧୭ ତାରିଖରେ ସୁପ୍ରିମକୋର୍ଟଙ୍କୁ ବିସ୍ତୃତ ତଥ୍ୟ ଦେଇଥିଲେ ସିବିଏସଇ କର୍ତୁପକ୍ଷ । ସିବିଏସଇର ଏହି ଫର୍ମୁଲାକୁ ଗ୍ରହଣ କରିଥିଲେ ସୁପ୍ରିମକୋର୍ଟ ।

## କରୋନାରେ ଗୁଜରାଟ କ୍ୟାଡର ଓଡ଼ିଆ ଆଇଏଏସଙ୍କ ପରଲୋକ : ପ୍ରଧାନମନ୍ତ୍ରୀଙ୍କ ଶୋକ



ଭୁବନେଶ୍ୱର,୧୯/୦୬ (ନି.ପ୍ର): କରୋନାରେ ବରିଷ୍ଠ ଓଡ଼ିଆ ଆଇଏଏସ ଡ. ଗୁରୁପ୍ରସାଦ ମହାପାତ୍ରଙ୍କ ପରଲୋକ ହୋଇଛି । ୧୯୮୬ ଗୁଜୁରାଟ କ୍ୟାଡର ଆଇଏଏସ ଶ୍ରୀ ମହାପାତ୍ର ବାଣିଜ୍ୟ ମନ୍ତ୍ରାଳୟ ଅଧିନସ୍ଥ ଡିପିଆଇଆଇଟିର ସଚିବ ଭାବେ କାର୍ୟ୍ୟରତ ଥିଲେ । ତାଙ୍କର ବିୟୋଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପିୟୁଷ ଗୋୟଲ ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି । ଟ୍ୱିଟ କରି ପ୍ରଧାନମନ୍ତ୍ରୀ ଲେଖିଛନ୍ତି ସ୍ୱେ ସ୍ୱର୍ଗତଃ ମହାପାତ୍ର ତାଙ୍କ ସହ ଉଭୟ ଗୁଜୁରାଟ ଓ କେନ୍ଦ୍ରରେ କାର୍ୟ୍ୟ କରିଥିଲେ । ନିଜର ପ୍ରଶାସନିକ ଦକ୍ଷତା ଓ ବିଭିନ୍ନ ସମସ୍ୟାର ଅଭିନବ ସମାଧାନ ପାଇଁ ସେ ପରିଚିତ ଥିଲେ । ସେହିପରି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଲେଖିଛନ୍ତି ଯେ ତାଙ୍କର କର୍ମଭୂମି ଗୁଜୁରାଟ ଥିଲେ ମଧ ଓଡ଼ିଶା ଜଣେ ପ୍ରକୃତ ଯୋଦ୍ଧାଙ୍କୁ ହରାଇଲା ।

# ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୯ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା



ଭୁବନେଶ୍ୱର,୧୯/୦୬ (ନି.ପ୍ର): ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା । ଏନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ଏହି ଜିଲ୍ଲାଗୁଡ଼ିକ ମଧ୍ୟରେ ମୟୁରଭଞ୍ଜ, କେନ୍ଦୁଝର, ଦେବଗଡ଼, ସୁନ୍ଦରଗଡ଼, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଆଦି ରହିଛି। ଏଥିପାଇଁ ଉକ୍ତ ୯ ଜିଲ୍ଲାର ବାସିନ୍ଦାଙ୍କୁ ବର୍ଷା ସମୟରେ ସତର୍କ ରହିବାକୁ ପରାମର୍ଶ ଦେବା ସହିତ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଆସନ୍ତା କାଲି ଓଡ଼ିଶାର କିଛି ସ୍ଥାନରେ ସାମାନ୍ୟ ବର୍ଷା ସମ୍ଭାବନା ଥିବା ବେଳେ ୨୧ରୁ ୨୪ ତାରିଖ ଯାଏଁ ଅନେକ ଜିଲ୍ଲାରେ ବର୍ଷା ସହିତ ବଜ୍ରପାତ ଆଶଙ୍କା ରହିଛି। ଏଥିପାଇଁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ବର୍ତ୍ତମାନ ସୁଦ୍ଧା ରାୟଗଡ଼ାରେ ସର୍ବାଧିକ ୩୨.୧ଡିଗ୍ରି ସେଲସିୟସ ତାପମାତ୍ରା ଥିବା ବେଳେ ଫୁଲବାଣୀରେ ୧୭.୫ଡିଗ୍ରି ସେଲସିୟସ ସର୍ବନିମ୍ନ ତାପମାତ୍ରା ରହିଛି। ୨୪ ତାରିଖ ପରେ ପାଗ ମୁଖ୍ୟତଃ ଶୁଖିଲା ରହିବ ବୋଲି ଅନୁମାନ କରାଯାଇଛି।

## ଏ.କେ ଶର୍ମା ହେଲେ ରାଜ୍ୟ ବିଜେପିର ଉପାଧ୍ୟକ୍ଷ

ନୂଆଦିଲ୍ଲୀ,୧୯/୦୬: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପାଖଲୋକ କୁହାଯାଉଥିବା ପୂର୍ବତନ ଆଇଏଏସ ଅଧିକାରୀ ଏ.କେ ଶର୍ମା ଉତ୍ତରପ୍ରଦେଶ ରାଜନୀତିରେ ପ୍ରବେଶ କରିଛନ୍ତି । ଏ.କେ ଶର୍ମାଙ୍କୁ ରାଜ୍ୟ ବିଜେପିର ଉପାଧ୍ୟକ୍ଷ ଦାୟୀତ୍ୱ ମିଳିଛି । ଗୁଜୁରାଟ କ୍ୟାଡରର ୧୯୮୮ ବ୍ୟାଚର ଆଇଏଏସ୍ ଅରବିନ୍ଦ ଶର୍ମାଙ୍କୁ ଜାନୁଆରୀ ୨୦୨୧ ରେ ବିଜେପି ପ୍ରଦେଶ ଅଧ୍ୟକ୍ଷ ସ୍ୱତନ୍ତ୍ରଦେବ ସିଂ

▶▶ପୃଷ୍ଠା ୭

# ପଂଚଭୂତରେ ଲୀନ ହେଲେ ଦେବାଶିଷ ପାଣିଗ୍ରାହୀ



ଭୁବନେଶ୍ୱର,୧୯/୦୬(ନି.ପ୍ର): ପଂଚଭୂତରେ ଲୀନ ହେଲେ ବରିଷ୍ଠ ଆଇପିଏସ୍ ଅଧିକାରୀ ତଥା ଭିଜିଲାନ୍ସ ନିର୍ଦ୍ଦେଶକ ଡ. ଦେବାଶିଷ ପାଣିଗ୍ରାହୀ। କଟକ ଖାନନଗର ଶ୍ମଶାନରେ ଦେବାଶିଷ ପାଣିଗ୍ରାହୀଙ୍କ ଶେଷକୃତ୍ୟ ସଂପନ୍ନ ହୋଇଛି। ସେଠାରେ ତାଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ଗତକାଲି କୋଲକାତାର ଏକ ଘରୋଇ ହସ୍ପିଟାଲରେ ତାଙ୍କର ପରଲୋକ ହୋଇଥିଲା। ଶନିବାର ଦିନ ସଡକପଥରେ କଟକ ସ୍ଥିତ ବାସଭବନରେ ପାର୍ଥିବ ଶରୀର ପହଂଚିବା ପରେ ବିଶିଷ୍ଟ ବ୍ୟକ୍ତିମାନେ ଶେଷ ଦର୍ଶନ କରିଥିଲେ। ଉଲ୍ଲେଖ୍ୟଯୋଗ୍ୟ ଯେ ଗତ ମେ’ ମାସରେ ସେ କରୋନାରେ ସଂକ୍ରମିତ ହୋଇଥିଲେ। କଟକର ଏକ ଘରୋଇ ହସ୍ପିଟାଲରେ ଦେବାଶିଷଙ୍କୁ ଭର୍ତି କରାଯାଇଥିଲା। ତେବେ ସେଠାରେ ତାଙ୍କ ଅବସ୍ଥା ଗୁରୁତର ହୋଇପଡ଼ିଥିଲା

▶▶ପୃଷ୍ଠା ୭

### ଗୁରୁତ୍ୱପୂର୍ଣ୍ଣ ଘୋଷଣା କଲେ ତେଲେଙ୍ଗାନା ସରକାର

# ରାଜ୍ୟରୁ ସମ୍ପୂର୍ଣ୍ଣ ହଟିଲା ଲକଡାଉନ୍ କଟକଣା

ନୂଆଦିଲ୍ଲୀ,୧୯/୦୬: କରୋନାର ଦ୍ୱିତୀୟ ଲହରରେ ସଂକ୍ରମଣ କମୁଥିବା ଦେଖି ତେଲେଙ୍ଗାନା ସରକାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି । ସରକାର ନିର୍ଦ୍ଦେଶ ମୁତାବକ ରାଜ୍ୟରେ ଲାଗୁ ହୋଇଥିବା କୋଭିଡ କଟକଣା ସମ୍ପୂର୍ଣ୍ଣ ଭାବେ ହଟାଇ ଦିଆଗଲା । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ତରଫରୁ କୁହାଯାଇଛି କି, ଚିକିତ୍ସା ଅଧିକାରୀଙ୍କ ଦ୍ୱାରା ମିଳିଥିବା ରିପୋର୍ଟ ଯାଂଚ କରିବା ପରେ ରାଜ୍ୟରେ ଲକଡାଉନ୍ କଟକଣା ସମ୍ପୂର୍ଣ୍ଣ ହଟାଇ ଦେବାକୁ ନିଷ୍ପତ୍ତି ନିଆଯାଇଛି । ଏହାସହ ରାଜ୍ୟରେ କରୋନା ସଂକ୍ରମଣ ନିୟନ୍ତଣାଧିନ ଥିବା ମଧ କୁହାଯାଇଛି । ଶୁକ୍ରବାର ଦିନ ତେଲେଙ୍ଗାନାରେ ୧,୪୧୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିଲେ । ଏହାକୁ ମିଶାଇ ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୬,୧୦,୮୩୪ ରେ ପହଂଚିଛି । ଅନ୍ୟପଟେ ରାଜ୍ୟରେ କରୋନା ସଂକ୍ରମଣରେ ମୋଟ ୩,୫୪୬ ଜଣଙ୍କର ମୃତ୍ୟୁ ହୋଇଛି । କହିରଖୁ କି କରୋନାର ଦ୍ୱିତୀୟ ଲହର ବେଳେ ମାର୍ଚ୍ଚ ମାସରେ ଦେଶର ବିଭିନ୍ନ ରାଜ୍ୟ ସରକାରମାନେ ସେମାନଙ୍କ ରାଜ୍ୟର ସଂକ୍ରମଣକୁ ଦୃଷ୍ଟିରେ ରଖି କଟକଣା ଲଗାଇଥିଲେ । ଗତ ଗୋଟିଏ ସପ୍ତାହ ହେବ ଦେଶରେ କରୋନା ସଂକ୍ରମଣ ୧ ଲକ୍ଷ ତଳେ ରହୁଥିବାରୁ ଏବେ ବିଭିନ୍ନ ରାଜ୍ୟ ସରକାରମାନେ କରୋନା କଟକଣାରେ ଆଶିଂକ କୋହଳ କରୁଥିବା ଦେଖିବାକୁ ମିଳିଛି ।

# ରାଜଧାନୀରେ ଶିଶୁ ବିକ୍ରି ଘଟଣା : ମାଳିସାହିରୁ ଶିଶୁ ପୁତ୍ରକୁ ଉଦ୍ଧାର କଲା ଚାଇଲ୍ଡ ଲାଇନ୍

ଭୁବନେଶ୍ୱର,୧୯/୦୬ (ନି.ପ୍ର): ରାଜଧାନୀରେ ଶିଶୁ ବିକ୍ରି ଘଟଣା । ଭୁବନେଶ୍ୱର ମାଳି ସାହିରୁ ଉଦ୍ଧାର ହେଲା ବିକ୍ରି ହୋଇଥିବା ଶିଶୁ । ଛୁଆ ନଥିବାରୁ ୧୦ହଜାର ଟଙ୍କାରେ ଶିଶୁ ପୁତ୍ରକୁ ଜଣେ ମହିଳା କିଣିଥିଲେ । ତେବେ ୧୦ ଦିନର ଶିଶୁ ପୁତ୍ରକୁ ୧୦ ହଜାର ଟଙ୍କାରେ ବିକ୍ରି ନେଇ ସୋସିଆଲ ମିଡ଼ିଆରେ ଭିଡ଼ିଓ ଭାଇରାଲ ହେବା ପରେ ଚାଇଲ୍ଡ ଲାଇନକୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ । ଚାଇଲ୍ଡ ଲାଇନ ଏବଂ ପୋଲିସ ସହାୟତାରେ ଶିଶୁଟିକୁ ଉଦ୍ଧାର କରାଯାଇଛି । ତେବେ ଶିଶୁଟିକୁ ପାଇବା ପାଇଁ ରେଳ ଷ୍ଟେସନ୍, ବସ ଷ୍ଟାଣ୍ଡ ଓ ବିଭିନ୍ନ ଅଂଚଳରେ ଅନୁସନ୍ଧାନ କରିଥିଲା ଟିମ୍ ।

# ଲଗାଣ ବର୍ଷା ପରେ ମଧ୍ୟ ମରାମତି ହେଲାନି ବ୍ରାହ୍ମଣୀ ନଦୀବନ୍ଧ

## ନିଦାବିଷ୍ଟ ସାଜିଛି ଜାରକା ଜଳସମ୍ପଦ ବିଭାଗ

ଧର୍ମଶାଳା,୧୯/୬ (ନି.ପ୍ର): ଆଗାମୀ ଦିନରେ ମୌସୁମୀ ସକ୍ରିୟ ହୋଇ ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ସୂଚନା ଦେଲାଣି । ରାଜ୍ୟରେ ଲଗାଣ ବର୍ଷା ହେଲାଣି । ଏଥି ସହ ନଦୀରେ ବନ୍ୟା ଜଳ ପ୍ରବେଶ କଲାଣି । ଦୁର୍ବଳ ନଦୀ ବନ୍ଧକୁ ମରାମତି ପାଇଁ ଜଳସମ୍ପଦ ବିଭାଗୀୟ ଅଧିକାରୀଙ୍କୁ ସୂଚନା ଦିଆଯାଇଥିଲେ ମଧ୍ୟ ନଦୀ ବନ୍ଧ ମରାମତି ହୋଇପାରିଲା ନାହିଁ । ଗତ ବର୍ଷ ବନ୍ୟାରେ ପୀଡିତଙ୍କ ଆଖିରୁ ଲୁହ ଶୁଖି ନ ଥିବା ବେଳେ ପୁଣି ଆଗକୁ ଆସିପାରେ ବନ୍ୟା । ଯାହାକୁ ନେଇ ନଦୀ କୂଳିଆ ଲୋକେ ଆତଙ୍କିତ ହୋଇପଡିଲେଣି । ଏଭଳି ଦୁର୍ବଳ ନଦୀ ବନ୍ଧ ଦେଖିବାକୁ ମିଳିଛି ଯାଜପୁର ଜିଲା ଜାରକା ଜଳସମ୍ପଦ ବିଭାଗ ଅଧିନରେ ଥିବା ଦେଓଦା, ମଙ୍ଗଳପୁର ଓ ବ୍ରହ୍ମବରଦା ଅଂଚଳରେ । ଏହି ଅଂଚଳରେ ବ୍ରାହ୍ମଣୀ ନଦୀ ବନ୍ଧ ଅବସ୍ଥା ଦିନକୁ ଦିନ ଶୋଚନୀୟ ହେବାରେ ଲାଗିଛି ହେଲେ ମରାମତିର ନାଁ ଧରୁ ନାହିଁ ଯାହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଅଗଷ୍ଟ ମାସ ୨୦୨୦ ମସିହାରେ ବିଭିନ୍ନ ସ୍ଥାନରେ ନଦୀ ବନ୍ଧ ଭାଙ୍ଗି ଯାଇ ଜଳମଗ୍ନ ହେବା ସହ ସାଧାରଣ ଲୋକଙ୍କ ନିଦ ହଜାଇ ଦେଇଥିଲା । ହେଲେ ପ୍ରଶାସନ ଚେତିବାତ ଦୂରର କଥା ଏହି ଅଂଚଳ ପ୍ରତି ବୈମାତୃକ ମନୋଭାବ ଯୋଗୁଁ ଆଗାମୀ ଦିନରେ ଉଚିତ ଜବାବ ଦିଆଯିବ ବୋଲି ନଦୀ କୂଳିଆ ଲୋକେ ପ୍ରକାଶ କରିଛନ୍ତି । ଜାରକା ଜଳସେଚନ ବିଭାଗ ଅଧିନରେ ଥିବା ବ୍ରାହ୍ମଣୀ ନଦୀ ବନ୍ଧ ଦେଓଦା, ମଙ୍ଗଳପୁର, ଝାଲପଡା ନଦୀ ବନ୍ଧ ରାସ୍ତା ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ସ୍ଥାନୀୟ ଲୋକେ ଦୈନନ୍ଦିନ ବିପଦର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି । ଯାଜପୁର ବ୍ଲକ ବରୁଆଁ-ବାଲିଚନ୍ଦ୍ରପୁର ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବା ଝାଲପଡା-କାକୁଡିକୁଦ ବ୍ରାହ୍ମଣୀ ନଦୀ ବନ୍ଧ ରାସ୍ତା ମରାମତି ଅଭାବରୁ ଶୋଚନୀୟ ହୋଇପଡିଛି । ଲୋକେ ସାଇକେଲ ଓ ବାଇକ୍ ଗଡାଇ ଗଡାଇ ନେଉଥିବା ବେଳେ ପଥଚାରୀ କାଦୁଅ ପଚପଚ ରାସ୍ତାରେ ଗୋଡ ଖସିଯିବା ଯୋଗୁଁ ବିପଦରେ ପଡୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ସେହିପରି ଦେଓଦା ଓ ମଙ୍ଗଳପୁର ପଂଚାୟତର ନଦୀ ବନ୍ଧ ଅବସ୍ଥା ଦିନକୁ ଦିନ ଶୋଚନୀୟ ହେବାରେ ଲାଗିଛି । ବଡ ବଡ ଖାଲ ଖମା ହୋଇ ଏବେ ଏହି ନଦୀ ବନ୍ଧ ରାସ୍ତା ମରଣଯନ୍ତା ପାଲଟିଛି । ଏହି ରାସ୍ତା ଖାଲଖମାରେ ଭର୍ତି ହୋଇଛି । ପ୍ରତିଦିନ ଏହି ରାସ୍ତାରେ ଛୋଟବଡ ଦୁର୍ଘଟଣା ଘଟୁଛି । ସମାନ୍ୟ ବର୍ଷା ହେଲେ ରାସ୍ତାରେ ଆଣ୍ଠୁଏ ଲେଖାଏଁ ପାଣି ଜମୁଛି । ଏହି ରାସ୍ତା ଖଣ୍ଡାସଠାରୁ ଝାଲପଡା, ସାନବାଗସାହି, ରୁଦ୍ରପୁର, ମେଣ୍ଢ, ମାଳିସାହି, କାକୁଡିକୁଦ, ନୀଳକଣ୍ଠପୁର, ସୁଜନପୁର , ଦେଓଦା ଓ ମଙ୍ଗଳପୁର ପଂଚାୟତର ଦେଓଦା, ସେରପୁର, କୋଠିଡିହ, ଚାନ୍ଦପୁର ପ୍ରମୁଖ ଗାଁ ଏବେ ବନ୍ୟା ମୁହଁରେ । ବିଭିନ୍ନ ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବାରୁ ଏହି ନଦୀ ବନ୍ଧ ରାସ୍ତାରେ ପ୍ରତ୍ୟେକ ଦିନ ଶହଶହ ଗାଡି ମଟର ସହିତ ବିଭିନ୍ନ ଅଂଚଳର ଶହସ୍ରାଧିକ ଲୋକେ ବ୍ରହ୍ମବରଦା ବଜାର, ସ୍କୁଲ, କଲେଜ, ମେଡିକାଲ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟକୁ ଯାଇଥାନ୍ତି । ଏହି ରାସ୍ତା ମରାମତି ଅଭାବରୁ ଶୋଚନୀୟ ହୋଇ ପହିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଅଭିଯୋଗ ପରେ ବହୁ ଦିନ ପୂର୍ବେ ଏହି ନଦୀ ବନ୍ଧକୁ ମରାମତି କରାଯାଇଥିଲା । ତାହା ପୁଣି ବାଲିରେ । ଯାହାକୁ ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ଗୁରୁତ୍ୱ ଦେଇ ନ ଥିଲେ । ଫଳରେ ଏହି ବନ୍ଧର ସ୍ଥାୟୀତ୍ୱକୁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା । ହେଲେ ଏବେ ମରାମତି ପାଇଁ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ ସେମାନେ କିଛି ଶୁଣୁ ନ ଥବାରୁ ଗ୍ରାମବାସୀ ଏବେ ପ୍ରଶାସନ ଉପରେ ଭରସା ତୁଟାଇ ସାରିଲେଣି ବୋଲି ସେମାନଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି ।

# ଯାଜପୁର ଜିଲ୍ଲାରେ ସବଇନ୍ସପେକ୍ଟର ସ୍ତରରେ ପୁଣି ଅଦଳବଦଳ

କୋରେଇ,୧୯/୬ (ନି.ପ୍ର): ଯାଜପୁର ଜିଲ୍ଲା ପୁଲିସର ସବଇନ୍ସପେକ୍ଟର ସ୍ତରରେ ଦ୍ୱିତୀୟ ପାଳିରେ ପୁଣି ଅଦଳବଦଳ ହୋଇଛି । ୧୨ ଜଣ ସବଇନ୍ସପେକ୍ଟରଙ୍କୁ ଜିଲ୍ଲା ବିଭିନ୍ନ ଥାନାରୁ ଅନ୍ୟ ଥାନାକୁ ବଦଳି କରାଯାଇଛି । ଏସପି ରାହୁଲ ପିଆର ଗୁରୁବାର ରାତ୍ରୀରେ ଏନେଇ ଲିଖିତ ସୂଚନା ଦେଇଛନ୍ତି । ସୂଚନା ମୁତାବକ, ବିଂଝାରପୁର ଥାନାର ସବଇନ୍ସପେକ୍ଟର ଭାଗଶ୍ରୀ ବେହେରାଙ୍କୁ ଯାଜପୁରରୋଡ ଥାନା, ଯାଜପୁରରୋଡ ଥାନାର ମିନତୀ ବେହେରାଙ୍କୁ ଯାଜପୁର ଥାନା, ମଙ୍ଗଳପୁର ଥାନାର କବିତା ନାୟକଙ୍କୁ ଯାଜପୁର ସଦର ଥାନା, କୋରାଇ ଥାନାର କଳ୍ପଲତା ପ୍ରଧାନଙ୍କୁ ମଙ୍ଗଳପୁର ଥାନା, ବାଲିଚନ୍ଦ୍ରପୁର ଥାନାର ରାଧିକା ବାଉଣ୍ଡାଙ୍କୁ କୋରାଇ ଥାନା, ଯାଜପୁର ଥାନାର ରୋଜାଲିନ ଜେନାଙ୍କୁ କୁଆଖିଆ ଥାନା, କୁଆଖିଆ ଥାନାର ଅନିତା ପ୍ରଧାନଙ୍କୁ ବିଂଝାରପୁର ଥାନା, ବାଲିଚନ୍ଦ୍ରପୁର ଥାନାର ସୁରେନ୍ଦ୍ର ରଥଙ୍କୁ କୁଆଖିଆ ଥାନାକୁ ବଦଳି କରାଯାଇଛି । ସେହିପରି ପ୍ରଥମ ଦଫାରେ ବଦଳି ହୋଇଥିବା ୪ ଜଣ ସବଇନ୍ସପେକ୍ଟରଙ୍କର ପୁନଃ ବଦଳି କରାଯାଇଛି । କୁଆଖିଆ ଥାନାର ରାଜକିଶୋର ଦାସଙ୍କୁ ବାଲିଚନ୍ଦ୍ରପୁର ଥାନା, ଜେନାପୁର ଥାନାର ଫିରୋଜ ଏକ୍କାଙ୍କୁ ଯାଜପୁର ସଦର ଥାନା, ଯାଜପୁର କୋର୍ଟର ଘନଶ୍ୟାମ ହେସାଙ୍କୁ ଝୁମ୍ପୁରୀ ବିଟ୍ ହାଉସ, ବୈରୀ ଥାନାର ବିଶ୍ୱନାଥ ବିଶ୍ୱାଳଙ୍କୁ ଜଖପୁରା ଥାନାକୁ ବଦଳି କରାଯାଇଛି ।

# ଚାଷୀଙ୍କୁ ଚାଷ ଉପକରଣ ଯନ୍ତ୍ରପାତି ତାଲିମ

ଜୟପୁର,୧୯/୬ (ନି.ପ୍ର): ଆମ ଜଙ୍ଗଲ ଯୋଜନା ପ୍ରକଳ୍ପ ଅନ୍ତର୍ଗତ ସହଯୋଗୀ ସଂସ୍ଥା ଓ ବନ ବିଭାଗର ମିଳିତ ପ୍ରୟାସରେ ଜୟପୁର ବନାଂଚଳର ବାଟ ଜଗନ୍ନାଥପୁର ବନ ସୁରକ୍ଷା ସମିତିର ୧୩ ଜଣ ଚାଷୀ ଓ ମାଣ୍ଡ୍ରିକୋଟା ବନ ସୁରକ୍ଷା ସମିତିର ୨୪ ଜଣ ଚାଷୀଙ୍କୁ ଚାଷ ଉପକରଣ ଯନ୍ତ୍ରପାତି ଉପରେ ତାଲିମ ପ୍ରଦାନ କରାଯାଇଛି । ମିଶନ ଜୀବିକା କାର୍ଯ୍ୟକ୍ରମ ଅନ୍ତର୍ଗତ ଆଦିବାସୀ ଚାଷୀଙ୍କର ଉନ୍ନତି ଲକ୍ଷ୍ୟ ରଖି ପ୍ରଦାନ କରାଯାଇଥିଲା । ଚାଷ ଉପକରଣ ଯନ୍ତ୍ରପାତିର ଉଚିତ ବ୍ୟବହାର କରି କିପରି ଚାଷୀ କାର୍ଯ୍ୟର ଉନ୍ନତି କରିପାରିବେ ସେ ନେଇ ସମନ୍ୱିତ ଆଦିବାସୀ ଉନ୍ନୟ ସଂସ୍ଥାର ପ୍ରକଳ୍ପ ଅଧିକାରି ବୁଝାଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ କୃଷି ବିଭାଗର ଲମ୍ବୋଦର ହାଲବା, ବନ ବିଭାଗର ବନପାଳ ପ୍ରଶାନ୍ତ କୁମାର ସାମନ୍ତରାୟ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ଅଧିକାରି ଦେବାଶିଷ ପଟ୍ଟନାୟକ. ଜୀବନ ଜୀବିକା ବିଶାରଦ ପ୍ରକାଶ ପ୍ରଧାନ, ପ୍ରକଳ୍ପ ପରିଚାଳକ କୈଶବେ ଦାସ ଓ ବନ ବିଭାଗ ଦ୍ୱାରା ନିୟୋଜିତ ସ୍ୱେଚ୍ଛାସେବି ସଂସ୍ଥା ଗ୍ରାମ ବିକାଶ ସଂଗଠନର ଦଳପତି ଆରତି ଦାସ ଏବଂ ଉନ୍ନୟନ ଅଧିକାରି ସୀମାଂଚଳ ତ୍ରୀପାଠୀ, ଶିବ ଶଙ୍କର ପ୍ରମୁଖ ଉପସ୍ଥିତ ଥିଲେ ।

## ଛୁରୀ ଭୁଷି ଯୁବକଙ୍କୁ ହତ୍ୟା ଘଟଣା: ମୁଖ୍ୟ ଅଭିଯୁକ୍ତ ଗିରଫ

ଗଞ୍ଜାମ,୧୯/୬ (ନି.ପ୍ର): ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ଉତରାମୁଖୀ ସାହିରେ ପୂର୍ବ ଶତୃତାରୁ ଗଣ୍ଡଗୋଳ ଘଟି ହୋଇଥିବା ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତକୁ ପୋଲିସ ଗିରଫ କରିଛି । ଅଭିଯୁକ୍ତ ଜଣକ ହେଲେ ଶିବରାମ ସେଠୀ (୨୧) । କେସ୍ ନଂ ୧୨୨/୨୧ ରେ ଅଭିଯୁକ୍ତ ଶିବରାମକୁ କୋର୍ଟଚାଲାଣ କରାଯାଇଛି । ହତ୍ୟାକାଣ୍ଡରେ ବ୍ୟବହୃତ ଛୁରୀକୁ ପୋଲିସ ଜବତ କରିଛି । ଏହି ଘଟଣାରେ ଜଡ଼ିତ ଅନ୍ୟ ୨ ଜଣ ଯୁବକଙ୍କୁ ଥାନାରେ ଅଟକ ରଖି ପଚରା ଉଚୁରା ଚଳାଇଛି ପୋଲିସ । ପ୍ରକାଶ ଥାଉ କି, ଗତ ୧୫ ତାରିଖରେ ଚନ୍ଦନ ପ୍ରଧାନ ତାଙ୍କର ଦୁଇ ଜଣ ସାଙ୍ଗ ତେଫାନ ବେହେରା ଓ ମୁନା ମହାନ୍ତିଙ୍କ ସହିତ ବଚସା ହୋଇ ଛୁରାମାଡ଼ ହୋଇଥିଲା । ଘଟଣାରେ ଚନ୍ଦନ ଓ ତାଙ୍କର ଦୁଇ ଜଣ ସାଙ୍ଗ ଆହତ ହୋଇଥିଲେ । ଚନ୍ଦନଙ୍କୁ ଚିକିତ୍ସା ନିମନ୍ତେ ବ୍ରହ୍ମପୁର ବଡ଼ ମେଡ଼ିକାଲରେ ଭର୍ତି କରାଯାଇଥିବା ବେଳେ ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

## ପଥର ଖାଦାନ ବନ୍ଦ କରିବା ପାଇଁ ଦାବି

ମାଲକାନଗିରି,୧୯/୬ (ନି.ପ୍ର): ମାଲକାନଗିରି ତହସିଲ ଅଧିନ କୋରୁକୋଣ୍ଡା ରାଜସ୍ୱ ମଣ୍ଡଳର ଏମଭି ୩୧ ଗ୍ରାମନିକଟରେ ଥିବା ଏକ ପଥର ଖାଦାନକୁ ରାଜସ୍ୱ ବିଭାଗ ପକ୍ଷରୁ ଟେଣ୍ଡର ମାଧ୍ୟମରେ ନିଲାମ କରାଯାଇଥିଲା । ଗତକାଲି ନିଲାମ ପାଇଁ ଥିବା ବ୍ୟକ୍ତି ଉକ୍ତ ଖାଦାନରୁ ପଥର ଉତୋଳନ ପାଇଁ ଯାଇଥିବା ବେଳେ ଗ୍ରାମବାସୀ ମାନେ ବିରୋଧ କରିଥିଲେ । ଉକ୍ତ ପଥର ଖାଦାନକୁ ବନ୍ଦ କରିବା ପାଇଁ ଆଜି କୋରୁକୋଣ୍ଡା, କେନ୍ଦ୍ରାଗୁଫା, ଏମଭି ୩୧, ଓ ଏମଭି ୩ ୨ର ଶତାଧିକ ଗ୍ରାମବାସୀ ମାନେ ଜିଲ୍ଲାପାଳଙ୍କ ଉଦେଶ୍ୟରେ କୋରୁକୋଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଏକ ଦାବୀ ପତ୍ର ପ୍ରଦାନ କରିଛନ୍ତି । ଯଦି ତୁରନ୍ତ ଏହା ବନ୍ଦ ନହୁଏ ଆଗାମୀ ଦିନରେ କୋରୁକୋଣ୍ଡା ମୁଖ୍ୟ ରାସ୍ତା ଅବରୋଧ କରାଯାଇ ଆନ୍ଦୋଳନକରାଯିବ ବୋଲି ଗ୍ରାମବାସୀ ମାନେ ଚେତାବନୀ ଦେଇଛନ୍ତି ।

# ମସୁଦପୁର ବାଲି ଘାଟରେ ଜିଲ୍ଲାପାଳ ଓ ଗ୍ରୀନ୍ ଟ୍ରିବ୍ୟୁନାଲର ମିଳିତ ତଦନ୍ତ : ପୁନଃ ଆକଳନ ପରେ କାର୍ଯ୍ୟାନୁଷ୍ଠାନ

କୋରେଇ,୧୯/୬ (ନି.ପ୍ର): ଯାଜପୁର ଜିଲ୍ଲା କୋରାଇ ବ୍ଲକ ଅନ୍ତର୍ଗତ ଗୋଳେଇପୁର ପଂଚାୟତର ଖରସ୍ରୋତା ନଦୀର ମସୁଦପୁର ଓ ସାହାପୁର ମୌଜାରୁ ବେଆଇନ ଭାବେ ବାଲି ଉତୋଳନ କରି କୋଟି କୋଟି ଟଙ୍କାର ରାଜସ୍ୱ ହଡପର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ନିକଟରେ ଅଭିଯୋଗ କରାଯାଇଥିଲା । ପ୍ରକାଶ ଯେ, ଗତ ୨୦୨୦ ମସିହାରେ ମସୁଦପୁର ଓ ସାହାପୁର ମୌଜାରୁ ବେଆଇନଭାବେ ବାଲି ଉତୋଳନ କରାଯାଇ ରାଜପଥ କାମ କରୁଥିବା ଦିଲ୍ଲୀପ ବିଲ୍ଡକନ କମ୍ପାନୀର ଷ୍ଟକ ୟାର୍ଡରେ ଗଚ୍ଛିତ ରଖାଯିବା ସହ ବିଭିନ୍ନ ସ୍ଥାନ ଓ ଭଦ୍ରକ ଜିଲ୍ଲାକୁ ବାଲି ଚୋରା ଚାଲାଣ କରାଯାଉଥିଲା । ଲକ୍ଷ୍ମୀଧର ମହାନ୍ତି ନାମକ ଜନୈକ ବ୍ୟକ୍ତି ମିଛ ଠିକଣା ଦେଇ ଲିଫ୍ଟିଙ୍ଗ କରିବାର ଦାୟିତ୍ୱ ନେଇଥିଲେ । ବେଆଇନ ବାଲି ଉତୋଳନ ଯୋଗୁ ନଦୀର ଗତିପଥ ବଦଳିବା, ଖରସ୍ରୋତା ବ୍ରିଜ ପ୍ରତି ବିପଦ, ସ୍ଥାନୀୟ ଅଂଚଳ ଯଥା ହାଟ, ସ୍କୁଲ ଓ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଏହାର ପ୍ରଭାବ ଏବଂ କୋଟି କୋଟି ଟଙ୍କାର ରାଜସ୍ୱ ଲୁଟ୍ ନେଇ ମସୁଦପୁର ଗ୍ରାମର ପିନାକ ରଂଜନ ଦାସ ଓ ଗ୍ରାମବାସୀ ମାନେ ତହସିଲଦାର ଓ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇବା ପରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନଥିଲା । ପରବର୍ତି ଅବସ୍ଥା ଶ୍ରୀ ଦାସ ବାଧ ହୋଇ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହୋଇଥିଲେ । ଗ୍ରୀନ ଟ୍ରିବ୍ୟୁନାଲର ତଦନ୍ତ ପରେ ଲକ୍ଷ୍ମୀଧର ମହାନ୍ତିଙ୍କ ଉପରେ ୨୦ ହଜାର ଜରିମାନା ଓ ବ୍ୟାସନଗର ତହସିଲ ପକ୍ଷରୁ ଗଚ୍ଛିତ ବାଲିକୁ ଆକଳନ କରାଯାଇ ୧ ଲକ୍ଷ ୮୮ ହଜାର ୨ ଶହ ୩୭ ଟଙ୍କା ଜୋରିମାନା କରାଯାଇଥିଲା । ମାତ୍ର ଏହି ଫାଇନ୍ ମିଳିଭଗତରେ କରାଯିବା ଓ ତଦନ୍ତ ସମୟରେ ଶ୍ରୀ ଦାସଙ୍କୁ ଡକାନଯିବା ଓ ବହୁ ଅଧିକ ପରିମାଣରେ ରାଜସ୍ୱ ହାନୀ ହେବା ନେଇ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ନିକଟରେ ପୁନଃ ଅଭିଯୋଗ ହୋଇଥିଲା । ତଦନୁଯାୟୀ ଆଜି ଯାଜପୁର ଜିଲ୍ଲାପାଳ ଚକ୍ରବର୍ତି ସିଂହ ରାଠୋର, ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ବୈଜ୍ଞାନିକ ଏମ. ଆର ପ୍ରସାଦ, ଖଣିବିଭାଗ ସହ ନିର୍ଦ୍ଦେଶକ ବି.କେ. ସାହୁ, ଆଂଚଳିକ ପ୍ରଦୁ୍ୟଷଣ ବୋର୍ଡର ପ୍ରମୋଦ ବେହେରା, ବ୍ୟାସନଗର ତହସିଲଦାର ବିକ୍ରମ ମଲ୍ଲିକ, ରାଜସ୍ୱ ନିରୀକ୍ଷକ ସରୋଜ ମଲ୍ଲିକ, ପୂର୍ବତନ ରାଜସ୍ୱ ନିରୀକ୍ଷକ ସୁଧିର ରଞ୍ଜନ ମଲିକ ପ୍ରମୁଖ ତଦନ୍ତ କରିଥିଲେ । ଷ୍ଟକ ୟାର୍ଡ ପରିବର୍ତେ ନଦୀରୁ ଉତୋଳନ କରାଯାଇଥିବା ବାଲିର ମାପ କରାଯିବା ପରେ ଏନେଇ ସମୀକ୍ଷା କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ ।

# ଜିଲ୍ଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଘେରାଉ

ଜୟପୁର,୧୯/୬ (ନି.ପ୍ର): କୋରାପୁଟ ଜିଲା କଂଗ୍ରେସ କମିଟିର ସଭାନେତ୍ରି ମିନାକ୍ଷୀ ବାହିନିପତିଙ୍କ ଆହ୍ୱାନରେ ଶତାଧିକ ଚାଷୀ ଓ କଂଗ୍ରେସ ନେତା ଓ କର୍ମୀ ବିକ୍ଷୋଭ ଧାରଣା ଦେଇଛନ୍ତି । ଜୟପୁର ସ୍ଥିତ ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଘେରାଉ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲା । ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟରେ କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନିପତି ଓ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତିଙ୍କ ଆହ୍ୱାନରେ ଚାଷୀ ଓ କଂଗ୍ରେସ କର୍ମୀମାନେ ଧାରଣାରେ ବସିଥିଲେ । ଜିଲା ଯୋଗାଣ ଅଧିକାରୀ ପ୍ରଦିପ ପଣ୍ଡାଙ୍କ ଜରିଆରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ୧୨ ଦିନିଆ ଟୋକନକୁ ୧ ମାସ କରିବା. କାଟନି ଝଟନି ବନ୍ଦ କରିବା, ଜିଲାର ସମସ୍ତ ମଣ୍ଡିର ଧାନ ଉଠାଇବା, ଲାପସ ହୋଇଥିବା ଚାଷୀଙ୍କ ଧାନ ଉଠାଇବା ଆଦି ଦାବି ରହିଛି । ଯଦି ୩ ଦିନ ଭିତରେ ଦାବି ପୂରଣ ନହେଲେ ଚତୁର୍ଥ ଦିନ କୋରାପୁଟ ଜିଲାକୁ ଅଚଳ କରିବୁ ବୋଲି ଚେତାବନୀ ଦିଆଯାଇଛି । ଏହି ବିକ୍ଷୋଭରେ ଜିଲା କିଷାନ କଂଗ୍ରେସ କମିଟି ସଭାପତି ଭବାନୀ ରଥ, ବୁଲୁ ସାହୁ, ନିହାର ବିଷୋୟି, ନରି ମହାନ୍ତି, ବସନ୍ତ ନାୟକ. ସୁକାନ୍ତ ପଟ୍ଟନାୟକ, ପୂର୍ବତନ ନଗରପାଳ ଭଗବାନ ବାହିନିପତ ସମେତ ଶତାଧିକ କର୍ମି ଓ ନେତା ଉପସ୍ଥିତ ଥିଲେ ।

## ଏଟିଏମ୍ ଭାଙ୍ଗି ଟଙ୍କା ଲୁଟ୍

ପଟ୍ଟାମୁଣ୍ଡାଇ,୧୯/୬ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ଥାନା ନିକଟରେ ଥିବା ଏକ ଏସବିଆଇ ଏଟିଏମ୍‌କୁ ଭାଙ୍ଗି ଟଙ୍କା ଲୁଟ୍ କରିଛନ୍ତି ଦୁର୍ବୃତ । ଗତକାଲି ବିଳମ୍ବିତ ରାତିରେ ଏହି ଲୁଟ୍ ହୋଇଛି । ଏଟିଏମ୍ ରେ ଲାଗିଥିବା ସିସିଟିଭିରେ ଲୁଟ୍ ସମୟର ଦୃଶ୍ୟ କଏଦ୍ ହୋଇଛି । ତେବେ ଏଟିଏମ୍‌ରୁ କେତେ ଟଙ୍କା ଲୁଟ୍ ହୋଇଛି ତାହା ଏଯାବତ୍ ସ୍ପଷ୍ଟ ହୋଇନାହିଁ । ରାଜନଗର ଥାନା ପୋଲିସ ସିସିଟିଭି ଫୁଟେଜ୍‌କୁ ଆଧାର କରି ଘଟଣାର ଛାନଭିନ୍ ଜାରୀ ରଖିଛି ।

## ସର୍ବଭାରତୀୟ ସ୍ତରରେ ବ୍ରହ୍ମପୁର ଆଇଟିଆଇକୁ ୧୨ତମ ର୍‍ୟାଙ୍କ

ଗଞ୍ଜାମ,୧୯/୬ (ନି.ପ୍ର): ଗୁଣାତ୍ମକ ତାଲିମ୍ ପ୍ରଦାନ କ୍ଷେତ୍ରରେ ସର୍ବଭାରତୀୟ ସ୍ତରରେ ବ୍ରହ୍ମପୁର ସରକାରୀ ଶିଳ୍ପ ତାଲିମ୍ କେନ୍ଦ୍ର (ଆଇଟିଆଇ) ୧୨ତମ ର୍‍ୟାଙ୍କ ହାସଲ କରିଛି । ଏଥି ସହ ରାଜ୍ୟର ସମସ୍ତ ଆଇଟିଆଇଙ୍କ ମଧ୍ୟରେ ଶ୍ରେଷ୍ଠ ମାନ୍ୟତା ହାସଲ କରିଛି । ଏନେଇ ଏହି ଅନୁଷ୍ଠାନର ଅଧ୍ୟକ୍ଷ ଡଃ. ରଜତ କୁମାର ପାଣିଗ୍ରାହୀ ସୂଚନା ଦେବା ସହ ଏହା ଆମ ଅନୁଷ୍ଠାନ ପାଇଁ ଗୌରବର ବିଷୟ ବୋଲି କହିଛନ୍ତି । ସେହିପରି ଗଞ୍ଜାମ ଜିଲ୍ଲାର ଅନ୍ୟ ଏକ ଶିଳ୍ପ ତାଲିମ୍ କେନ୍ଦ୍ର ହିଞ୍ଜିଳି ସରକାରୀ ଆଇଟିଆଇ ସର୍ବଭାରତୀୟ ସ୍ତରରେ ୨୧ତମ ର୍‍ୟାଙ୍କ୍ ହାସଲ କରି ସାରା ରାଜ୍ୟରେ ଦ୍ୱିତୀୟ ଶ୍ରେଷ୍ଠ ମାନ୍ୟତା ହାସଲ କରିଛି ।

# ତିନିମୁହାଣୀ -ପୁରୁଣା ବସଷ୍ଟାଣ୍ଡ - ଗରାପୁରକୁ ସଂଯୋଗ କରିବ ୪ ଲେନ୍ ରାସ୍ତା

କେନ୍ଦ୍ରାପଡ଼ା,୧୯/୬ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳର ଟ୍ରାଫିକ ସମସ୍ୟାକୁ ଦୂର କରିବା ପାଇଁ ସହର ମଧଦେଇ ଯାଇଥିବା ରାସ୍ତାକୁ ତିନିମୁହାଣୀ ଠାରୁ ପୁରୁଣା ବସଷ୍ଟାଣ୍ଡ ଓ ସେଠାରୁ ଗରାପୁର ଛକ ପର୍ଯ୍ୟନ୍ତ ୪ ଲେନ୍ ରାସ୍ତା କରଯିବ ବୋଲି ରାଜ୍ୟ ସରକାର ନିଷ୍ପତି ନେଇଛନ୍ତି । ଏହାସହ ନୂଆ ବସଷ୍ଟାଣ୍ଡ ଠାରୁ ଥିବା ବାଇପାସ ରାସ୍ତା ଓ ତିନିମୁହାଣୀ ଠାରୁ ଗୋବରୀ ନଦୀ କୂଳରେ ତିଆରି କରାଯାଉଥିବା ନୂଆ ରାସ୍ତାକୁ ମଧ ୪ ଲେନ୍ ବିଶିଷ୍ଟ କରାଯାଇ ସାତ ଭଉଣୀ ଘାଟ ଠାରେ ଏକ ନୂତନ ସେତୁ ନିର୍ମାଣ କରାଯିବ ବୋଲି ବିଭାଗ ପକ୍ଷରୁ ସର୍ଭେ କରାଯାଉ ଥିବା ସୂଚନା ମିଳିଛି । ସହରର ସୌନ୍ଦର୍ଯ୍ୟକରଣ ସହିତ ଟ୍ରାଫିକ ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାରଙ୍କ ନିଷ୍ପତି ପରେ ବିଭାଗୀୟ ତତ୍ପରତା ପ୍ରକାଶ ପାଇଛି । ଏନେଇ ସଡକ ଓ କୋଠାବାଡି ବିଭାଗ ପକ୍ଷରୁ ଏହାର ସର୍ଭେ କାର୍ଯ୍ୟ ଚାଲିଥିବା ବିଭାଗୀୟ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ପ୍ରଦିପ ମହାନ୍ତି ସୂଚନା ଦେଇଛନ୍ତି । ସହର ଭିତର ରାସ୍ତା ପାଇଁ ଆବଶ୍ୟକ ପଡିଲେ ଜମି ଅଧି ଗ୍ରହଣ କରାଯିବ ବୋଲି ଜଣାପଡିଛି । ଏହି ସର୍ଭେ କାର୍ଯ୍ୟରେ ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ବିଜୟାନନ୍ଦ ଦାସ, କନିଷ୍ଠ ଯନ୍ତ୍ରୀ ପ୍ରସନ୍ନ ସାମଲ ପ୍ରମୁଖ ସହଯୋଗ କରୁଥିବା ଜଣାପଡିଛି ।

# କନ୍ଧମାଳରେ ପ୍ରତି ବର୍ଷ ପ୍ରକୃତି ଅଜାଡି ଦେଉଛି : ସଜାଡିବାକୁ ଯୋଜନା ନାହିଁ

କନ୍ଧମାଳ,୧୯/୬ (ନି.ପ୍ର): ସମଗ୍ର କନ୍ଧମାଳ ଜିଲ୍ଲାରେ ପ୍ରକୃତି ଅନେକ ପ୍ରାକୃତିକ ସୌନ୍ଦର୍ଯ୍ୟ ସମେତ ଅନେକ ପ୍ରାକୃତିକ ସମ୍ପଦର ରମ୍ଭାର ଅଜାଡି ଦେଇଛି । ସେତିକି ନୁହେଁ ସ୍ଥାୟୀ ଭାବରେ ପ୍ରାକୃତିକ ସମ୍ପଦରେ ଭରା ହୋଇ ରହିଥିବା କନ୍ଧମାଳ ଜିଲ୍ଲାରେ ନିୟମିତ ଭାବରେ ପ୍ରତି ବର୍ଷ ମଧ୍ୟ ପ୍ରଦାନ କରୁଛି ଅନେକ ପ୍ରାକୃତିକ ସମ୍ପଦ । ଯାହାକୁ ପାଥେୟ କରି ଜିଲ୍ଲାର ଗ୍ରାମାଂଚଳର ଲୋକେ ସେମାନଙ୍କର ଜୀବନ ଜୀବିକା ନିର୍ବାହ କରି ଆସୁଛନ୍ତି । ଯେପରି ଜିଲ୍ଲାର ଜଙ୍ଗଲରେ ଥିବା ବୃକ୍ଷ ଗୁଡିକରେ ପ୍ରତି ବର୍ଷ ଫଳୁଥିବା ଆମ୍ବ, ଖଜୁରୀ, ଅଂଳା, ମହୁଲ, ଟୋଲ, ଶାଳମଞ୍ଜି, ଝୁଣା,ମହୁ, ଭାଲିଆ ପଣଷ, ତେନ୍ତୁଳି, ଜାମୁକୋଳି, ଖଜୁରିକୋଳି ଓ କେନ୍ଦୁ ଭଳି ଅନେକ ଜଙ୍ଗଲ ଜାତ ଉତ୍ପାଦନ ସାମଗ୍ରୀ ରହିଛି । ଯାହାକୁ ସଂଗ୍ରହ କରି ଏଠାର ଲୋକେ ବର୍ଷସାରା ସେମାନଙ୍କର ରୋଜଗାର କରିବା ସହିତ ସେମାନଙ୍କର ନିଜର ଆବଶ୍ୟକତା ମଧ୍ୟ ପୁରଣ କରନ୍ତି । ତେବେ ବର୍ଷବର୍ଷ ଧରି ଏଠାର ଲୋକଙ୍କ ଦ୍ୱାରା ସଂଗ୍ରହ କରାଯାଉଥିବା ଏହି ବନଜାତ ସାମଗ୍ରୀ ସବୁର ବିକ୍ରିବଟା କରି ଲୋକେ ଭଲ ଦୁଇପଇସା ରୋଜଗାର କରିବାବଳେ ସେମାନଙ୍କ ଠାରୁ ଏହି ସାମଗ୍ରୀ ସବୁକୁ ସେମାନଙ୍କଠାରୁ କମ ଦାମରେ କିଣି ଜିଲ୍ଲାରେ ଅନେକ ବ୍ୟବସାୟୀ ମାନେ ମଧ୍ୟ ମାଲାମାଲ ହେଉଛନ୍ତି । ତେବେ ଏହା ସତ୍ତ୍ୱେ କନ୍ଧମାଳ ଜିଲ୍ଲାରେ ଉତ୍ପାଦନ ହେଉଥିବା ଏହି ସାମଗ୍ରୀ ସବୁର ସମ୍ପୂର୍ଣ୍ଣ ବ୍ୟବହାର ହୋଇପାରୁ ନାହିଁ । ଯାହାର ପରିଣାମ ସ୍ୱରୁପ ପ୍ରତିବର୍ଷ ଲୋକଙ୍କ ଦ୍ୱରା ବ୍ୟବହାର କରାଯାଉଥିବା ଏଜି ବନଜାତ ଦ୍ରବ୍ୟ ସବୁର ୬୦ ପ୍ରତିଶତ ଉତ୍ପାଦନ ଜଙ୍ଗଲରେ ପଡିପଡି ନଷ୍ଟ ହେଉଛି । ତେଣୁ ଜିଲ୍ଲାରେ ପ୍ରକୃତି ଦ୍ୱାରା ପ୍ରଦାନ କରାଯାଉଥିବା ଏହି ସବୁ ଜିନିଷ ଗୁଡିକର ସଦବ୍ୟବହାର ତଥା ଜିଲ୍ଲାର ଲୋକଙ୍କ ଦ୍ୱାରା ଏହାର ସଠିକ ଲାଭ ଉଠାଇବା ନିମନ୍ତେ ଜିଲ୍ଲାରେ ସରକାରଙ୍କ ଦ୍ୱାରା କୌଣସି ଫୁଡ୍ ପ୍ରୋସେସିଙ୍ଗ ୟୁନିଟ୍ ସ୍ଥାପନା କରାଯାଇ ସେଠାରେ ଏହା ସହିତ ଜିଲ୍ଲାର ଚାଷିମାନଙ୍କ ଦ୍ୱାରା ଉତ୍ପାଦନ କରାଯାଉଥିବା ପନିପରିବା ସମେତ ଟମାଟ ଭଳି ଜିନିଷକୁ ସଂରକ୍ଷିତ କରି ସେଥିରେ ଟମାଟ ସସ୍ ଓ ଜେଲି ଭଳି ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରାଯାଇ ପାରିବ । ଏହା ସହିତ ଜିଲ୍ଲାରେ ଅତ୍ୟଧିକ ମାତ୍ରାରେ ଉତ୍ପାଦିତ ପଣଷ ଯାହାକି ଗଛରୁ ପଡି ନଷ୍ଟ ହେଉଛି । ସେଥିରୁ ମଧ୍ୟ ଏହି ଫୁଡ୍ ପ୍ରୋସେସିଙ୍ଗ ୟୁନିଟରେ ସଂରକ୍ଷିତ କରାଯାଇ ସେଥିରୁ ବର୍ଷସାରାର ଖାଇବା ଭଳି ଜିନିଷ ଉତ୍ପାଦନ କରାଯାଇ ପାରିବ ଯାହାକି ପଡୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶରେ କରାଯାଉଛି । ସେହିପରି ଆମ୍ବରୁ ଆଚାର, ଆମ୍ବସଢା ଓ ଆମ୍ବ ଜୁସ୍ ଭଳି ଜିନିଷ, ତେନ୍ତୁଳିକୁ ମଧ୍ୟ ପ୍ରୋସେସିଙ୍ଗ କରି ସେଥିରୁ ମଧ୍ୟ ବର୍ଷସାରା ବ୍ୟବହାର କରିବା ଭଳି ଜିନିଷ ସବୁ ଉତ୍ପାଦନ କରାଯାଇ ପାରିବ । ତଳେ ପଡି ନଷ୍ଟ ହେଉଥିବା ଜାମୁକୋଳି ସବୁକୁ ସଂଗ୍ରହ କରାଯାଇ ସେଥିରୁ ବିଭିନ୍ନ ଔଷଧିୟ ଜିନିଷ ମଧ୍ୟ ଉତ୍ପାଦନ କରାଯାଇ ପାରିବ । କେବଳ ସେତିକି ନୁହେଁ ଜିଲ୍ଲାର ଗ୍ରାମାଂଚଳରେ ଏବଂ ଜଙ୍ଗଲରେ ଅନେକ ଜଙ୍ଗଲ ଜାତ ଜିନିଷ ରହିଛି ସେହି ଗୁଡିକୁ ସଂଗ୍ରହ କରାଯଇ ସେଥିରେ ମଧ୍ୟ ଲୋକଙ୍କୁ ରୋଜଗାର ଯୋଗାଇବାର ବାଟ ବାହାର କରାଯାଇ ପାରିବ ।

# ବ୍ରହ୍ମବରଦାରେ ବେଆଇନ କ୍ଲିନିକ୍‌ରେ ଚାଲିଛି ରୋଗୀ ଦେଖା : ଜିଲ୍ଲାପ୍ରଶାସନ ଦୃଷ୍ଟି ଦେବାକୁ ଦାବି

ଧର୍ମଶାଳା,୧୯/୬ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମଣଙ୍କ ସଂଖ୍ୟା ବିଗିଡିବାରେ ଲାଗିଛି । ଅନ୍ୟପକ୍ଷେ ଯାଜପୁର ଜିଲା ଏବେ ରେଡ ଜୋନରେ ରହିଛି । ଦୈନନ୍ଦିନ ୨ଶହରୁ ଉର୍ଦ୍ଧ କରୋନା ସଂକ୍ରମଣ ଚିହ୍ନଟ ହେଉଛନ୍ତି । ଅନ୍ୟପକ୍ଷେ ଗ୍ରାମାଚଂଳରେ ଲୋକଙ୍କୁ ଥଣ୍ଡା ଜ୍ୱର ଲାଗି ରହୁଛି । ଏଭଳି ପରିସ୍ଥିତରେ ଲୋକେ ସରକାରୀ ମେଡିକାଲକୁ ନଯାଇ ଘରୋଇ ବେଆଇନ କ୍ଲିନିକ୍‌ରେ ବିନା ଡାକ୍ତରଙ୍କ ପରାମର୍ଶ କ୍ରମରେ ଔଷଧ ସେବନ କରୁଛନ୍ତି । ଫଳରେ କିଛି ଲାଭଖୋର ବ୍ୟବସାୟୀ ନିଜ ନିଜ ଅଂଚଳରେ ବେଆଇନ କ୍ଲିନିକ କରିବା ସହ ରୋଗୀ ଦେଖି ଔଷଧ ସେବନ ପାଇଁ ପରାମର୍ଶ ଦେଉଛନ୍ତି । ଯାହାକି ଏହା ଆଇନ ବିରୋଧୀ । ଲୋକଙ୍କୁ ଲୋଭ ଦେଖାଇ ଏଭଳି ବେଆଇନ କାରବାର ଚାଲିଥିବା ଦେଖିବାକୁ ମିଳିଛି ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ଅଂଚଳରେ । ଏଠାରେ ୨୦ରୁ ଉର୍ଦ୍ଧ କ୍ଲିନିକ ରହିଛି । ତାହାପୁଣି ସରକାରୀ ବିନା ପଂଜିକୃତରେ । ଏଠାରେ ବିନା ଡାକ୍ତରଙ୍କ ଦ୍ୱାରା ଦେଖା ଚାଲିଛି ରୋଗୀ ସେବା । ଫଳରେ ନିରୀହ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ଏଭଳି ବେଆଇନ କ୍ଲିନିକ ପ୍ରତି ଜିଲାପ୍ରଶାସନର ଦୃଷ୍ଟି ନ ପଡିବା ନେଇ ସାଧାରଣରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କରୋନା ସମୟରେ ଲୋକମାନଙ୍କ ଶୋଷଣ କରାଯାଉଥିବା ନେଇ ମଧ୍ୟ ଅଭିଯୋଗ ହୋଇଛି । ଗତ ବର୍ଷ କରୋନା ମହାମାରୀ ଲକ୍ ଡାଉନ ସମୟରେ ଯାଜପୁର ପୂର୍ବତନ ଜିଲାପାଳ ରଂଜନ କୁମାର ଦାସ ଏହି ଅଂଚଳରେ କ୍ଲିନିକକୁ ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଥିଲେ । ହେଲେ କିଛି ଦିନ ପରେ ଏଠାରେ ପୁଣି ଖୋଲାମେଲାରେ ଚାଲିଛି । ଡ୍ରଗ୍ସ ଷ୍ଟାଡ ଏ ଦିଗରେ ଦୃଷ୍ଟି ଦେବାକୁ ଅଂଚଳବାସୀ ଦାବି କରିଛନ୍ତି ।

# ବିଜେପି କୃଷକ ମୋର୍ଚ୍ଚା ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ

ସମ୍ବଲପୁର,୧୯/୬ (ନି.ପ୍ର): କୃଷକଙ୍କ ବିଭିନ୍ନ ସମସ୍ୟାର ସମାଧାନ ଦାବିରେ ଆଜି ବିଜେପି କୃଷକ ମୋର୍ଚ୍ଚା ପକ୍ଷରୁ ସମ୍ବଲପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ବହୁ ସଂଖ୍ୟାରେ ଦଳୀୟ କର୍ମୀ ଏଥିରେ ସାମିଲ୍ ଥିଲେ । ଯଦି ଚାଷୀଙ୍କ ସମସ୍ୟାର ସମାଧାନ ଦିଗରେ ପ୍ରଶାସନ ତୁରନ୍ତ କୌଣସି ଠୋସ୍ ପଦକ୍ଷେପ ନନିଏ, ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି କୃଷକ ମୋର୍ଚ୍ଚା ପକ୍ଷରୁ ଚେତାବନୀ ଦିଆଯାଇଛି ।

# ୩ ମାସ ହେଲା ଅଙ୍ଗନବାଡି କର୍ମୀ ଅଣ୍ଡା ଦେଇନଥିବା ଅଭିଯୋଗ

ମାଲକାନଗିରି,୧୯/୬ (ନି.ପ୍ର): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ ଏମଭି ୭ ୯ ସ୍ଥିତି ଅଙ୍ଗନବାଡି କେନ୍ଦ୍ରରେ କର୍ମୀଙ୍କ ମନୋମୁଖୀ କାର୍ଯ୍ୟକଳାପ ଯୋଗୁଁ ଜନସାଧାରଣଙ୍କ ମଧରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।ଗତ ୩ ମାସ ହେଲା ଏମଭି ୭ ୯ ଜଳସେଚନ କଲୋନୀ ଠାରେ ଥିବା ଅଙ୍ଗନବାଡି କେନ୍ଦ୍ରରେ ଗର୍ଭବତୀ ମହିଳା ଓ ଶିଶୁଙ୍କୁ ଅଣ୍ଡା ପ୍ରଦାନ କରାଯାଇନଥିବା ନେଇ ସଂଗୀନ ଅଭିଯୋଗ ହେଉଛି । ସାମ୍ପ୍ରତିକ କରୋନା ସମୟରେ ଶିଶୁ ଓ ଗର୍ଭବତୀ ମହିଳାଙ୍କ ରୋଗ ପ୍ରତିଷେଧକ ଶକ୍ତି ବୃଦ୍ଧି କରିବା ପାଇଁ ସରକାର କେନ୍ଦ୍ର ବନ୍ଦ ସତ୍ୱେ ଘରକୁ ଘର ବୁଲି ଅଣ୍ଡା ବାଂଟିବା ପାଇଁ ନିର୍ଦ୍ଦେଶ ଜାରି କରିଥିବାବେଳେ ଉକ୍ତ ଅଙ୍ଗନବାଡି କର୍ମୀ କାହା ସାହସ ରେ ଗତ ୩ ମାସ ହେଲା ଅଣ୍ଡା ପ୍ରଦାନ କରିନାହାନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଉକ୍ତ କର୍ମୀଙ୍କୁ ପଚାରିବାରୁ ସେ କହି ଛନ୍ତି ଯେ ଅଣ୍ଡା ବାବଦରେ କାର୍ଯ୍ୟାଳୟରୁ ଅର୍ଥ ପାଇଁ ନଥିବା ଯୋଗୁଁ ସେ ଅଣ୍ଡା କିଣି ଯୋଗାଇ ପାରୁନାହାନ୍ତି । ଜିଲ୍ଲାର ସମସ୍ତ କେନ୍ଦ୍ରରେ କର୍ମୀ ମାନେ ଆଗତୁରା ଅଣ୍ଡା ଆଣି ବିଲ ପୈଠ କଲେ ସେମାନେ ଅର୍ଥ ପାଉଛନ୍ତି, କିନ୍ତୁ ଏହି କେନ୍ଦ୍ର ରେ ଏହାର ବ୍ୟତିକ୍ରମ କାହିଁକି ବୋଲି ଆଲୋଚନା ହେଉଛି । ଅଙ୍ଗନବାଡି କର୍ମୀଙ୍କ ଦାଇତ୍ୱହୀନତା ଯୋଗୁଁ ଗର୍ଭବତୀ ମହିଳା ଓ ଶିଶୁଙ୍କ ଜୀବନ ବିପଦକୁ ଠେଲି ହୋଇଯାଇଛି । ଏହା ପଛରେ ଅଙ୍ଗନବାଡି କର୍ମୀଙ୍କ ସହ ସିଡ଼ିପିଓ ଓ ସୁପରଭାଇଜରଙ୍କ ମଧୁଚନ୍ଦ୍ରିକା ଏକମାତ୍ର କାରଣ ବୋଲି ଜନସାଧାରଣ ଅଭିଯୋଗ କରିଛନ୍ତି । ଜିଲ୍ଲାପାଳ ତୁରନ୍ତ ଏହାର ତଦନ୍ତ କରି ଉକ୍ତ କର୍ମୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଶିଶୁ ଓ ଗର୍ଭବତୀ ମହିଳା ଯେପରି କରୋନା କାଳରେ ଉପଯୁକ୍ତ ପୁଷ୍ଟିକର ଖାଦ୍ୟ ପାଇପାରିବେ ସେଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

ଧାରାବାହିକ : ଜୀବନାନୁଭୂତି

# ମୋର ପୂର୍ବ ସ୍ମୃତି କଥା



**ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

**ଭାଗ-୩୨**

(ପୂର୍ବ ପ୍ରକାଶିତ ଉତ୍ତାରୁ...)

କଲେକ୍ଟର କିଲ୍‌ବି ସାହେବ (R.G. Kilebfy, I.C.S) ଅତ୍ୟନ୍ତ ଦୟାଳୁ ଲୋକ । ସେହି ସମୟରେ ତାଙ୍କ ସମ୍ବନ୍ଧରେ ଗୋଟିଏ ଗଳ୍ପ ଶୁଣିବାକୁ ପାଇଥିଲି । ସେ ବଙ୍ଗ ପ୍ରଦେଶର କୌଣସି ଜିଲ୍ଲାରେ କଲେକ୍ଟର ଥିବା ସମୟରେ ତାଙ୍କ ଭାରତବାସୀ ଭୃତ୍ୟକୁ ପାଗଳ କୁକୁର କାମୁଡ଼ିଲା । କାମୁଡ଼ିବାମାତ୍ରେ ସାହେବ ତାହାର କ୍ଷତ ସ୍ଥାନରେ ମୁହଁ ଲଗାଇ ବିଷ ଟାଣିନେଲେ ଓ ନିଜେ ଜଳାତଙ୍କ ରୋଗରେ ଆକ୍ରାନ୍ତ ହେଲେ । ଏହା କରିବା କାରଣ ସ୍ୱରୂପ ସେ କହିଲେ ଯେ, ସେ ରୋଗାକ୍ରାନ୍ତ ହେଲେ ନିଜ ପଦ ଯୋଗୁଁ ସରକାରୀ ଡାକ୍ତରମାନେ ସୁଦ୍ଧା ତାଙ୍କ ସୁଚିକିତ୍ସା କରିବେ, କିନ୍ତୁ ସାମାନ୍ୟ ଭୃତ୍ୟ ପ୍ରତି ଅବହେଳା ଯୋଗୁଁ ତାହାର ପ୍ରାଣ ବିନାଶ ହେବ ।

ଅନ୍ନଶାଳା ସ୍ଥାପନ କରି ଓ ଅନାହାରକ୍ଲିଷ୍ଟ ଲୋକଙ୍କୁ ଅନ୍ନଦାନ କରି ମୁଁ ଯେ କେତେ ସୁଖାନୁଭବ କରୁଥିଲି ତାହା ବର୍ଣ୍ଣନାତୀତ । ଯେଉଁମାନେ ମୁଠାଏ ଭାତ ଖାଇବାକୁ ଆସୁଥିଲେ ସେମାନେ ମୋତେ କେତେ ଆଶୀର୍ବାଦ ଦେଇ ଯାଉଥିଲେ ।

ଦିନେ କିଲ୍‌ବି ସାହେବ ଓ ମୁଁ ଗୋଟିଏ ସଡ଼କ ଦେଇ ବାଇସାଇକେଲ୍‌ରେ ଯାଉଥିବା ସମୟରେ ଗୋଟିଏ ପାଲିଙ୍କି ଆସିଲା ଓ ତାହା ପଛରେ ଭାର ବୋହି କେତେକ ଲୋକ ଯାଉଥିଲେ । ପାଲିଙ୍କି ବେହେରାଙ୍କ ଡାକ ଶୁଣି ସାହେବ ଓହ୍ଲାଇ ପଡ଼ି ସଡ଼କ କଡ଼ରେ ବସିଲେ ଓ ମୁଁ ମଧ ତାଙ୍କ ପାଖରେ ବସିଲି । ତାଙ୍କ ଆଦେଶରେ ସେମାନଙ୍କୁ ପଚାରି ବୁଝିଲି ଓ ତାଙ୍କୁ କହିଲି ଯେ, ଗୋଟିଏ ବୋହୂ ପାଲିଙ୍କିରେ ଶ୍ୱଶୁରାଳୟକୁ ଯାଉଅଛି ଓ ସେହି ଭାରଗୁଡ଼ିକରେ ମୁଆଁ, ଖଜା ଆଦି ଖାଦ୍ୟଦ୍ରବ୍ୟ ହାଣ୍ଡିମାନଙ୍କରେ ଯାଉଅଛି । ଏହି ସମୟରେ କଙ୍କାଳମାତ୍ରା ବିଶିଷ୍ଟା ଜଣେ ଯୁବତୀ ସେଠାରେ ଉପସ୍ଥିତ ହେଲା ଓ ଆମ୍ଭମାନଙ୍କୁ ଦେଖି ସେଠାରେ ଠିଆହୋଇ ରହିଲା । ତାଙ୍କୁ ପଚାରି ବୁଝିଲି ଓ ସାହେବଙ୍କୁ କହିଲି ଯେ, ତାହାଠାରେ ଖାଇବାକୁ କିଛି ନଥିଲା । ବସ୍ତୁତଃ ସେ କ୍ଷୁଧାର୍ତ୍ତ ଥିବା ତାହା ରୂପରୁ ସ୍ପଷ୍ଟଭାବରେ ଜଣାଉଥିଲା । ହାଣ୍ଡିରେ ଥିବା ଖାଦ୍ୟ ଦ୍ରବ୍ୟରୁ କିଛି ସେହି ବାଳିକାକୁ ଦେବା ସକାଶେ ସେମାନଙ୍କୁ ଅନୁରୋଧ କରିବା ପାଇଁ ସାହେବ ମୋତେ କହିଲେ ଓ ତଦନୁସାରେ ସେମାନଙ୍କୁ କହିବାରେ ପ୍ରଥମରେ ସେମାନେ ଅନିଚ୍ଛା ପ୍ରକାଶ କଲେ । କିନ୍ତୁ ପରେ ହାଣ୍ଡିରୁ କିଛି ମୁଆଁ ଓ ଖଜା କାଢ଼ି ବାଳିକା ହସ୍ତରେ ଅର୍ପଣ କଲେ । ବାଳିକା ଆଗ୍ରହ ସହକାରେ ଖାଇବାକୁ ଲାଗିଲା । ତାହାର ଚାଲିଲା ଶକ୍ତି ନଥିଲା । ତାକୁ ପଚାରି ଜଣାଗଲା, ତାହାର ଘର ସେଠାରୁ ଏକକ୍ରୋଶ ଦୂରରେ । ସକାଳୁ ଭିକ୍ଷା ସଂଗ୍ରହାର୍ଥେ ବାହାରିଥିଲା । କିନ୍ତୁ କିଛି ପାଇଲା ନାହିଁ । ସାହେବ ପାଲିଙ୍କିରୁ ବୋହୂକୁ ଓହ୍ଲାଇ ବାଳିକାକୁ ତହିଁରେ ନେଇ ତାହା ଘରେ ଛାଡ଼ିଆସିବା ପାଇଁ ବାଧକଲେ । ସେମାନେ ତାକୁ ଛାଡ଼ିଦେଇ ସେହିସ୍ଥାନକୁ ଫେରିଲା ପରେ ସାହେବ ସେମାନଙ୍କ ହସ୍ତରେ ଦଶଟଙ୍କାର ଖଣ୍ଡିଏ ନୋଟ୍ ଅର୍ପଣ କଲେ । ବୋହୂ ଚାଲିଯିବା ପର୍ଯ୍ୟନ୍ତ ଆମ୍ଭେମାନେ ସେଠାରେ ବସି ରହିଲୁଁ ।

ଯେଉଁ ସ୍ଥାନୀୟ ଯୁବକମାନେ ଏହି ପବିତ୍ର କାର୍ଯ୍ୟରେ ପରମ ଉତ୍ସାହ ପ୍ରଦର୍ଶନ କରୁଥିଲେ ଏହି ଦୀର୍ଘ ୪୫ ବର୍ଷ ପରେ ସେମାନଙ୍କ ନାମ ମନେ ହେଉନାହିଁ, ସେମାନଙ୍କ ସାହାଯ୍ୟ ବିନା ରନ୍ଧନଶାଳାର କାର୍ଯ୍ୟ ଚଳାଇବା ସମ୍ଭବପର ନଥିଲା । ଡାକିଲା ମାତ୍ରକେ ସେମାନେ ଉପସ୍ଥିତ ହେଉଥିଲେ ଓ ନାନାଗ୍ରାମରେ ବୁଲି ବସ୍ତା ବସ୍ତା ଚାଉଳ ଓ ଭାର ଭାର ପରିବା ସଂଗ୍ରହ କରି ଆଣୁଥିଲେ । ଭିକ୍ଷାଦ୍ୱାରା ଲୁଗାପଟା ମଧ ସଂଗୃହୀତ ହେଲା ଓ ବିଶେଷତଃ ସ୍ତ୍ରୀମାନଙ୍କ ମଧ୍ୟରେ ବିତରଣ କରାହେଉଥିଲା । ଆଉ ଦିନକର ଘଟଣା ଅତ୍ୟନ୍ତ ମର୍ମନ୍ତୁଦ । ତାଳପଦା ଜମିଦାର ଘର କଥା ମନେହେଉଛି । ବାଲେଶ୍ୱରକୁ ଦିନକ ପାଇଁ ଯାଇ ଫେରିଲା ସମୟରେ ଘରୁ ମୋର ବ୍ୟବହାର୍ଯ୍ୟ ଜିନିଷପତ୍ର ନେଇ ଆସିବାକୁ ଚପରାସୀକୁ କହି ଆସିଲି । ବାଲେଶ୍ୱରରୁ ବାହାନଗା ବଜାର ଷ୍ଟେସନ୍‌କୁ ରେଲ୍‌ରେ ଆସି ସଡ଼କରେ ଆଠମାଇଲ ଆସିଲେ ତାଳପଦା । ଗୋଟାକେତେ ଗ୍ରାମ ବୁଲି ଷ୍ଟେସନ୍‌କୁ ଆସି ଦେଖିଲି, ଚପରାସୀ ଆସିନାହିଁ । ବାଇସାଇକେଲ୍‌ରେ ତାଳପଦା ଆସିଲି । ସେଠାରେ ସୁଦ୍ଧା ଚପରାସୀକୁ ଦେଖିଲି ନାହିଁ । ଖାଇବାପାଇଁ ମୋ ପାଖରେ ସେତେବେଳେ କିଛିନାହିଁ । ଶୁଣିଥିଲି, ଜମିଦାରଙ୍କ ଠାକୁର ଘର ଅଛି । ତାଙ୍କଠାରୁ ଯାଇ ରାତିରେ ଠାକୁରଙ୍କ ପ୍ରସାଦ ସେବନ କରିବା ଇଚ୍ଛା ପ୍ରକାଶ କଲି । ରାତିରେ ଖାଇବା ସମୟ ଉପସ୍ଥିତ ହେଲାରୁ ସେଠାକୁ ଗଲି । ଦେଖିଲି, ଠାକୁର ଘରର ଦ୍ୱାର ବନ୍ଦ, ଅନ୍ଧକାର । କେହି ନାହାଁନ୍ତି । ଜମିଦାରଙ୍କୁ ଡାକିଲି, ସେ ଆସିଲେ ଓ ମୋତେ ଦେଖିବା ମାତ୍ରକେ ବ୍ୟାକୁଳଭାବରେ କାନ୍ଦିବାକୁ ଲାଗିଲେ । କାରଣ କିଛି ବୁଝି ପାରିଲିନାହିଁ । ଭଦ୍ରବ୍ୟକ୍ତି ମିଷ୍ଟାଳାପୀ ରାଧାନାଥ ଦାସ । ବହୁ କଷ୍ଟରେ କହିଲେ, ଦୁଇଦିନ ହେଲା ତାଙ୍କ ଘରେ ଚୁଲୀ ଜଳିନାହିଁ । ଠାକୁରଙ୍କ ଅନ୍ନଭୋଗ ହୋଇନାହିଁ । ଏହା କହି ମୋତେ ଘର ଭିତରକୁ ଡାକିନେଲେ । ଘର ଭିତରେ ଜଣକେତେ ସ୍ତ୍ରୀ ଓ ଝିଅମାନେ ଆସି ମୋତେ ପ୍ରଣାମ କଲେ । ଦେଖିଲି, ସମସ୍ତଙ୍କ ଦେହରେ ଛିନ୍ନବସ୍ତ୍ର । ସେମାନଙ୍କୁ ଦେଖି ମୋ ଆଖିରୁ ଲୁହ ବହିବାକୁ ଲାଗିଲା । ଭାବିଲି, ସାଧାରଣ ଲୋକଙ୍କ ତୁଲ୍ୟ ଏହି ଶ୍ରେଣୀୟ ଲୋକେ ନିରବରେ ମରିବେ ପଛେ ଭିକ୍ଷା ମାଗିବାକୁ କିମ୍ବା ଅନ୍ନଛତ୍ରକୁ ଭାତମୁଠାକ ପାଇଁ ଯାଇପାରିବେ ନାହିଁ । ତତ୍କ୍ଷଣାତ୍ ଯାଇ ଏମାନଙ୍କ ସକାଶେ ଚାଉଳ, ଡାଲି, ଲୁଣ, ପରିବା ଓ ପ୍ରତ୍ୟେକଙ୍କ ସକାଶେ ଖଣ୍ଡେ ଲେଖାଏଁ ଲୁଗା ପଠାଇଦେଲି ଓ ଯେତେଦିନ ରହିଲି ପ୍ରାୟ ପ୍ରତ୍ୟେକ ଦିନ ଠାକୁରଘର ପ୍ରସାଦ ସେବନ କରିବାକୁ ଲାଗିଲି ।

ଏହି ପ୍ରକାରେ ଅନ୍ନଛତ୍ରର କାର୍ଯ୍ୟ ବର୍ଷାରମ୍ଭ ପର୍ଯ୍ୟନ୍ତ ଚାଲିଲା । ସରକାରଙ୍କ ପ୍ରଦତ୍ତ ତଗାବି ଋଣ ଓ ବନ୍ଧୁବାନ୍ଧବଙ୍କ ସାହାଯ୍ୟରେ ଯେତେବେଳେ ଲୋକେ ଚାଷକାର୍ଯ୍ୟ ଆରମ୍ଭ କଲେ, ଅନ୍ନଛତ୍ର ବନ୍ଦକରି ଦିଆହେଲା ।

୧୯୧୪ ମସିହାରେ ପ୍ରଥମ ଇଉରୋପୀୟ ମହାସମର ଆରମ୍ଭ ହୋଇଥିଲା । ଏକ ପକ୍ଷରେ ଇଂଲଣ୍ଡ, ଫ୍ରାନ୍‌ସ ଓ ଆମେରିକା ଓ ଅପର ପକ୍ଷରେ ଜର୍ମାନୀ, ଅଷ୍ଟ୍ରିଆ ଓ ତୁରସ୍କ । ଏମ୍‌ଡେନ୍ (Emden) ନାମକ ଜର୍ମାନୀର ଗୋଟିଏ ବୁଡ଼ାଜାହାଜ ବଙ୍ଗୋପସାଗରରେ ବିଚରଣ କରି ବାଲେଶ୍ୱରର ଅଳ୍ପଦୂରରେ ସମୁଦ୍ରରେ ଦେଖା ଦେଇଥିବା ଜନରବ ହେବାରୁ ବାଲେଶ୍ୱରରେ ଭୀଷଣ ଆତଙ୍କ ସୃଷ୍ଟି ହୋଇଥିଲା । ଅଳ୍ପଦିନ ଉତ୍ତାରେ ତାହା ଇଂରେଜ ନୌବାହିନୀ ହସ୍ତରେ ପଡ଼ିଥିଲା ।

ଅତି ଅଳ୍ପ କାଳ- ପ୍ରାୟ ଦଶମାସ- ମୁଁ ବାଲେଶ୍ୱରରେ ରହିଥିଲି । ୧୯୧୫ ସାଲ ପୂଜା ପରେ ଅକ୍ଟୋବର ମାସରେ ମୁଁ ଉତ୍ତର ବିହାର ବନ୍ଦୋବସ୍ତ କାର୍ଯ୍ୟରେ ଚାଲିଗଲି ।

**ବିହାରରେ ଚାକିରି**

୧୯୧୫ ସାଲର ପୂଜା ପରେ ମୁଁ ଉତ୍ତର ବିହାରକୁ ବନ୍ଦୋବସ୍ତ କାର୍ଯ୍ୟରେ ବଦଳି ହେଲି ଓ ସାରଣ ଜିଲ୍ଲାର ସିୱାନ୍ ସବ୍‌ଡିଭିଜନ୍‌ର କେନ୍ଦ୍ର ଉକ୍ତ ନାମର କ୍ଷୁଦ୍ର ସହରରେ ମୋ କାର୍ଯ୍ୟରେ ଯୋଗଦେଲି । ଉତ୍ତର ବିହାରର ସାରଣ ଓ ଚମ୍ପାରଣ ଜିଲ୍ଲାରେ ୧୯୧୪ ସାଲରୁ ବନ୍ଦୋବସ୍ତ କାର୍ଯ୍ୟ ଆରମ୍ଭ ହୋଇଥିଲା । ମୋ ପୂର୍ବେ ଓଡ଼ିଶାରୁ କେତେକ ଅଫିସର ଚମ୍ପାରଣକୁ ଯାଇ ରହିଥିଲେ । ୧୯୧୫ ସାଲରେ ମୁଁ ଓ ସବ୍‌ଡେପୁଟି କଲେକ୍ଟର ଗୋପାଳଚରଣ ପଟ୍ଟନାୟକ, ସଦାନନ୍ଦ ପଟ୍ଟନାୟକ ଓ ଗଣେଶ ଚନ୍ଦ୍ର ଗଲୁଁ । ମାସେକାଳ ସିୱାନରେ ରହି କାର୍ଯ୍ୟ ଶିକ୍ଷା କଲାପରେ ଆମ୍ଭେମାନେ ମଫସଲରେ ଭିନ୍ନ ଭିନ୍ନ ଅଞ୍ଚଳକୁ ସହକାରୀ ବନ୍ଦୋବସ୍ତ ଅଫିସର ପଦରେ ପ୍ରେରିତ ହେଲୁଁ । ମୁଁ ଯେଉଁ ଅଞ୍ଚଳକୁ ପ୍ରେରିତ ହେଲି ତାହା ହଥୁଆ ରାଜର ଜମିଦାରୀ । ହଥୁଆ ସାରଣ ଜିଲ୍ଲାରେ ଗୋଟିଏ ବଡ଼ ଜମିଦାରୀ । ସେତେବେଳେ ତାହାର ଆୟ କୋଡ଼ିଏ ଲକ୍ଷ ଟଙ୍କା ବୋଲି ଶୁଣିଥିଲି । ବିହାରର ଏକାଧିକ ଜମିଦାରୀ ହଥୁଆ ତୁଲ୍ୟ । ଦରଭଙ୍ଗା ସର୍ବାପେକ୍ଷା ବୃହତ୍ ଓ ସମଗ୍ର ଭାରତବର୍ଷରେ ଏହା ତୁଲ୍ୟ ଅନ୍ୟ କୌଣସି ଜମିଦାରୀ ନାହିଁ । ଏଣୁ ଦେଖିବାକୁ ମିଳିଅଛି, ବିହାରର ଜମିଦାରମାନେ ସାଧାରଣତଃ ସର୍ବଦା ଦାନଶୀଳ । ସାଧାରଣ ମଙ୍ଗଳକର ଅନୁଷ୍ଠାନ, ସଂସ୍ଥାପନ ଓ ରକ୍ଷଣାବେକ୍ଷଣ ସକାଶେ ମୁକ୍ତହସ୍ତ । ଏମାନଙ୍କ ସହିତ ଆମ୍ଭ ଓଡ଼ିଶାର ଗଡ଼ଜାତ ରାଜ୍ୟର ରାଜାମାନଙ୍କର ସୁଦ୍ଧା ତୁଳନା ହୋଇପାରେ ନାହିଁ । ଏହାର କାରଣ, ଜମିଦାରମାନଙ୍କ ଆୟ ଅଧିକ ଓ ବ୍ୟୟ କମ୍ । ଗଡ଼ଜାତ ରାଜ୍ୟରେ ଯାହା ଆୟ ହୁଏ ସେହି ଅଞ୍ଚଳର ସ୍ୱତନ୍ତ୍ର ଶାସନ ଯୋଗୁଁ ଭିନ୍ନ ଭିନ୍ନ ଶାସନ ବିଭାଗର ଖର୍ଚ୍ଚରେ ଆୟର ଅଧିକାଂଶ ବ୍ୟୟିତ ହୋଇଯାଏ । ଜମିଦାରଙ୍କ ଖର୍ଚ୍ଚ ଯାହାହୁଏ ତାହା କେବଳ ଜମିଦାରୀ ପରିଚାଳନାରେ ।

(କ୍ରମଶଃ)

## ପର୍ଦ୍ଦା ପଛର କଥା -୩

**ଓଡ଼ିଆ ଚଳଚ୍ଚିତ୍ରର ଗୀତିକାର, ସଂଳାପକାର, କାହାଣୀ ଓ ପଟ୍ଟକଥା ଲେଖକ ଭାବରେ ଡ. ରଜନୀରଂଜନଙ୍କ ସର୍ବକାଳୀନ ରେକର୍ଡ । ପ୍ରାୟ ୭୦ଟିରୁ ଊର୍ଦ୍ଧ୍ୱ ଚଳଚ୍ଚିତ୍ରରେ ତାଙ୍କର ସଂପୃକ୍ତି । ଦୁଇ ଦୁଇଥର ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ । ଓଡ଼ିଆ ଚଳଚ୍ଚିତ୍ରର ବିକାଶର ଧାରାରେ ଘଟଣା, ଦୁର୍ଘଟଣା, ଅଭିଜ୍ଞତାର ତିକ୍ତ ମଧୁର ଅନୁଭୂତିକୁ ପ୍ରକାଶ ପାଇଁ ଧ୍ୱନି ପ୍ରତିଧ୍ୱନିର ଏ ପ୍ରୟାସ ।**



ଭାଗ-୬

### ଅଂଧମୁହାଁଣୀ ଓ ବିଫଳ ସ୍ମୃତିର ସମ୍ଭାବନା(୨)

(ପୂର୍ବ ପ୍ରକାଶିତ ଉତ୍ତାରୁ)

ମର୍ଣ୍ଣିଙ୍ଗ କଲେଜ ସରିବା ପରେ ହାତରେ ପ୍ରଚୁର ସମୟ । ବଂଧୁ ଅଜୟ ସ୍ୱାଇଁଙ୍କ ସହ ଖଟି ଜମେ ଗାଁ ବଜାରରେ । ହଠାତ୍ ଦିନେ ଚା' ଦୋକାନରେ ଦେଖାହେଲେ ଶ୍ୟାମଳେନ୍ଦୁ ଦାଦା । ଜଣେ ହାସ୍ୟ ଅଭିନେତା ଭାବରେ ଦାଦା ବେଶ୍ ଲୋକପ୍ରିୟ । ଭାଉଜ ଆମ ଗାଁ ପାଖ ଡାକ୍ତରଖାନାର କର୍ମଚାରୀ । ଦାଦା ବି ଭାରତ ସରକାରଙ୍କର ସଙ୍ଗ୍ ଆଣ୍ଡ ଡ୍ରାମା ଡିଭିଜନ୍‌ର ଆର୍ଟିଷ୍ଟ, ଭୁବନେଶ୍ୱରରୁ ଆମ ଗାଁ ବାଟ ଦେଇ ଦାଦା ତାଙ୍କର ସରକାରୀ କ୍ୱାର୍ଟରକୁ ଯା'ନ୍ତି ।

ଦିନେ ହଠାତ୍ ଦେଖା ହୋଇଗଲା । ବିନା ପରିଚିତିରେ ମଧ ଆପଣାର କରିନେଲେ । ବଂଧୁ ଅଜୟଙ୍କ ଚେହେରା ଥିଲା ଆକର୍ଷଣୀୟ । ପ୍ରଥମ ଦେଖାରେ କହିଲେ 'ତୁ ହିରୋ ହବୁ ?' ଦୁଇଦିନ ପରେ ମୁଁ ଆଉ ଅଜୟ, ଦାଦାଙ୍କ ସାଥିରେ କଟକ ଗଲୁ । ସ୍ୱର୍ଗତ ଗୌର ଘୋଷ ଓ ପାର୍ବତୀ ଘୋଷ ଏକ ହିନ୍ଦୀ ଟେଲିଫିଲ୍ମର ପ୍ରଯୋଜନା କରୁଥାନ୍ତି । 'ପ୍ରଶ୍ନ' ଶୀର୍ଷକରେ ନିର୍ମିତ ଏହି ଟେଲିଫିଲ୍ମରେ ନାୟିକା ଥିଲେ ରାତ୍ରୀ ଘୋଷ, ନାୟକ ଭାବରେ ଅଜୟଙ୍କୁ ମନୋନୀତ କରାଗଲା । ମନେଅଛି ସେହି ଟେଲି ଫିଲ୍ମରେ ମିହିର ଦାସ ଏକ ଅତିଥି କଳାକାର ଭୂମିକାରେ ଅଭିନୟ କରିଥିଲେ । ବୋଧହୁଏ ମିହିର ଦାସଙ୍କର ସେଇଟି ଥିଲା ପ୍ରଥମ ପରଦା ପ୍ରବେଶ । କିନ୍ତୁ ପରବର୍ତ୍ତୀ କାଳରେ ମିହିର ଦାସ ସୁପରଷ୍ଟାର ହୋଇଥିଲେ ।

ତେବେ ହଠାତ୍ ଦିନେ ଶ୍ୟାମଳେନ୍ଦୁ ଦାଦା କହିଲେ, ମୋ ସାଙ୍ଗ ବିଜୟ ସିଂ ଗୋଟିଏ ଚଳଚ୍ଚିତ୍ର 'ଅନ୍ଧମୁହାଁଣୀ'ର ଡାଇରେକ୍ସନ୍ ଦଉଛି, ତୁ ଚାଲ ଗୀତ ଲେଖିବୁ ।

ଦାଦା ବିନୟ ସିଂ ପାଖକୁ ଚିଠିଟିଏ ଲେଖି ମତେ ଧରାଇ ଦେଲେ ଓ କହିଲେ, "କଟକ ମୁନିସିପାଲିଟି ଗେଷ୍ଟ ହାଉସ୍‌ରେ ଗୀତ ସିଟିଂ ଚାଲିଛି, ଖୋକା ଭାଇ ମ୍ୟୁଜିକ୍ କରୁଛି, ତୁ ତାକୁ ମୋ କଥା କହିବୁ ।" ଖୋକାଭାଇଙ୍କ ମ୍ୟୁଜିକ୍‌ରେ ଗୀତ ଲେଖିବାଟା ଏକଦମ୍ ଅସମ୍ଭବ ମନେ ହେଉଥିଲେ ହେଁ ସାହାସ ବାନ୍ଧି ତା ପରଦିନ ଜଣେ ବଂଧୁଙ୍କ ସ୍କୁଟରରେ କଟକ ଗଲି ।

ମୁନିସିପାଲିଟ୍ ଗେଷ୍ଟ ହାଉସରେ ଖୋକାଭାଇ ହାର୍‌ମୋନିୟମ ଧରି ଟ୍ୟୁନ୍ କରୁଥାନ୍ତି । ଭାରି ଗମ୍ଭୀର ଥାନ୍ତି । ବୋଧହୁଏ ନୂଆ ଟ୍ୟୁନ୍, ନୂଆ ଶବ୍ଦ ଖୋଜୁଥାନ୍ତି । ପାଖରେ 'ଉତ୍କଳ ଗାଉଁଲୀ ଗୀତ" ବହିଟିଏ ଥାଏ । ମଝିରେ ମଝିରେ ସେ ବହିର ପୃଷ୍ଠା ଓଲଟାଉଥାନ୍ତି ।

ପାଖରେ ବସିଥାନ୍ତି ଟୁକୁ ଭାଇ (ଶୀର୍ଷାନନ୍ଦ ଦାସ୍ କାନୁନ୍‌ଗୋ) ଅବଶ୍ୟ ପରେ ମୁଁ ପରିଚୟ ପାଇଲି ।

ବିଜୟ ସିଂଙ୍କୁ ଦେବ୍ରାଜ ବାବୁଙ୍କ ରେଫାରେନ୍ସ ଓ ଶ୍ୟାମଳେନ୍ଦୁ ଦାଦାଙ୍କ ଚିଠି ଦେଲି । ବିଜୟ ସିଂ ଚିଠି ପଢ଼ି ବସିବାକୁ କହିଲେ ।

ଘଣ୍ଟାଏ ଏମିତି ନିରବରେ କଟିଗଲା । ବିଜୟ ସିଂ ଭରସା କରି କହିପାରୁ ନଥାନ୍ତି ଖୋକା ଭାଇଙ୍କୁ । ପରେ କହିଲେ "ଭାଇ ଇଏ ନୂଆ ଗୀତ ଲେଖୁଛନ୍ତି । ଗୋଟେ ଫିଲ୍ମରେ ଲେଖିଛନ୍ତି । ଦେବ୍ରାଜ ବାବୁ ଓ ଦାଦା ରେକମେଣ୍ଡ କରିଛନ୍ତି ।

ଖୋକାଭାଇ ନୀରବରେ ମତେ ଚାହିଁଲେ ଓ ପୁଣି ହାରମୋନିୟମ ଧରିଲେ । ମୋ ଦେହରୁ ଝାଳ ବୋହିଗଲା । କିଛି କହିଦେବେ କି ?

ଟୁକୁଭାଇ କାଗଜ କଲମ ଧରି ରାମଭକ୍ତ ହନୁମାନ ଭଳି ବସିଥାନ୍ତି, ପାଖରେ ଆଉ ଜଣେ ଯୁବକ ଆସି ବସିଲେ, ଗାୟକ ବିଭୂ ଦାସ, ପରିବେଶ ଗମ୍ଭୀର ।

ଖୋକାଭାଇ ଗୋଟେ ଗୀତ ଉପରେ ଚିନ୍ତା କରୁଥାନ୍ତି, ଶାଳୀ ଓ ଭିଣୋଇଙ୍କ ଉପରେ । କିଛି ଶବ୍ଦ ମୁଣ୍ଡକୁ ଆସୁ ନଥାଏ । ଆଲୋଚନା ସେମାନଙ୍କ ମଧ୍ୟରେ ଚାଲିଥାଏ ।

ହଠାତ୍ ମୁଁ କହି ପକାଇଲି, "ସ୍ତ୍ରୀ ଘର ପାଇଁ ଶାଳୀ ବାହାର ପାଇଁ," ନିହାତି ହାଲ୍‌କା କଥା ।

ଖୋକାଭାଇ ତୀକ୍ଷ୍ଣ ଭାବରେ ମତେ ଚାହିଁଲେ । ମୁଁ ମନେ ମନେ ଭୟ ପାଇଗଲି । ମୋ ଉପରେ ବିରକ୍ତ ହୋଇଗଲେ କି ? ମୋର କହିବାର ନଥିଲା ।

ହେଲେ ସେପରି କିଛି ହେଲାନାହିଁ । ମୋ'ରି ଥଟ୍ ଉପରେ ମୁଖଡ଼ା ଲେଖି ଟୁକୁ ଭାଇଙ୍କୁ ବଢ଼ାଇ ଦେଲେ, ମୁଖଡ଼ା ପାଇବାର ପାଞ୍ଚ ମିନିଟ୍ ମଧ୍ୟରେ ଟୁକୁଭାଇ ଗୀତଟିକୁ କମ୍ପ୍ଲିଟ୍ କରି ବଢ଼ାଇ ଦେଲେ ।

ଆଶ୍ଚର୍ଯ୍ୟର କଥା ଖୋକାଭାଇ ଗୋଟାଏ ବି'ଶବ୍ଦ ଏପଟ ସେପଟ ନକରି ଗୀତ କମ୍ପୋଜ୍ ଆରମ୍ଭ କରିଦେଲେ ।

ଅନେକ ସମୟ ପରେ କହିଲେ, 'ତୁ ମୋ ଫିଲ୍ମରେ ଗୀତ ଲେଖିବୁ ।'

ଅଚାନକ ଏ କଥାରେ ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ଖୋକାଭାଇ ମୋ ଉପରେ ଇମ୍ପ୍ରେସଡ୍ ଏକଥା ବୁଝିଗଲି । "ତୁ କାଲିଛାଡ଼ି ପଅରିଦିନ ଆ' ପିକ୍‌ନିକ୍ ଉପରେ ଗୀତ ଲେଖିବୁ । ମୁଁ ସିକ୍ୟୁଏନ୍‌ସ ବତାଇ ଦେବି । ଭୟ କରନା, ମୁଁ ଅଛି । ଟୁକୁ ବି ସାଥିରେ ଅଛି ।"

ମୁଁ ଠାକୁରଙ୍କୁ ମନେ ମନେ ଅନେକ ପ୍ରାର୍ଥନା କରି ପକାଇଲି ।

କିନ୍ତୁ ନିର୍ଦ୍ଦିଷ୍ଟ ଦିନ ମୁଁ ଯାଇପାରିଲିନି । କଲେଜରେ ଅଧିକ ଦାୟିତ୍ୱରେ ଥିବା ହେତୁ ଜରୁରୀ କାର୍ଯ୍ୟ ପଡ଼ିଲା । ତା' ପରେ ଢେର୍‌ଦିନର ନୀରବତା । ଖୋକାଭାଇଙ୍କ ସହିତ କାର୍ଯ୍ୟ କରିବାର ସୁଯୋଗ ପାଇ ହାତଛଡ଼ା କରିଥିବାରୁ ନିଜ ଭାଗ୍ୟକୁ ନିନ୍ଦା କଲି ।

ଦୁର୍ଭାଗ୍ୟକୁ "ଅନ୍ଧମୁହାଁଣୀ" ସେଇ ଗୀତ ରେକର୍ଡ଼ିଂ ସ୍ତରରେ ହିଁ ରହିଗଲା । ଆଗକୁ ଆଗେଇ ପାରିଲାନି । (କ୍ରମଶଃ)

## କବିତା.... ଆମ ସମୟର

### ॥ ଇଚ୍ଛା ହୁଏ.. ॥



● ସୈରିନ୍ଧ୍ରୀ ସାହୁ

ଇଚ୍ଛା ହୁଏ ବେଳେବେଳେ
ଥାଆନ୍ତା କି ଡେଣା ହଲେ
ଯାଆନ୍ତି ଆକାଶେ ଉଡ଼ି
ମୋ ଟିକି ଡେଣାକୁ ଝାଡ଼ି
ଯୋଉଠି ଆକାଶ ଥାଏ
ମାଟିର କୋଳେ ।

ଦେଖନ୍ତି ମୁଁ ବନଲତା ଝରଣା
ଶୁଣୁଥାନ୍ତି ତା'ର କୁଳୁ ଗାଉଣା
ଆକାଶର କଳା ମେଘ
ଭିଜା ତା'ର ଅନୁରାଗ
ନାଚନ୍ତି ମୁଁ ଝୁମି ଝୁମି
ପବନ ତାଳେ ।

ଜୋଛନାର ସବାରୀରେ ବସିକି
ତାରାଫୁଲ ଡେଣାରେ ମୋ ଖୋସିକି
ଅନ୍ଧାରର ବୁକୁ ଚିରି
ଗାଆନ୍ତି ମୁଁ ଥିରି ଥିରି
ଜହ୍ନକୁ ଦିଅନ୍ତି ଟାଂଗି
ଗଛର ଡାଳେ ।

+ ଦେବଶ୍ରୁତି ନିବାସ, ଜେଲ ରୋଡ
ବାଲେଶ୍ୱର-୧
(ମୋ) ୯୩୩୭୭୩୭୦୫୩

### ॥ କ୍ରୋଧ ॥



● ଅକ୍ଷୟ ପାତ୍ର

ମୋ ଠୁଁ ମୋ ନିଜକୁ ନପାଇ
କ୍ରୋଧଭରେ ନିରୁଦ୍ଦିଷ୍ଟ ମୋ ନିଜକୁ
ଧିକ୍କାରିଲି ଯେ
ମୁଁ ବୋଲି ଯିଏ ଉପସ୍ଥିତ ଥିଲା
ସେ ବି ଚମକି ପଡ଼ିଲା,
ନିଜ ଅସାର ଉପସ୍ଥିତିକୁ ନେଇ
ସଲ୍ଲଜ ଅନୁଭବ କଲା ।

କ୍ରୋଧଭରେ ନିଜଠୁଁ କେଇହାତ ଘୁଞ୍ଚିଯାଇଁ
ନିଜ ଅସାରତାରେ ନିଜେ
ଆତ୍ମ- ବିମୁଖତାର ନିଆଁ ଚେଙ୍କିଦେଲା,
ହୁତ୍ ହୁତ୍ ଜଳି ଯା' ବୋଲି
ଅପାରଗ ବର୍ତ୍ତମାନକୁ ଆହ୍ୱାନ ଦେଇ
ନିରୁଦ୍ଦିଷ୍ଟ ସତ୍ତାକୁ ଝୁରିହେଲା !

(ଦୁଇ)

ନିଜେ ନିଜଠୁଁ ନିରୁଦ୍ଦିଷ୍ଟ ଥାଇଁ
ଅନାବିଷ୍କୃତ ପରିଚୟକୁ
ବର୍ତ୍ତମାନର ବିବଶତା ଉପହାର ଦେଇ
କେହି କ'ଣ ରହିପାରେ ରୁଷ୍ଟ ନହୋଇ ?

କେହି କ'ଣ ନିଜଠୁଁ ନିଜ ସଂକଳ୍ପ ନପାଇ
ନିଜଠିଁ ନିଜକୁ ସ୍ୱୀକୃତ ନକରାଇ
ଶାନ୍ତିରେ ଜିଇଁପାରେ
ଫମ୍ପା ମଣିଷର ପରିଚୟ ନେଇ ?

(ତିନି)

କ୍ରୋଧହିଁ ତ ନିଜଠିଁ ନିଜକୁ ନପାଇ
ମିଛ 'ମୁଁ' କୁ ସାଥେ ନେଇ
ଜିଇଁବାକୁ ଚାହିଁବି ଜିଇଁ ପାରୁନଥିବା
ଲୋକଟିର ଅର୍ନ୍ତଗତେ ଥିବା
ଜ୍ୱାଳାମୟ କ୍ଷତ;

କ୍ରୋଧ ହିଁ ତ
ନିରୁଦ୍ଦିଷ୍ଟ ନିଜକୁ
ଲେଉଟାଇ ଆଣିବାକୁ
ଗୋଡ଼ କାଢ଼ିଥିବା ଲୋକଟିର ଦ୍ରୋହ-
ଆତ୍ମ- ପ୍ରଣୋଦିତ !

+ ଅଧ୍ୟାପକ, ଇଂରାଜୀ ବିଭାଗ
ହିନ୍ଦୋଳ ମହାବିଦ୍ୟାଳୟ
ଝଜୁରିଆକଟା, ଢେଙ୍କାନାଳ-୨୦

### ॥ ଗୋଟେ କପ୍ ଜୀବନ ॥



● ପ୍ରଶାନ୍ତ କୁମାର ଦାଶ

ହାରିଯିବା କେବେ ସରିଯିବା ନୁହେଁ ସିଦ୍ଧାର୍ଥ
ସେଇଠୁ ହିଁ ସୁରୁହୁଏ
ନୂତନ ସକାଳର ସୂର୍ଯ୍ୟୋଦୟ ।

ସଂପୂର୍ଣ୍ଣ ଜୀବନଟିଏ ଜିଇଁବା ଏତେ ସହଜ ନୁହେଁ
ଦୁଃଖକୁ ହସର ମୁଖା ପିନ୍ଧେଇ ପାରିଲେ ହେଲା ।

ନିଜଠି' ନିଜକୁ ଖୋଜ ସିଦ୍ଧାର୍ଥ
ତା'ଇଁ ତ ପୃଥିବୀର ସର୍ବଶ୍ରେଷ୍ଠ ଆବିଷ୍କାର ।

ଭିନ୍ନ ଭିନ୍ନ ଚରିତ୍ରକୁ
ନିଜ ଭିତରେ ଭୋଗିବାକୁ ହୁଏ ବୋଲିତ
ସଂଳାପ ସବୁକୁ ମୁଖସ୍ଥ କରି
ମଂଚମୁହାଁ ହେବାକୁ ପଡେ,
କେବେ ନାୟକ ଓ
କେବେ ଚରିତ୍ର ଅଭିନେତା ହେଇ ।
ସ୍ୱର୍ଗକୁ ରାସ୍ତା ଖୋଜନି ସିଦ୍ଧାର୍ଥ
ଏଠି ସ୍ୱର୍ଗ ଦିଶେ ବାରବଧୂ ପିଙ୍ଗଳା ପରି,
ଏଠି ସ୍ୱର୍ଗ ମାନେ
ପାଞ୍ଚ ପେଗ୍ ରେଡ୍ ୱାଇନ୍,
ଗୋଟେ ପ୍ୟାକେଟ୍ ସିଗାରେଟ୍
ଓ ରାତି ସାଢ଼େ ଦୁଇଟା ପର୍ଯ୍ୟନ୍ତ
ହ୍ୱାଟ୍ସଅପରେ ନନ୍‌ଭେଜ୍ ଚାଟ୍ ।

ପ୍ରଶ୍ନ ପାଲଟିଗଲେ ଇ
ଜିଇଁବାର ଯେତେ କଳା ଆତ୍ମସ୍ଥ କରିହୁଏ ।

ସବୁ ଘଟଣାର ଶେଷଦୃଶ୍ୟ ଯୁଦ୍ଧ ନୁହେଁ ସିଦ୍ଧାର୍ଥ
ପ୍ରେମରେ ବି ପୃଥିବୀ ଜିଣିହୁଏ ।

ପୂର୍ଣ୍ଣତା କୋଉଠି ଥାଏ ଯଦି ପଚାରୁଛ
ପ୍ରତିଟି ଚୁସ୍କିରେ ଜିଇଁବାର ପୂର୍ଣ୍ଣତା ଥାଏ
ଜୀବନକୁ ଗୋଟେ କପ୍ କରିଦେଲା ପରେ ।

+ ରେଗଡା, ଏମ୍.ରାମପୁର, କଳାହାଣ୍ଡି
(ମୋ) ୭୭୩୫୪୧୯୫୭୩

### ॥ ନିଆଁ ॥



● ବ୍ରଜନାଥ ରଥ

ପାହାଡେ ଲାଗିଛି ନିଆଁ
ନିଆଁ ଜଳେ ଅଭୟାରଣ୍ୟରେ
ନିଆଁର କାହାକୁ ଡର
କାହାକୁ ବା ସିଏ ଭୟ କରେ ?

ଜଳିଯାଏ ଗଛ-ବୃକ୍ଷ
ପଶୁ-ପକ୍ଷୀ, କୀଟ ଓ ପତଙ୍ଗ
ନିଆଁର ଲାଗିଛି ଡେଣା
ଉଡିବୁଲେ ନିଆଁର ବିହଙ୍ଗ ।

ନିଆଁ ଜଳେ ଜନାରଣ୍ୟେ
ସଭ୍ୟତାର ସୌଖିନ- ଶିଖରେ
ନିଆଁରେ ମଣିଷ ଜଳେ
ନିଆଁ ଜଳେ ମଣିଷ ମନରେ ।

ନିଆଁର ଝରଣା ଝରି
ପାହାଡରୁ ବେଗେ ଆସେ ଛୁଟି
କୁହ ଦେଖି ବିଜ୍ଞଜନେ !
ଏ ନିଆଁର ଶେଷ ବା କେଉଁଠି ?

### ॥ ପରିଚୟ ଫର୍ଦ୍ଦ ॥



● ପ୍ରମୀଳା ଶତପଥୀ

ଘର ଭିତରେ ବିକ୍ଷିପ୍ତ ହୋଇ ପଡ଼ିଛି
ଦିନର କ୍ଷତାକ୍ତ ଶରୀର,
ବାହାରେ ଅନ୍ଧାରର ଆଖିରେ
ଲୁହର ଶ୍ରାବଣ,
ମଝିରେ ବୃକ୍ଷର ନିଭନ୍ତ ନିଃଶ୍ୱାସ,

ତାଳୁରୁ ତଳିପା ଯାଏଁ କର୍ଷଣର ବିଜ୍ଞାପନ,
ସମୟର ଦାନ୍ତରେ ଭୟର କମ୍ପନ,
ଶିଶିରର ଓଠରୁ ମରିଯାଇଛି
ଶିହରଣର ରସାଣିତ ହସ,

ଭୋକର ପଞ୍ଜାରେ
ଛଟପଟ୍ ହେଉଛି ଶ୍ୟାମଳ ଶିହରଣ,
କଅଁଳିଆ ଦୂବର ହୃଦୟରେ
ଖଣ୍ଡିଉଡ଼ା ଦେବାର ସ୍ୱପ୍ନ ।

ଧର୍ମର ପାଉଁଶ ତଳୁ
ଈଶ୍ୱର ଅଣ୍ଟାଳି ଚାଲିଛନ୍ତି ସତ୍ୟର ସତୀତ୍ୱ
ସ୍ଥିର ହୋଇଯାଇଛି ଅଗ୍ରସରର ପ୍ରତିଧ୍ୱନି ।
ଛାଇର ହାତରୁ ହଜିଯାଇଛି ସୁନାର କଙ୍କଣ,
ସମ୍ବୋଧନର ବାକ୍ୟରେ ବିଷର ବାସ୍ନା,
ଆକାଶ ବି ହଜେଇ ଦେଇଛି
ଆପଣା ଅସ୍ତିତ୍ୱ,
ହଟିଯାଇଚି ବୃଦ୍ଧ ଅଭୟର ହସ୍ତ,

ପଥର ମୂର୍ତ୍ତୀର ମୁଖରେ ଅବସନ୍ନତାର ଛାପ,
ନିରାଶ୍ରୟତାର ବ୍ୟାକୁଳ ବକ୍ତବ୍ୟ,
ଜହ୍ନ ଛିଣ୍ଡିପଡ଼ିଛି ତା ଠିକଣା ସ୍ଥାନରୁ
ଶୋଷମାନ ଉଭେଇ ଯାଇଛନ୍ତି
ନଈର ଛାତିରୁ ।

ମହମବତୀ ପରି ଜଳି ଚାଲିଛି
ଧନର ଗାମ୍ଭୀର୍ଯ୍ୟ ।
ଘର ଭିତରେ ବିକ୍ଷିପ୍ତ ହୋଇ ପଡ଼ିଛି
ଦିନର କ୍ଷତାକ୍ତ ଶରୀର,

ବାହାରେ ଅନ୍ଧାରର ଆଖିରେ
ଲୁହର ଶ୍ରାବଣ,
ଏହା କ'ଣ ଜୀବନର ପରିଚୟ ଫର୍ଦ୍ଦ... ?

+ ଆଦ୍ୟମନ୍ଦିର, ବାଲିଆ, ବାଲେଶ୍ୱର
(ମୋ) ୯୪୩୭୨୯୫୬୪୮

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୦ ଜୁନ୍, ୨୦୨୧



# ଭୋଜି ଖାଅ, ରୋଗ କିଣ...

## ପ୍ରଦୀପ୍ତ ଆଚାର୍ଯ୍ୟ



ଆଜି ସକାଳୁ ସମୀର ବାବୁଙ୍କ ଉଦାସୀନ ମୁଖ ମଣ୍ଡଳକୁ ଦେଖି କାରଣ ପୁଛନ୍ତେ, ସେ ଯାହା ବର୍ଣ୍ଣନା କଲେ, ତାହା ଏକ ଅଜାଗା ଘାଆ, ନାଁ ଦେଖି ହେଉଛି, ନାଁ ଦେଖେଇ ହେଉଛି। ଆମେ ତ ସୁଅ ମୁହଁର ପତର ମାତ୍ର। ସେ କହିଲେ, ଭାଇ କାଲି ମୋର ବନ୍ଧୁ ସୁଶାନ୍ତ ବାବୁଙ୍କ ପୁଅର ବାହାଘର ଭୋଜି ନିମନ୍ତ୍ରଣ ଥିଲା, କିନ୍ତୁ ମୁଁ ଯାଇ ପାରିଲି ନାହିଁ। ସେ ଟିକିଏ ଖରାପ ଭାବି ଥିବେ, ସେଥିପାଇଁ ମନଟା ଭଲ ଲାଗୁନି। ମୁଁ ପଚାରିଲି, ଅସୁବିଧା କଣ ହେଲା ? ସେ କହିଲେ, ଆପଣ ତ ଜାଣିଛନ୍ତି, କରୋନା ମହାମାରୀ ନିମନ୍ତେ ସରକାର ବୟସ୍କ ବ୍ୟକ୍ତିମାନଙ୍କ ଏକତ୍ରୀକରଣକୁ ବାରଣ କରୁଛନ୍ତି, ତାପରେ ମୋର ପାଚନ ଯନ୍ତ୍ର ଏତେ ଦୁର୍ବଳ ହୋଇ ଯାଇଛି ଯେ ମୁଁ ଗୋଟିଏ ଭୋଜି ଖାଇବା ପରେ ଦୁଇ ତିନି ଦିନ ପର୍ଯ୍ୟନ୍ତ ମୋର ଉଦର ଯନ୍ତ୍ରଣା ଓ ପାଇଖାନା ସମସ୍ୟା ଲାଗି ରହୁଛି। ତୃତୀୟ ଆଉ ସବୁଠାରୁ ବଡ ଅସୁବିଧାଟି ହେଲା, କର ପ୍ରଦାନ। ମୁଁ କହିଲି ବୁଝି ହେଲାନି ସମୀର ବାବୁ । ସେ କହିଲେ କଣ ଏ ସାଧାରଣ କଥାଟା ବୁଝି ପାରୁ ନାହାନ୍ତି। ଗିଫ୍ଟ ପ୍ୟାକେଟ। ଏ ମାସରେ ମୋର ଚତୁର୍ଥ ନିମନ୍ତ୍ରଣ ରକ୍ଷା କରି ସାରିବା ପରେ ଏ ଥିଲା ମୋର ପଂଚମ ନିମନ୍ତ୍ରଣ। ଆପଣ ତ ଜାଣିଛନ୍ତି, ମୁଁ ଜଣେ ସ୍ୱଳ୍ପ ବେତନଭୋଗୀ କର୍ମଚାରୀ, କମ୍ ଅବସରକାଳୀନ ଭତ୍ତାରେ ମୋର ପରିବାର ପ୍ରତିପୋଷଣ କରୁଛି। ବଜାର ଦର ବୃଦ୍ଧି ସାଙ୍ଗକୁ ମୁଦ୍ରାସ୍ଫୀତି, ସମସ୍ୟାକୁ ଆହୁରି ଜଟିଳ କରି ଦେଉଛି। ଆଗରୁ ଖାମ୍ ଭିତରେ ପଚାଶ ଶହେ ପୁରେଇ ଦେଇ ଦେଉଥିଲେ ଚଳି ଯାଉଥିଲା । ଏବେ କିନ୍ତୁ ତାହା ପସନ୍ଦ ଯୋଗ୍ୟ ନୁହେଁ, ପ୍ରେଷ୍ଟିଜ୍ ଲିକ୍ କରିବାର ସମ୍ଭାବନା ବହୁତ ଅଧିକ। ପୂର୍ବ କାଳରେ ଏସବୁ ପ୍ରଥା ନଥିଲା। ଲୋକମାନେ ଶ୍ରଦ୍ଧାରେ ନିମନ୍ତ୍ରଣ କରୁଥିଲେ। ବୋହୂ ମୁଣ୍ଡରେ ଓଢଣା ଦେଇ ବସୁଥିଲା। ହିନ୍ଦୁ ପରମ୍ପରା ଅନୁସାରେ କେହି ବୟସ୍କ ଗୁରୁଜନ ବୋହୂ ଦେଖିବା ବେଳକୁ, ଜଣେ କେହି ବୋହୂ ମୁହଁରୁ ଓଢଣା ଖୋଲି ଦେଉଥିଲା। ବୋହୂ ପ୍ରଣାମ କରିବା ପରେ ଗୁରୁଜନମାନେ ଆଶୀର୍ବାଦ ପ୍ରଦାନ କରି ଯତ୍ କିଂଚିତ ମୁହଁଚୁହାଁ ପ୍ରଦାନ କରୁଥିଲେ। ସାର୍ବଜନୀନ ଦର୍ଶନ ନିଷିଦ୍ଧ ଥିଲା। ଏବେ କିନ୍ତୁ ପରିବର୍ତ୍ତିତ ପରମ୍ପରା । ବୋହୂ ପାର୍ଲରରେ ପ୍ରସାଧନ ସମାପ୍ତି ପରେ ନିଜର ବାସ୍ତବ ସ୍ୱରୂପ ହରାଇ, ଚଳଚିତ୍ର ନାୟିକା ପରି ସୁସଜ୍ଜିତ ମଂଚସ୍ଥିତ ସିଂହାସନରେ ଉପବେଶନ ପୂର୍ବକ, ସର୍ବସାଧାରଣ ଦର୍ଶନ ନିମନ୍ତେ ସଂପୂର୍ଣ୍ଣ ପ୍ରସ୍ତୁତ୍। ନର୍ତ୍ତକୀ ସଦୃଶ୍ୟା ସୁସଜ୍ଜିତା ପାର୍ଶ୍ୱନାୟିକା ମାନେ(ନଣନ୍ଦ, ଝିଆରି, ଭାଣିଜି ଇତ୍ୟାଦି), ଦର୍ଶନ କର ଆଦାୟ ନିମନ୍ତେ, ଲମ୍ୱା ଖାତା, କଲମ ଓ ବଡ ବଡ ଭ୍ୟାନିଟ୍ ଧରି ପ୍ରସ୍ତୁତ୍। ଦର୍ଶନ କର ପ୍ରଦାନ ସମୟର ଦୃଶ୍ୟ ଉତୋଳନ କରିବା ନିମନ୍ତେ କ୍ୟାମେରାମ୍ୟାନ ବି ରେଡି। ଆମେ କୃତ୍ରିମ ସହାସ୍ୟ ବଦନରେ ମଂଚାରୋହଣ କରି, ନବବଧୂ ହସ୍ତରେ ଗିଫ୍ଟ ପ୍ୟାକେଟଟି ଗୁଞ୍ଜିଦେଇ, ସଂପୂର୍ଣ୍ଣ ଦଣ୍ଡାୟମାନ ଠାଣିର ନମସ୍କାର କିମ୍ୱା ଉଗ୍ର ଆଧୁନିକା ହୋଇଥିଲେ କରମର୍ଦ୍ଦନ ପାଇ, କୃତ୍ୟକୃତ୍ୟ ହୋଇ ପ୍ରତ୍ୟାବର୍ତନ କରୁ। ତାଙ୍କ କଥା ଶୁଣି ମୁଁ କହିଲି, ଆପଣ କଣ ଗିଫ୍ଟ ନଦେଲେ କିଏ ବାଧ୍ୟ କରୁଛି ଦେବା ପାଇଁ ? ଏକଥା ଶୁଣି ସମୀର ବାବୁ ହସିକି କହିଲେ, ଭାଇ କିଛି ଗୃହସ୍ୱାମୀ (ସମସ୍ତେ ନୁହେଁ)ଅତିଥିମାନଙ୍କୁ ପ୍ରଥମେ ଆପ୍ୟାୟିତ କରିବା ପୁର୍ବରୁ ବୋହୂ ଦେଖିବା ପାଇଁ, ସାଦରେ ପାଛୋଟି ନେଉଛନ୍ତି ବୋହୂ ବସିଥବା ମଂଚ ନିକଟକୁ। ସେଠାରେ ସମସ୍ତେ ଗିଫ୍ଟ ପ୍ୟାକେଟ ପ୍ରଦାନ କରୁଥିବା ବେଳେ, ଆମେ କିଛି ନଦେଲେ ଉପସ୍ଥିତ ଅନ୍ୟମାନଙ୍କର ବିସ୍ଫାରିତ ନେତ୍ରର ଚାହାଣି, ଆମକୁ ବିବସ୍ତ୍ର କରିଦେବା ପରି ପ୍ରତୀୟମାନ ହେଉଛି। ତାପରେ ଯିବାକୁ ହୁଏ ଡାଇନିଂ ହଲ୍‌କୁ। ସେଠାକାର ବ୍ୟବସ୍ଥା ଓ ଖାଦ୍ୟର ମାନ ଆପଣଙ୍କୁ କଣ କହିବି ? ଆପଣ ତ ଜାଣିଛନ୍ତି। ପୂର୍ବ କାଳର ଘୃତ ମିଶ୍ରିତ ଉସୁନା ଚାଉଳର ଅନ୍ନ, ମୁଗଡାଲି, ପଣସକଠା ଡାଲମା, ପତଳା ଝୋଳର ମାଛ ତରକାରୀ ଆଉ ନାହିଁ। ଏବେ ମଟନ୍, ଚିକେନ୍, ଚିଙ୍ଗୁଡି, ପନିର୍, ଛତୁରେ ପରିବା ତରକାରୀର ସତ୍ତା ବିଲୁପ୍ତ। ନକଲି ତେଲ, ନକଲି ମସଲା, ନକଲି ସସ୍‌ରେ ପ୍ରସ୍ତୁତ ରଙ୍ଗୀନ କରିର ସ୍ୱାଦ, ଶରୀର ପାଇଁ କେତେ ହିତକାରୀ, ତାହା ସମସ୍ତେ ଉପଲବ୍ଧି କରିଥିଲେ ମଧ୍ୟ ଆଧୁନିକ ସାମାଜିକ ଚଳଣି ଦୃଷ୍ଟିରୁ ଏ ବ୍ୟବସ୍ଥାରୁ ଓହରିବା ମଧ୍ୟ ଅସମ୍ଭବ। ତେଣୁ ଆମେ ବିଷ ଖାଇ ରୋଗ କିଣିବାକୁ ବାଧ୍ୟ। ତାପରେ ଅତିଥିମାନଙ୍କ ଚର୍ଚ୍ଚା ହୁଏ, ସ୍ୱୟଂ ସେବା ମାଧ୍ୟମରେ। ହାତରେ କାଗଜ ଥାଳି ଖଣ୍ଡିଏ ଧରି, ଲମ୍ୱା ଧାଡିରେ ଅପେକ୍ଷା କରିବାକୁ ହୁଏ ଖାଦ୍ୟ ସଂଗ୍ରହ ନିମନ୍ତେ। ଶାରୀରିକ ସାମର୍ଥ୍ୟ ନଥିବା ବୟସ୍କ ବ୍ୟକ୍ତି ଏବଂ ଛୋଟ ପିଲାଙ୍କ ଅବସ୍ଥା ବର୍ଣ୍ଣନାତୀତ। ଖାଦ୍ୟ ପରିବେଷଣ କରୁଥିବା ପିଲାଙ୍କ ପାଖରେ ପହଂଚିଗଲେ, ସେ ଯେତିକି ପରିମାଣର ଖାଦ୍ୟ ପତ୍ରରେ ଦିଅନ୍ତି, ସେଥିରେ ଯଦି ଜଣେ ଏକାଥରକେ ସନ୍ତୁଷ୍ଟ ହେଲାତ ଭଲ କଥା, ନଚେତ ଦ୍ୱିତୀୟ ଥର ଆଣିବାକୁ ଗଲେ ଲମ୍ୱା ଧାଡିରେ ଯାଇ ଠିକଣା ଯାଗାରେ ପଂହଚିବା ବେଳକୁ, ପ୍ରଥମଥରର ଖାଦ୍ୟ ହଜମ ହୋଇଯାଇଥିବ ଏବଂ ଆପଣଙ୍କ ସାର୍ଟ, ତିନି ଚାରି ଯାଗା ଉଚ୍ଛିଷ୍ଟର ଚିହ୍ନ ବହନ କରି ସାରିଥିବ। ସ୍ୱାଭିମାନୀ ଭଦ୍ରଲୋକ ପ୍ରାୟ ଦ୍ୱିତୀୟ ଥର ଆଣିବାକୁ ନଯାଇ ଅଧା ପେଟରେ ଘରକୁ ଫେରନ୍ତି। ସମୀର ବାବୁଙ୍କ ସୁଦୀର୍ଘ ଭାଷଣ ଶୁଣିସାରିବା ପରେ ତାଙ୍କୁ କହିଲି, ଭାଇ ଶୁଣନ୍ତୁ, ଆପଣ ଯାହା କହିଲେ ବିଷ ଖାଉଛେ ଏବଂ ରୋଗ କିଣୁଛେ, ତାହା ଅନେକାଂଶରେ ଠିକ୍ ହୋଇପାରେ, କିନ୍ତୁ ଗିଫ୍ଟ ପ୍ୟାକେଟ୍ ଦେବାଟା ଗୋଟିଏ ଶ୍ରଦ୍ଧାର କଥା। ଜଣେ ଶ୍ରଦ୍ଧାରେ ନିମନ୍ତ୍ରଣ କଲେ, ଆମେ କିଛି ଉପହାର ଦେବା ବିଧେୟ। ସାଙ୍ଗେ ସାଙ୍ଗେ ସମୀର ବାବୁ କହିଲେ, ଯେଉଁ ଲୋକ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରି ପୁତ୍ର କିମ୍ୱା କନ୍ୟାର ବିବାହ ସଂପାଦାନ କରୁଛି, ସେ କଣ ଏଇ ଗିଫ୍ଟକୁ ଚାହିଁଛି। କିନ୍ତୁ ମୋର ଅନୁମାନ ହେଉଛି, ଶ୍ରଦ୍ଧାର ଭୋଜିଟା ଧୀରେ ଧୀରେ ବ୍ୟବସାୟିକ ଭୋଜି ଆଡକୁ ମୁହାଁଉଛି। ପରମ୍ପରା କ୍ଷୁର୍ଣ୍ଣ ହେଉଛି। ମୋ ମତରେ ଗିଫ୍ଟଟା, କପ୍‌ପ୍ଲେଟ୍, ଆଲବମ୍, କାନ୍ଥଘଂଟା, ଟଙ୍କା ଇତ୍ୟାଦି ନହୋଇ କୌଣସି ମହାପୁରୁଷଙ୍କ ଜୀବନି ବା କୌଣସି ମହାନ୍ ନାରୀ ଚରିତ୍ର ଉପରେ ଉପାଦେୟ ପୁସ୍ତକ ଖଣ୍ଡେ ହେଲେ ହୁଏତ ତାହା ଦାମ୍ପତ୍ୟ ଜୀବନ ନିର୍ବାହ କରିବା ନିମନ୍ତେ କିଛି ନୈତିକ ତଥ୍ୟ ପ୍ରଦାନରେ ସହାୟକ ହୋଇ ପାରନ୍ତା। କୌଣସି ଗୋଟିଏ ଦୀର୍ଘଜିବୀ ଉପାଦେୟ ଔଷଧୀୟ ବୃକ୍ଷ ଉପହାର ଦେଲେ, ତାହା ପରିବେଶ ରକ୍ଷାରେ ସହାୟକ ହେବା ସଙ୍ଗେ ସଙ୍ଗେ ସ୍ମରଣୀୟ ମଧ୍ୟ ହୋଇପାରନ୍ତା। ଆପଣ କଣ କହୁଛନ୍ତି କୁହନ୍ତୁ ନାଁ ? ମୁଁ କହିଲି ଦେଖନ୍ତୁ ସମୀର ବାବୁ ଏକଥା କହିବା ଯେତିକି ସହଜ, କରିବା ସେତିକି ସହଜ ନୁହେଁ। କାରଣ ଏକାର୍ଯ୍ୟ କିଏ ଆରମ୍ଭ କରିବ , କିପରି ଆରମ୍ଭ କରିବ, ତାହା କେତେଦୂ ର ଫଳପ୍ରଦ ହେବ, ତାହା ସନ୍ଦୀହାନ। ପ୍ରଥମେ କିଛି ସମଭାବାପନ୍ନ ବନ୍ଧୁ ଉପହାର ଗ୍ରହଣ ନକରି ଆଦର୍ଶ ସୃଷ୍ଟି କରିବା ଆବଶ୍ୟକ। ତାପରେ ଏହା ହୁଏତ ଅନ୍ୟମାନଙ୍କୁ ପ୍ରଭାବିତ କରିପାରେ। ନଚେତ୍ ଆମେ ତ ସୁଅ ମୁହଁର ପତର। ସ୍ରୋତର ବିପରୀତ ଦିଗରେ ଗତି, କେତେ ସମ୍ଭବ ହେବ, ତାହା ସମୟ ହିଁ କହିବ !

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, ଈଶାଣୀ ବ୍ରହ୍ମପୁର,କଟକ,
ମୋ-୬୩୭୧୫୯୩୨୨୦

ଧାରାବାହିକ ଉପନ୍ୟାସ

# ନାତି

ଡ. ରତିକାନ୍ତ ବେହେରା
କୃଷ୍ଣନଗର, ଅଙ୍ଗାରଗଡିଆ, ବାଲେଶ୍ୱର, (ମୋ)୯୪୩୯୪୪୨୯୪୨



ଅନୁଭବ ଏବଂ ଅନୁଭୂତି ପୂର୍ଣ୍ଣତଃ ବ୍ୟକ୍ତିଗତ ହେଲେ ବି, ଏକ ସାର୍ବଜନୀନ ଆବେଦନ ଏହାର ଅନ୍ତର୍ନିହିତ ଭାବବସ୍ତୁ । ଘଟଣା ସହିତ ପ୍ରତ୍ୟକ୍ଷ ଜଡ଼ିତ ହୋଇ ପଡ଼ିଥିବା ଚରିତ୍ରମାନେ ଏହାକୁ ପାଠ କଲା ପରେ ହୁଏତ ଲୁହ ଗଡ଼େଇବେ । ବାସ୍ତବତା ପରିପ୍ରେକ୍ଷୀରେ ସେମାନଙ୍କ ପ୍ରତି ମୁଁ ଅତ୍ୟନ୍ତ କଠୋର ହୋଇଥିବା ଉପଲବ୍ଧି କରିବେ । କିନ୍ତୁ ନିଛକ କଳା ବା ସାହିତ୍ୟ ରୂପେ ଏହାକୁ ଗ୍ରହଣ କରିନେଲେ ବୋଧହୁଏ ତାଙ୍କ ଆତ୍ମାକୁ କଷ୍ଟ ଲାଗିବ ନାହିଁ, ବରଂ ଶାନ୍ତି ମିଳିବ । - ଲେଖକ



ଭାଗ-୩୨
(ପୂର୍ବ ପ୍ରକାଶିତ ଉତ୍ତାରୁ..)

"ହଉ, ଫୋନ୍ ରଖ । କାଲି ପାଇଁ ମୁଁ ବ୍ୟବସ୍ଥା ଦେଖୁଛି ।" ଦୀନନାଥ ଖୁସିରେ ବିଭୋର ହୋଇ ପଡ଼ିଲେ । କଳ୍ପଲତା ଆସି ପାଖରେ ଛିଡ଼ାହୋଇ ପଚାରିଲେ -

"କ'ଣ ହେଲା ?"

"ନାତିର ରକ୍ତ ନମୁନା ଯାହା ଏକ ବିଶେଷ ଧରଣର ପରୀକ୍ଷା ପାଇଁ ଦିଲ୍ଲୀ ପଠାଯାଇଥିଲା, ତା'ର ରିପୋର୍ଟ ଆସିଗଲା ଏବଂ ସବୁ ଠିକ୍‌ଠାକ୍ ଅଛି ବୋଲି ଶୁଭ ଫୋନ୍‌ରେ କହିଲା । ମୁଁ କହୁ ନ ଥିଲି, ନାତି ଆମର ଶତପ୍ରତିଶତ ଠିକ୍ ଅଛି ବୋଲି ? ତା'ର ପ୍ରାଥମିକ ସୁସ୍ଥତା ଏଇ ରକ୍ତ ରିପୋର୍ଟ, ଯାହା ସବୁ ଦୃଷ୍ଟିରୁ ଠିକ୍ ଅଛି । ଆସନ୍ତାକାଲି ଶୁଭଦା ଯିବ କଟକ, ତା' ପୁଅ ପାଖକୁ ।" - ବିହ୍ୱଳିତ କଣ୍ଠରେ କହିଲେ ଦୀନନାଥ ।

"ତା'ର ରକ୍ତ କ'ଣ ଏଇଠି, ମାନେ କଟକରେ ପରୀକ୍ଷା ହୋଇ ପାରିଲା ନାହିଁ, ଦିଲ୍ଲୀ ପଠେଇଲେ ?"

"ତଳ ଡାକ୍ତରଖାନାରୁ ରୋଗୀ ସେଠାକୁ ଯିବା ଅର୍ଥ ତାକୁ ଗୁରୁତ୍ୱଦେଇ ବିଚାର କରାଯାଏ । ତା'ଛଡ଼ା ଚିକିତ୍ସା ବିଜ୍ଞାନରେ ଯାହା ଉନ୍ନତି ସାଧିତ ହୋଇଛି ବୋଲି କୁହାଯାଉଛି, ପ୍ରକୃତ ଓଡ଼ିଶାରେ ତାହା ବିରଳ ।" - କହୁ କହୁ ଦୀନନାଥ ଫୋନ୍ ଲଗେଇଲେ ମଣ୍ଟୁ ଗାଡ଼ିବାଲା ପାଖକୁ ; ଯିଏ ଦୀନନାଥଙ୍କୁ ଦରକାର ବେଳେ ଗାଡ଼ି ଯୋଗାଇ ଦେଇଥାଏ । ମଣ୍ଟୁ ଫୋନ୍ ଉଠେଇଲା ।

"କାଲି ସକାଳେ, ଠିକ୍ ସାତଟା ବେଳେ ଝିଅ ଥିବା ନର୍ସିଂହୋମ୍‌ରେ ଗାଡ଼ି ଲଗେଇବୁ ମଣ୍ଟୁ । ସେଠୁ ଝିଅ ଜ୍ୱାଇଁ କଟକ ଯିବେ ।"

"ଆଜ୍ଞା !" - ସେପଟୁ ମଣ୍ଟୁ ଜଣେଇଲା ।

ଦୀନନାଥ ଫୋନ୍ କାଟି ଭବେଶକୁ ଲଗେଇଲେ ।

"ହଁ ବାପା ! କୁହନ୍ତୁ !"

"ଶୁଭ ତୁମକୁ ଫୋନ୍ କରିଥିଲା ?"

"ହଁ ବାପା ! କାଲି ଶୁଭଦା କଟକ ଯିବା କଥା କହୁଥିଲେ । କିନ୍ତୁ ଏ ପର୍ଯ୍ୟନ୍ତ ଏ ଜାଣି ନାହାନ୍ତି ଯେ, ପୁଅ କଟକ ନର୍ସିଂହୋମ୍‌ରେ ଅଛି ବୋଲି । ଏବେ ସୁଦ୍ଧା ତ କୁହାଯାଇନାହିଁ । କେମିତି କ'ଣ କୁହାଯିବ, ଆପଣଙ୍କୁ କେବଳ ଅପେକ୍ଷା । ଆଜି ରାତିରେ ଜଣେଇଦେବେ ନା କାଲି ସକାଳେ ?"

ଅନ୍ୟ ଏକ ସଂକଟ ଆସି ଛିଡ଼ା ହେଲା ଦୀନନାଥଙ୍କ ସାମ୍ନାରେ । ଶୁଭଦାକୁ ଏ ପର୍ଯ୍ୟନ୍ତ ଧାରଣା ଦିଆଯାଇଛି ଯେ, ପୁଅ ଏଇ ମେଡ଼ିକାଲ୍‌ରେ ଏସ୍.ଏନ୍.ସି.ୟୁ. ଭିତରେ ଅଛି । ରାତିରେ ତାକୁ ଯଦି କୁହାଯିବ, ପୁଅ କଟକରେ ଅଛି ଏବଂ ତାକୁ କଟକ ଯିବାକୁ ହେବ, ତାହେଲେ ସେ ହୁଏତ ରାତିସାରା ଶୋଇ ନପାରେ । ତେଣୁ କହିଲେ -

"ନାଇଁ, କାଲି ସକାଳେ ମୁଁ ନିଜେ ଯାଇ ଶୁଭଦାକୁ ଏ ବିଷୟରେ ଜଣେଇବି । ଗାଡ଼ିବାଲାକୁ କହିଦେଇଛି, ସେ ସାତଟା ସୁଦ୍ଧା ନର୍ସିଂହୋମ୍ ସାମ୍ନାରେ ଗାଡ଼ି ଲଗେଇବ । ଏଥିପୂର୍ବରୁ ତୁମେ ସବୁ ପ୍ରସ୍ତୁତି ସାରିଥିବ । ଶୁଭଦାକୁ କେବଳ ଏତିକି କହିବ ଯେ, କାଲି ସେ ନର୍ସିଂହୋମ୍‌ରୁ ରିଲିଭ୍ ହୋଇପାରେ ! କାଲି ସାତଦିନ । ଆଚ୍ଛା, ତୁମେ କିଛି ତାଙ୍କୁ କହି ନ ଥାଅ । କେବଳ ମାଡ଼ାମ୍‌ଙ୍କୁ କହିଦିଅ, କାଲି ସକାଳେ ରିଲିଭ୍ ହେବାପାଇଁ ।"

ଏହାପରେ ମନର ଆବେଗଜନିତ ଉତ୍ତେଜନାରେ ଦୀନନାଥ କିଞ୍ଚିତ୍ ଗରମ ଅନୁଭବ କଲେ । ଫ୍ୟାନ୍ ପବନ ବଡ଼ ଅସ୍ୱସ୍ତିକର ବୋଧହେଲା ତାଙ୍କୁ । ଟିକେ ମୁକ୍ତ ପବନ ଆବଶ୍ୟକ । ବୟସାଧିକ୍ୟ ସତ୍ତ୍ୱେ ବି ସେ ଖେପାମାରି ପାହୁଚଗୁଡ଼ିକ ଅତିକ୍ରମ କରିଯାଇ ପହଞ୍ଚିଲେ ଛାତ ଉପରେ । ବାସନ୍ତିକ ସଂଧ୍ୟା ଓ ମୃଦୁମଳୟ ପବନ ତାଙ୍କ ଦେହ ମନକୁ ପୁଲକିତ କରି ପକେଇଲା । ପଶ୍ଚିମ ଆକାଶରେ ପଞ୍ଚମୀ ତିଥିର ବାଙ୍କୁଲି ଜହ୍ନ ଭିନ୍ନ ଏକ ଆବେଗରେ ତାଙ୍କୁ ଉଲ୍ଲସିତ କଲା । ଫୋନ୍‌ରେ କଥା ହୋଇ ତଳୁ ଯେଉଁ ଆନନ୍ଦ ଟିକକ ନେଇ ଆସିଥିଲେ, ତା'ର ଉଦ୍‌ବେଳନ ତଥାପି ମନରୁ ଲିଭି ନଥିଲା, ଉଚ୍ଚାଟିତ କରୁଥିଲା ଦେହ ମନ । ଆଖିବୁଜି ଆରାମ ଚଉକିରେ ପଡ଼ି ରହିଲେ ସେ ସ୍ଥିର ହୋଇ ।

ପ୍ରାୟ ଏକ ସପ୍ତାହ ଧରି ଲାଗି ରହିଥିବା ପରିସ୍ଥିତି ଏବେ ହାଲୁକା ହୋଇ ଯାଇଛି । ଆଶା ଆଶଂକା ଭିତରେ ଆନ୍ଦୋଳିତ ହେଉଥିବା ଦୁଇଟି ପରିବାର ଅସଂଭବ ପ୍ରକାରେ ମୁକୁଳି ଯାଇଛନ୍ତି ଗୋଟିଏ ସଂଭାବିତ ବିପଦ ମୁହଁରୁ । କାଲି ସକାଳେ ଶୁଭଦା ଯିବ କଟକ, ପୁଅ ପାଖକୁ । ତା'ଠୁଁ କ୍ଷୀର ଖାଇଲେ, ତା' କୋଳର ଉଷୁମ ପାଇଲେ ସେ ଆହୁରି ସୁସ୍ଥ ହୋଇ ଉଠିବ । ସେଣିକି ସବୁ ଠିକ୍‌ଠାକ୍ ହୋଇଯିବ, ସ୍ୱାଭାବିକ ଗତି କରିବ ସମୟ । ଏଥିପାଇଁ କାଳିଆର ଅପାର କରୁଣା ମନେ ପକେଇ ଥମ୍ ଥମ୍ ହୋଇଗଲେ ସେ । ଯାହା କିଛି ମଂଗଳ ହୋଇଛି, ଭଲ ହୋଇଛି, ତାହା କେବଳ ତାଙ୍କରି କୃପାରୁ ।

ପାଖାପାଖି ତିନିବର୍ଷ ତଳେ ଶୁଭଦାର ବାହାଘର ଯେମିତି ଏକ ଅଚାନକ ନାଟକୀୟ ଭଂଗୀରେ ସ୍ଥିର ହୋଇ ଯାଇଥିଲା, ତାହାଥିଲା ସେହି କାଳିଆର କୃପା ଆଉ କରୁଣା ।

ସେ ପର୍ଯ୍ୟନ୍ତ କୌଣସି ପୂର୍ବସୂଚନା ନ ଥାଇ, ହଠାତ୍ ଦିନେ ଅପିରିଚିତ ନମ୍ବରରୁ ଫୋନ୍ ପାଇଲେ ଦୀନନାଥ । ସେ ପାଖରୁ ଦେବାନନ୍ଦ ବାବୁ ଫୋନ୍ କରୁଥିଲେ ଏବଂ ପ୍ରସ୍ତାବ ରଖିଥିଲେ ଝିଅ ବାହାଘର ପାଇଁ । ସେତେବେଳେ ଶୁଭଦା ଏମ୍.ଫିଲ୍.ରେ ଆଡ଼ମିସନ୍ ନେଇଥିଲା । ତଥାପି ତା'ର ବାହାଘର କରିବେ ବୋଲି ରାଜିହେଲେ ଦୀନନାଥ । ହେଲେ ଦେବାନନ୍ଦ ବାବୁ ଘରକୁ ଯାଇ ଫେରିଲେ ଯାହା କିଛି ଜବାବ ଦେବେ । ଆଉ ଯେଉଁଦିନ ଦେବାନନ୍ଦ ବାବୁଙ୍କ ଘରକୁ ଯାଇଥିଲେ ଜଣେ ବଂଧୁଙ୍କ ସହିତ ପ୍ରସ୍ତାବ ନେଇ, ସେତେବେଳେ କେମିତି ଏକ ବାସ୍ନାରେ ମୋହିତ ହୋଇ ପଡ଼ିଥିଲେ ଦୀନନାଥ ବାବୁ । ଘର ଭିତରୁ ତୁଳସୀ ଦୟଣାର ବାସ୍ନା ଆସି ବାଜିଥିଲା ତାଙ୍କ ନାକରେ । ଆଚମ୍ବିତ ହୋଇଥିଲେ ସେ ସେତେବେଳେ । ସାଂଗରେ ଥିବା ଶୁକଦେବ ବାବୁ ଅବଶ୍ୟ ଏ ସବୁ କିଛି ଜାଣିପାରୁ ନଥିଲେ । ସମସ୍ତଙ୍କୁ ଅନାଘ୍ରାତ ଅଥଚ ତାଙ୍କୁ ଘ୍ରାଣ ଦେଉଥିବା ଏ ନିଆରା ବାସ୍ନାରେ ସେ ମୋହିତ ହୋଇପଡ଼ିଥିଲେ ତତ୍‌କ୍ଷଣାତ । ଚାହାପାନ ଅନ୍ତେ ଦେବାନନ୍ଦ ବାବୁ ତାଙ୍କ ଘର ବୁଲେଇ ଦେଖଉ ଦେଖଉ ଦେଖେଇ ଦେଇଥିଲେ ଠାକୁର ଘର, ଯାହା ଶ୍ରୀମନ୍ଦିରର ଭ୍ରମ ସୃଷ୍ଟି କରିଥିଲା ଦୀନନାଥଙ୍କ ମନରେ । ବେଦୀ ଉପରେ ଦାରୁ ନିର୍ମିତ ତିନି ବିଗ୍ରହ ବିରାଜିତ ! ଦଣ୍ଡେ ବିସ୍ମିତ ହୋଇ ପଡ଼ିଲେ ଦୀନନାଥ, ପ୍ରକୃତରେ ସେ କେଉଁଠି ଛିଡ଼ା ହୋଇଛନ୍ତି ? ଗର୍ଭଗୃହ ସାମ୍ନାରେ ନା ଭୋଗମଣ୍ଡପରେ ? ଅସ୍ପଷ୍ଟ ହୋଇ ପଡ଼ିଲା ଚେତନା, ଚକ୍ଷୁ ହେଲା ମୁଦ୍ରିତ, ଭାବ ଗଦ୍‌ଗଦ୍ କଣ୍ଠ ହେଲା ରୁଦ୍ଧ, ଶବ୍ଦ ହଜିଗଲା ଜିହ୍ୱାଗ୍ରରୁ ।

ବାସ୍, ତା'ପରେ ଘରେ ଆଉ ଯାହା ଯାହା ଦେଖୁଥିଲେ ସାଜସଜ୍ଜା, ଦେବାନନ୍ଦ ବାବୁ ବୁଲି ବୁଲି ଦେଖେଇ ଦେଉଥିଲେ, ସେଗୁଡ଼ିକ ଦେଖି ମଧ୍ୟ ଦେଖିପାରୁ ନଥିଲେ ଦୀନନାଥ । ସଂଭବତଃ ସବୁଗୁଡ଼ିକ କେମିତି ଅସ୍ପଷ୍ଟ ଦିଶୁଥିଲା ତାଙ୍କୁ । ସାରାଜୀବନ କାଳିଆକୁ ଡାକି ଡାକି କୌଣସି ସଂକଟକୁ ସଂକଟ ବୋଲି ମଣି ନାହାନ୍ତି ଦୀନନାଥ ଏ ଯାବତ୍ । ସେଥିପାଇଁ ସେ ଦୃଢ଼ୋକ୍ତି କରୁଥିଲେ ନାତି ତାଙ୍କର ଠିକ୍ ଅଛି । ଶତପ୍ରତିଶତ ଠିକ୍ ଅଛି । ହେଲେ ତାଙ୍କର ଏହି ଦୃଢ଼ୋକ୍ତି କାହା ଭିତରେ ପ୍ରତ୍ୟୟ ଆଣୁଥିଲା କି ନାହିଁ କେଜାଣି !

ବାସ୍, ସେଦିନ ଦେବାନନ୍ଦଙ୍କ ଘରୁ ଫେରିଲା ପରେ ଆଉ କୌଣସି କଥା ବିଚାରକୁ ନ ନେଇ ସେ ବାହାଘର କରିବାର ଦୃଢ଼ ପ୍ରତିଶ୍ରୁତି ଜଣେଇ ଦେଇଥିଲେ, ଯଦିଓ ଆହୁରି ଅନେକ କିଛି ପ୍ରସ୍ତାବ ଶୁଭଦା ପାଇଁ ରହିଥିଲା ! ଘର ଲୋକଙ୍କ କଥାରେ ଟିକେ ବି ଚଳି ନଥିଲେ ସେ । କେବଳ ଏକମାତ୍ର କଥା ତାଙ୍କ ମନକୁ ଆସୁଥିଲା, ଯେଉଁ ଘରେ କାଳିଆ ମୂରବୀ, ସେ ନିଜେ ହିଁ ପ୍ରସ୍ତାବ ପଠେଇଛନ୍ତି ଶୁଭଦାର ବାହାଘର ପାଇଁ, କେମିତି ସେ ଏଡ଼ିଦେଇ ପାରନ୍ତେ ! କେତେ ସଂପର୍କୀୟ ଓ ବଂଧୁବାଂଧବ ଆଉ କେତେ କେତେ ପ୍ରସ୍ତାବ ନେଇ ଆସି ପହଞ୍ଚିଥିଲେ ତାଙ୍କ ପାଖରେ, ସମସ୍ତଙ୍କୁ ସେ ବିମୁଖ କରି ନିଜ କଥାରେ ଅଟଳ ରହିଥିଲେ ।

ଆଜି ନାତି ଜନ୍ମର ଛ'ଦିନ, ଅର୍ଥାତ୍ ଷଠୀଘର । ନାମକରଣ ଦିବସ । ପ୍ରଥା ଅନୁଯାୟୀ ତା'ର ଆଜି କୋଷ୍ଠୀ ଗଣନା ହୋଇଥାନ୍ତା, ଜନ୍ମଜାତକ ତିଆରି ହୋଇଥାନ୍ତା । ଏଥିପାଇଁ ନାହାକ ଆସିଥାନ୍ତେ ! ହେଲେ ସେ ସବୁ କିଛି ଦେଲା ନାହିଁ । ବିଜ୍ଞାନ କେବେ ଆଧୁନିକ ଯୁଗର ମଣିଷ କାନରେ ମନ୍ତ୍ର ଫୁଙ୍କି କହି ନ ଥିଲା, ସଂସ୍କୃତି ଓ ପରଂପରାକୁ ଭୁଲିଯିବା ପାଇଁ । ତଥାପି ଦୀନନାଥଙ୍କ ନାତିର ଆଜି ନାମକରଣର ଦିବସ, ତା'ର ନାମକରଣ କରିବା ଆଜି ଏକାନ୍ତ ଆବଶ୍ୟକ । ନାମକରଣ କରିବାକୁ ହିଁ ହେବ । ଏ କାମଟିକୁ ସେ ନିଜେ ହିଁ କରିଦେବେ । ନ ଆସୁ ପଛେ ନାହାକ, ପୂଜିତ ନ ହେଉ ପଛେ ନୂଆ ଲିଖନ !

ଦୀନନାଥ ଦଣ୍ଡେ ଚିନ୍ତା କଲେ । କ'ଣ ରଖିବେ ସେ ନାତିର ନାଁ ? ହଠାତ୍ ମନ ଭିତରେ ଉଦ୍‌ଭାସିତ ହେଲା ନାଁଟିଏ 'ସୁମନ' । କାଳିଆର ଆଶୀର୍ବାଦ ଫୁଲ ହୋଇ ପ୍ରସ୍ଫୁଟିତ ହୋଇଛି ଯାହା ଶୁଭଦା କୋଳରେ, ସେ ହିଁ ସୁମନ, ଶ୍ରଦ୍ଧା ସୁମନ । ତେଣୁ ଅଜା ବୋଲି ସେ ତା'ର ନାଁ ରଖିଲେ ସେହି ଛାତ ଉପରେ ଏକା ବସି ବସି, ଯେଉଁଠି ପ୍ରକୃତି ସ୍ୱତଃ ଦୀପଟିଏ ଜାଳି ଦେଇଥିଲା ବାଙ୍କୁଲି ଜହ୍ନରେ, ପଶ୍ଚିମ ଆକାଶରେ । କାଳିଆର ଶ୍ରଦ୍ଧାସୁମନ, ଶୁଭଦାର ଶ୍ରଦ୍ଧା ସୁମନ, ଭବେଶର ଶ୍ରଦ୍ଧା ସୁମନ ଓ ସର୍ବୋପରି ଦୁଇ ପରିବାରରେ ଶ୍ରଦ୍ଧାସୁମନ ।

ନାମକରଣ ତ ସରିଗଲା । ପ୍ରଥମେ ଏ ନାମଟିକୁ କାହାକୁ ଜଣେଇ ଚକିତ କରିବେ, କାହାକୁ ? ମନେ ପଡ଼ିଗଲେ ଦେବାନନ୍ଦ ବାବୁ, ସମୁଦି । ଫୋନ୍ ଲଗେଇଲେ ।

ସେତେବେଳେ ଦେବାନନ୍ଦ ବାବୁ ନିଜ ଘର ଭିତରେ ମନ୍ଦିର ସଦୃଶ ଠାକୁର ଘରୁ ପୂଜା ସାରି ଉଠି ଆସିଥିଲେ । ଦୀନନାଥଙ୍କର ଫୋନ୍ ପାଇ ପହିଲେ ଦେବାନନ୍ଦ ବାବୁ ପଚାରିଲେ -

"ହାଲୋ ସମୁଦି ! କେମିତି ଅଛନ୍ତି ?"

"ଛାତ ଉପରେ ବସି ବସି ଏଇ ଜହ୍ନର ଦୀପାଳି ଦେଖୁଥିଲି । ଆଉ ଆପଣ ?"

- ପଚାରିଲେ ଦୀନନାଥ ।

"ଠାକୁରଙ୍କ ପାଖରେ ଏଇ ସଂଧ୍ୟା ଧୂପ ସାରି ବାହାରୁଛି ।"

"ଆଜି ନାତି ଜନ୍ମର ଛ'ଦିନ, ଅର୍ଥାତ୍ ଷଷ୍ଠୀଘର । ସ୍ମରଣ ଥିବ ନିଶ୍ଚୟ ।"

"ଅବଶ୍ୟ । କିନ୍ତୁ ତାହା ତ ସମ୍ଭବ ନୁହେଁ । ଗାଁକୁ ଖବର ପଠେଇଥିଲି, ରବି ନାମକୁମାତ୍ର ଲିଖନ ପୂଜା କରିଦେଇଛି । ଜାତକ କର୍ମ ପରେ କରାଯାଇ ପାରିବ । ଅକାଳେ ନିୟମ ନାସ୍ତି ।"

"ହେଲେ ମୁଁ ଏଇ ଜହ୍ନର ଦୀପାଳୀ ତଳେ ତା'ର ନାମକରଣ କରିଦେଇଛି ।" - ଆଗ୍ରହରେ କହିଲେ ଦୀନନାଥ ।

"କ'ଣ ରଖିଲେ ନାତିର ନାଁ ?" - ପଚାରିଲେ ଦେବାନନ୍ଦ ବାବୁ ।

"ସୁମନ । ଶ୍ରଦ୍ଧା ସୁମନ ।"

"ମୁଁ ତ ସେହି ସମାନ ନାଁଟିରେ ନାତିର ନାମକରଣ କାର୍ଯ୍ୟ ସାରି ଦେଇଛି କାଳିଆ ପାଖରେ । ଯଦିଓ ଆଗରୁ ଶଂକର ବୋଲି ରଖିଥିଲି । ତେବେ ତାକୁ ବଦଳେଇ ଏଇ ନାଁ ରଖିଛି ।"(କ୍ରମଶଃ)

ଅଣୁ ଗଳ୍ପ

# କଙ୍କି ଧରଣ, ମାଆ ......



## ନନ୍ଦିତା ମହାନ୍ତି

କାଲି ସାବିତ୍ରୀ-ବ୍ରତ । ଫଳ କିଣିବା ପାଇଁ ମୁଁ ଅଟକିଗଲି ମସଜିଦ ଛକ ପାଖରେ । ଲକଡାଉନ ପାଇଁ ସକାଳ ଏଗାର ବାଜିଲେ ଦୋକାନବଜାର ସବୁ ବନ୍ଦ ହୋଇଯିବ। ସେଥିପାଇଁ ଚାରିଆଡେ ହାଉଜାଉ ଭିଡ । ସରକାରୀ କଟକଣାକୁ 'ଫୁଃ' କରି ରାଜଧାନୀ ରାଜରାସ୍ତାରେ ଗାଡିମଟରର ସୁଅ । ମୁଁ ରାସ୍ତାକଡ ଠେଲାବାଲା ପାଖରେ ଅଟକିଲି। ଦାମ ସବୁ ଆକାଶ ଛୁଆଁ । କଦଳୀ ଡଜନ ଶହେ , ଦେଶୀ ଆମ୍ବ କିଲୋ ଶହେ , ଲିଚୁ କିଲୋ ତିନିଶ । ଦାମ ଯେତେ ହେଲେ ବି ନ କିଣି ଚାରା ନାହିଁ । ସବୁଥିରୁ କିଛି କିଛି କିଣିଲି। ହଠାତ ମୋ ଆଖିରେ ପଡିଲା ହଳଦୀ ଗୁରୁ ଗୁରୁ କରମଙ୍ଗା । ପାକଲା ବୁଢାଟିଏ ରାସ୍ତା କଡରେ ଗୋଟେ ବଡ ଅଖା ପାରି କୁଢେଇଥିଲା ପାଚିଲା କରମଙ୍ଗା । ମୋର ରାଜଧାନୀରେ ଏତେ ବର୍ଷର ରହଣି ଭିତରେ ମୁଁ କେବେ ହେଲେ କରମଙ୍ଗା ବିକ୍ରି ହେବାର ଦେଖି ନ ଥିଲି । କହିବାକୁ ଗଲେ ମୋ ଆଖିରେ କେବେ ପଡି ନଥିଲା । ମୁଁ ଲୋଭରେ ଚାହିଁଲି ତାକୁ । ହେଲେ ଗତକାଲିର ଅମ୍ଳଜନିତ କଷ୍ଟ କଥା ମନେ ପଡିଯିବାରୁ ସେଥିରୁ କ୍ଷାନ୍ତ ହେଲି । ନିମ୍ନ ସ୍ୱରରେ ନିଜକୁ ତାଗିଦ କଲି, ବୟସ ହେଲାଣି, ଏବେ ଆଉ ପିଲାଳିଆମୀ ଚାଲିବନି ମ୍ୟାଡାମ । ହେଲେ ଯୁକ୍ତି ଦେଇ ପାଟିକୁ ସିନା ଚୁପ କରେଇ ଦେଇ ହୁଏ । ହେଲେ ମନ....

ସନ୍ଧ୍ୟାରେ, ହାତରେ କପେ ଚା' ନେଇ ମୁଁ ବସିଥିଲି ବାଲକୋନୀରେ । ସନ୍ଧ୍ୟା ଗଡି ଯାଇଥିଲା। କାନ୍ଥର ବାରଲାଇଟଟି ଅନ୍ଧକାରକୁ ଦୂରକୁ ଠେଲିବାର ପ୍ରୟାସରେ ଥିଲା । ହଠାତ କେଉଁଠୁ କେଜାଣି ଉଡିଆସିଲା ଗୋଟେ କଙ୍କି । ବୋଧହୁଏ ରାସ୍ତା ହୁଡି ଯାଇଥିଲା । ସିଏ ଗୁଣୁ ଗୁଣୁ ଶବ୍ଦ କରି ଉଡୁଥିଲା ଆଉ ବାରମ୍ୱାର ବାଡେଇ ହେଉଥିଲା ବାରଲାଇଟ ଉପରେ । ହୁଏତ ବାରି ପାରୁ ନ ଥିଲା ପଦାକୁ ଯିବାର ରାସ୍ତା । କଙ୍କି ଉପରେ ମୋର ଦୃଷ୍ଟି ପଡିଲା ତ ମୋର ମନେ ପଡିଗଲା 'ଧେଡ'। ଆଉ ଧେଡ ମନେ ପଡିଲେ ମନେ ପଡିବ ହଳଦୀ ଗୁରୁ ଗୁରୁ କରମଙ୍ଗା । ଆଉ ତା ସହିତ ଢେର ସାରା ସ୍ମୃତି ମନ ଭିତରକୁ ଧସେଇ ପଶି ଆସିବାଟା ଥୟ ।

ସେକ୍ଟର ୧୬ ଇସ୍ପାତ ଲୋୟର ସେକେଣ୍ଡାରୀ ସ୍କୁଲ । ସେହି ସ୍କୁଲରେ ପ୍ରଥମରୁ ସପ୍ତମ ଶ୍ରେଣୀ ଯାଏଁ ପାଠ ପଢା । ସେଇ ସମୟ କଥା ମନେ ପଡିଲେ ଖୁବ ବେଶୀ ମନେପଡେ ବୁଢୀ ମାଉସୀ । ସେତେବେଳେ ସ୍କୁଲ ଗଲାବେଳେ ପକେଟ-ମନି ହିସାବରେ ମିଳୁଥିଲା ଦଶ/ପନ୍ଦର ପଇସା । ଆଉ ଅତି ବେଶୀ ହେଲେ ପଚିଶ ପଇସା ବା ଚାରେଣୀଟିଏ । ମୋର ମନେଅଛି, କ୍ଲାସଟେଷ୍ଟରେ ଦଶରୁ ଦଶ ରଖିଲେ ତା ପରଦିନ ସ୍କୁଲ ଗଲା ବେଳେ ମିଳୁଥିଲା ଗୋଟେ ଚକଚକିଆ ଚାରେଣୀ । ସେତେବେଳେ ଚାରେଣୀର ମହତ୍ୱଥିଲା ଅନେକ । ପାଞ୍ଚ ପଇସାରେ ଚଣା, ପାଞ୍ଚ ପଇସାରେ ଆଚାର ମିଳୁଥିଲା । ଗୋଟିଏ ଚାରେଣୀ ଦେଇ ପାଞ୍ଚ ପ୍ରକାରର ଜିନିଷ ଖାଇବାର ମଜା ନେଇ ହେଉଥିଲା । ଖେଳଛୁଟି ବେଳେ ପଇସା ଧରି ମୁଁ ଦଉଡୁଥିଲି ସେଇ ବୁଢୀମାଉସୀ ପାଖକୁ । ବୁଢୀମାଉସୀ କହିଲେ ଜଣେ ଗେଡୀ ହେଇ ପ୍ରୌଢା ମହିଳା । ଅବଶ୍ୟ ମୁଁ ତାଙ୍କୁ ସବୁବେଳେ ପସରା ମେଲେଇ ବସିଥିବାର ହିଁ ଦେଖିଥିଲି । ହେଲେ ତାଙ୍କର ବସିବା ଭଙ୍ଗୀରୁ ଲାଗୁଥିଲା ଛୋଟକାଟର ମନିଷଟିଏ । ଦେହରେ ମାଟିଆ ରଙ୍ଗର ମୋଟାକସ୍ତା । ସେ କସ୍ତା ମଇଳା ପିଇ ପିଇ ମାଟିଆ ନା ତାର ରଙ୍ଗ ମାଟିଆ ସେକଥା କହିବା ଗବେଷଣା ସାପେକ୍ଷ । ତାର ବେହରଣ ଶୂନ୍ୟ ଦେହରେ ଆଉ ଯାହା ଥିଲା ତାହା ହେଲା ଦୁଇ ହାତରେ ଦୁଇଟି ମୋଟା ମୋଟା ରୂପା ଖଡୁ ।

ଏବେ ବୁଢୀମାଉସୀର ପସରାକୁ ଆସିବା । ଖେଳଛୁଟି ହେଲା କ୍ଷଣି ବୁଢୀମାଉସୀ ଚାରିପଟେ, ଗୁଡମାଠିଆ ଚାରିପଟେ ପିମ୍ପୁଡି ଲାଗିଲା ପରି ବେଢି ଯାଉଥିଲେ ସ୍କୁଲ ପିଲାମାନେ । ମାଉସୀ ଛୋଟିଆ ଛୋଟିଆ କାଗଜକୁ କାହାଳୀ ଆକାରର ଠୁଙ୍ଗା କରି ପିଲାଙ୍କ ଫରମାଇସ ଅନୁସାରେ ବଢେଇ ଦଉଥିଲା ଜିନିଷ ସେମାନଙ୍କ ହାତକୁ । ବୁଢୀମାଉସୀର ମାପ ଥିଲା ଗୋଟିଏ ଛୋଟିଆ ଗୁଡାଖୁ ଡବା । ସେଇ ଡବାରେ ସିଏ ରାଗଚଣା, ମଟରବୁଟ ସବୁ ମାପ କରୁଥିଲା । ମୋର କିନ୍ତୁ ସବୁଠାରୁ ବେଶୀ ପସନ୍ଦ ଥିଲା ହଳଦୀ ଗୁରୁଗୁରୁ କରମଙ୍ଗା ଆଚାର । ପାଞ୍ଚ ପଇସାରେ ଦୁଇ ଖଣ୍ଡ କରମଙ୍ଗା ଆଚାର ଶାଳପତ୍ର ଉପରେ ଥୋଇ ବୁଢୀମାଉସୀ ବଢେଇ ଦେଉଥିଲା ହାତକୁ । ସେଥିରୁ ରସ ବୋହି ପଡୁଥିଲା। ପତ୍ରକୁ ଟିକେ କଣେଇ ଧରି ମୁଁ ପ୍ରଥମେ ଶୋଷି ନଉଥିଲି ସେଇ ରସକୁ । ଆହାଃ ! କି ସ୍ୱାଦ। ମୁଁ ବୁଢୀମାଉସୀର ପସରା ସାମ୍ନାରେ ସ୍କୁଲ ବାକ୍ସକୁ ଆଡ କରି ରଖି, ତା ଉପରେ ଦୁଇ ପଟକୁ ଗୋଡ ଥୋଇ ବସୁଥିଲି। ଆଉ ଥରକୁ ଥର ନେଇ ଖାଉଥିଲି କରମଙ୍ଗା ଆଚାର । ସେଇ ଆଚାର ଖାଇବା ଭିତରେ ମୋର ବନ୍ଧୁତା ହେଇ ଯାଇଥିଲା ବୁଢୀମାଉସୀର ପୁଅ ସଙ୍ଗେ । ସିଏ ପଢୁଥିଲା ଆମ ପାଖ ସ୍କୁଲରେ । ଆମ ସ୍କୁଲରେ କେବଳ ଷ୍ଟିଲ ପ୍ଲାଣ୍ଟରେ କାମ କରୁଥିବା କର୍ମଚାରୀଙ୍କ ପିଲାମାନେ ପଢୁଥିଲେ । ସ୍କୁଲ ସାମ୍ନାରେ ଥିଲା ଗୋଟେ ରାସ୍ତା ଆଉ ରାସ୍ତା ସେପଟେ ଥିଲା ଏକ ଏନଏସି ପରିଚାଳିତ ସ୍କୁଲ, ଯେଉଁଠି ପଢୁଥିଲା ବୁଢୀମାଉସୀର ପୁଅ । ଆଉ ଏହି ଦୁଇଟି ସ୍କୁଲର ଖେଳ ଛୁଟି ପାଖାପାଖି ସମାନ ସମୟରେ ହେଉଥିଲା । ସେଥିପାଇଁ ମୋର ବୁଢୀମାଉସୀର ପୁଅ ସାଙ୍ଗେ ପ୍ରାୟ ପ୍ରତିଦିନ ଦେଖା ହେଉଥିଲା । ବୁଢୀମାଉସୀ ପୁଅକୁ "ଧେଡ" ବୋଲି ଡାକୁଥିଲା, ଯଦିଓ ସେ ନାଁ ଟା ମୋର ଜମାରୁ ପସନ୍ଦ ନଥିଲା। ଧେଡ ସବୁବେଳେ ଖେଳାଛୁଟି ବେଳେ ଜିଦି କରୁଥିଲା ପଇସା ପାଇଁ । ବୁଢିମାଉସୀ କିନ୍ତୁ ପଇସା ଦେବା ପାଇଁ ମନା କରୁଥିଲା । ତା ମୁଣିରୁ ମୁଢି କାଢି ଦଉଥିଲା ତାକୁ ଖାଇବାକୁ । ହେଲେ ଧେଡ ପଇସା ମାଗୁଥିଲା କାଠି ଆଇସକ୍ରିମ ଖାଇବା ପାଇଁ। ବୁଢୀମାଉସୀ ମନା କଲେ ସିଏ ମୋ ପାଖରେ ବହିବସ୍ତାନି ଥୋଇ ମୁହଁ ଓହଳେଇ ବସୁଥିଲା । କେବେ କେବେ ମାଉସୀ ବଡ କଷ୍ଟରେ ତାକୁ ପାଞ୍ଚ ପଇସିଟିଏ ଦଉଥିଲା, ଯାହାକୁ ଧରି ଧେଡ ଦଉଡୁଥିଲା ପିଠିରେ ଆଇସକ୍ରିମ ପେଟି ଓହଳେଇ ବୁଲୁଥିବା ଆଇସକ୍ରିମବାଲା ପାଖକୁ । ବୁଢୀମାଉସୀ ଧେଡକୁ ଭାରି ଭଲ ପାଉଥିଲା । ସ୍ୱାମୀ ମରିଯିବା ପରେ ତାର ବଞ୍ଚିବାର ଏକମାତ୍ର ରାହା ଥିଲା ସିଏ।



ଦିନେ କଥା କହୁ କହୁ ମୁଁ ତାକୁ ପଚାରିଦେଲି, "ତୋର ଭାରି ମଜା ନୁହେଁ .....ତୁ ତ ସବୁଦିନ ଚଣା, କରମଙ୍ଗା – ତେନ୍ତୁଳୀ ଆଚାର ଖାଉଥିବୁ ନା ?"

'ହଁ , ସବୁ ଦିନ । ପଖାଳ ସାଙ୍ଗେ ପିଆଜ, ଲଙ୍କାମରିଚ ଆଉ ସେଇ ଆଚାରରୁ ଟିପେ ।' ଆପାତତଃ ଗମ୍ଭୀର ସ୍ୱରରେ ଉତ୍ତର ଦେଲା ସିଏ ।

"ବାଃ, ତୋର ତ ପୁରା ଚାନ୍ଦି ।"

ମୋ କଥା ଶୁଣି ସିଏ ମୋତେ ଗାଡେଇକି ଚାହିଁଲା । ତାର ସେଇ ଦୁଇ ଆଖିରେ କଣ ଥିଲା କେଜାଣି ମୁଁ ଭିତରେ ଭିତରେ ଟିକେ ଦବକିଗଲି । ଆଉ ତା ପରେ ସିଏ ଅତର୍କ୍କା ଦୌଡିଲା ସ୍କୁଲ ପଛ ପଟେ ଥିବା ବୁଦୁବୁଦୁକିଆ ଝାଡି ଆଡକୁ । ମୁଁ ବି ତା ପଛେ ପଛେ ଦଉଡିଲି । ସିଏ ପ୍ରକୃତରେ ଗୋଟେ କଙ୍କି ପଛରେ ଦଉଡୁଥିଲା । କଙ୍କିଟି ବାରମ୍ୱାର ବୁଦା ଉପରେ ବସୁଥିଲା କିନ୍ତୁ ଧରିବାକୁ ଗଲେ ଉଡି ପଳାଉଥିଲା । ମୁଁ ତା ହାତକୁ ଧରି ପକେଇ କହିଲି, 'କଙ୍କି ଧରଣ, ମାଆ ମରଣ' ପରା।'

ସିଏ ମୋ ହାତଟାକୁ ଛାଟି ଦେଇ କହିଲା, "ହେଇଯାନ୍ତା କି ସେମିତି ।"

ସିଏ ଚାଲିଗଲା ପରେ ବି ମୁଁ ଅନେକ ସମୟ ଯାଏଁ ସେଠି ସେମିତି ଛିଡା ହେଇ ରହିଲି। ମୋ ହାତରେ ଥିବା ଶାଳପତ୍ର ଠୋଲାରୁ କରମଙ୍ଗା ଆଚାରର ଖଟା-ମିଠା ରସ ଥପ ଥପ ହୋଇ ବୋହୁଥିଲା ।



+ ରାଜଭବନ ପୋଷ୍ଟ ଅଫିସ
ଭୁବନେଶ୍ୱର-୭୫୧୦୦୮
ମୋବାଇଲ-୮୨୪୯୪୩୭୨୭୬

## ଚିନ୍ତା ଅନୁଚିନ୍ତା (୧୩)

# ଧରିତ୍ରୀମାତାର ସୁରକ୍ଷା ମାନବଜାତି ପାଇଁ ଏକ ଆହ୍ୱାନ

**କବି ଓ ପ୍ରାବନ୍ଧିକ କାଳୀପଦ ପଣ୍ଡା** ଧ୍ୱନି ପ୍ରତିଧ୍ୱନି ପାଠକମାନଙ୍କର ଗୋଟେ ଚିହ୍ନାମୁହଁ । ଏହା ପୂର୍ବରୁ ଶ୍ରୀ ପଣ୍ଡାଙ୍କର ଚିନ୍ତା ଚତୁରଙ୍ଗ, ଚିନ୍ତା ତରଙ୍ଗ, ଚିନ୍ତା ଚେତନା ଆଦି ସ୍ତମ୍ଭ ପ୍ରକାଶ ପାଇ ପାଠକୀୟତା ହାସଲ କରି ସାରିଛି । ଏଇ ନୂତନ ସ୍ତମ୍ଭ 'ଚିନ୍ତା ଅନୁଚିନ୍ତା'ରେ ଆପଣ ଭେଟିବେ ଲେଖକଙ୍କ ମାନସମନ୍ଥନକୁ ଗୋଟେ ନିଆରା ଢଙ୍ଗରେ ।



ସୂନାରୁଇ, ବି.କଟିସାହି, ସିଂଲା , ବାଲିଆପାଳ, ବାଲେଶ୍ୱର
(ମୋ) ୯୪୩୭୦୮୯୨୪୧/ ୮୯୧୭୨୫୫୪୯୩

ସମଗ୍ର ବିଶ୍ୱର ସମସ୍ତ ଦେଶମାନଙ୍କ ମଧ୍ୟରେ ଭାରତ ହିଁ ଏକମାତ୍ର ଦେଶ ଯେଉଁଠାରେ କି ଧରଣୀ ବା ଧରିତ୍ରୀକୁ 'ଧରିତ୍ରୀମାତା' ବୋଲି ସମ୍ବୋଧନ କରାଯାଇ ଆସିଥାଏ । କେବଳ ସେତିକି ନୁହେଁ, ସମଗ୍ର ବସୁଧାକୁ ବା ପୃଥିବୀ (ୱାର୍ଲ୍ଡ)କୁ ପୃଥିବୀମାତା ରୂପେ ଅର୍ଚ୍ଚନା କରାଯାଏ। ସମଗ୍ର ପୃଥିବୀ ବା ବସୁଧାରେ ଯିଏ ଯେଉଁ ଭୂଖଣ୍ଡରେ ବାସ କରୁଥିଲେ ବି ସମଗ୍ର ବସୁଧାର ଅଧିବାସୀଙ୍କୁ ଭାରତୀୟ ପରିପ୍ରେକ୍ଷୀରେ 'ବସୁଧୈବ କୁଟୁମ୍ବକମ୍' ଭାବେ ସମ୍ବୋଧିତ କରାଯାଇ ମାନବତାର ଜୟଗୀତି ଗାନ କରାଯାଇଛି। ସମସ୍ତ ସନ୍ତାନସନ୍ତତି, ପଶୁପକ୍ଷୀ, କୀଟପତଙ୍ଗ, ଉଦ୍ଭିଦଜଗତ, ପ୍ରାଣୀଜଗତ ଏବଂ ଜୀବଜଗତକୁ ଯିଏ ତା'ର ବକ୍ଷରେ ଧାରଣ କରିରଖିଛି ସେ ହେଲା ଧରଣୀ ବା ଧରିତ୍ରୀମାତା ଅଥବା ପୃଥିବୀମାତା ।

ଅଧୁନା ସେହି ପୃଥିବୀମାତାର ସୁରକ୍ଷା ମାନବଜାତି ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରିଛି । ସବୁ ଭୂଖଣ୍ଡର ରାଷ୍ଟ୍ରନାୟକ, ଚିନ୍ତାଶୀଳ ବୁଦ୍ଧିଜୀବୀ ବା ବୁଦ୍ଧିସେବୀଗଣ ମାନବଜାତିର ସ୍ଥିତାବସ୍ଥାକୁ ଅକ୍ଷୁଣ୍ଣ ରଖିବା ଦିଗରେ ମିଳିତ ପ୍ରୟାସ କରିବାର ସମୟ ଉପନୀତ । ଭୂପୃଷ୍ଠ କ୍ଷୟକୁ ରୋକିବା ଦିଗରେ ବିଶେଷ ଧ୍ୟାନ ଦେବାକୁ ପଡ଼ିବ । ନିକଟରେ ଭାରତର ପ୍ରଧାନମନ୍ତ୍ରୀ ମାନନୀୟ ନରେନ୍ଦ୍ର ମୋଦି ଜାତିସଂଘର(ୟୁ.ଏନ୍.ସି.ସି.ଡ଼ି.)କୁ ସମ୍ବୋଧନ କଲାବେଳେ ପୃଥିବୀମାତାର ସୁରକ୍ଷା ଦିଗରେ ଭାରତର ଭୂମିକା ସମ୍ପର୍କରେ ଆଲୋକପାତ କରି କହିଥିଲେ ଯେ - ଜଳବାୟୁ ପରିବର୍ତ୍ତନ ଓ ଅନ୍ୟାନ୍ୟ କାରଣରୁ ବାସପୋଯୋଗୀ ଜମିର ପରିମାଣ ହ୍ରାସ ପାଇବାରେ ଲାଗିଛି ଏବଂ ଅଧିକରୁ ଅଧିକ ଜନବସତି ସମୁଦ୍ରଗର୍ଭରେ ଲୀନ ହେଉଛି । ସେହିପରି ଅନେକ ଚାଷଜମି ମଧ୍ୟ ଉର୍ବରତା ହରାଉଛି । ଏହି ପ୍ରାକୃତିକ ବିପର୍ଯ୍ୟୟରୁ ପୃଥିବୀମାତାକୁ ରୋକିବା ଲାଗି ପଦକ୍ଷେପ ନେବାକୁ ପଡ଼ିବ । ଭାରତ ଏ ଦିଗରେ ଅନେକ ମହତ ପଦକ୍ଷେପ ବହନ କରିଥିବା କଥା ୟୁ.ଏନ୍.ସି.ସି.ଡ଼ି.ର ୧୪ତମ ଅଧିବେଶନରେ ଶ୍ରୀଯୁକ୍ତ ମୋଦି ଉଲ୍ଲେଖ କଲାବେଳେ ଆହୁରି କରିଥିଲେ ଯେ, ଜୀବନଧାରଣର ମୁଖ୍ୟ ଅଂଶ ହେଉଛି ଭୂମି । କିନ୍ତୁ ବିଶ୍ୱର ଦୁଇ ତୃତୀୟାଂଶ ଭୂମି ଏବେ କ୍ଷୟମୁଖୀ ହେବାରେ ଲାଗିଛି । ଯଦି ଏହି କ୍ଷୟକୁ ଧ୍ୟାନ ଦିଆ ନ ଯାଏ ତେବେ ଆଗାମୀଦିନରେ ଆମ ସମାଜ ଓ ସଭ୍ୟତା ତିଷ୍ଠି ରହିବାରେ ପ୍ରଶ୍ନବାଚୀ ସୃଷ୍ଟି ହେବ । ବିଶ୍ୱ ଅର୍ଥନୀତି, ଖାଦ୍ୟସୁରକ୍ଷା, ସ୍ୱାସ୍ଥ୍ୟ, ସୀମା ସୁରକ୍ଷା ସହ ଜୀବନର ମାନଦଣ୍ଡ ଅସନ୍ତୁଳିତ ହୋଇପଡ଼ିବ । ତେଣୁ ଭୂମି ଓ ଏହାର ଉସ୍ର ଉପରେ ଯେଉଁ ଚାପ ଦିଆଯାଉଛି ତାକୁ ହ୍ରାସ କରିବାକୁ ହେବ । ସମସ୍ତେ ମିଳିମିଶି ଏହାକୁ ରୋକିବା ଦିଗରେ କାର୍ଯ୍ୟ କରିଲେ ସଫଳତା ପାଇ ପାରିବୁ ।

ଗତ ଦଶବର୍ଷରେ ଭାରତରେ ୩୦ଲକ୍ଷ ହେକ୍ଟର ଅଧିକ ଜଙ୍ଗଲଜମି ସୃଷ୍ଟି ହୋଇଛି । ଭାରତର ମୋଟ ଭୂଖଣ୍ଡର ଏକଚତୁର୍ଥାଂଶ ଜଙ୍ଗଲ ପରିବେଷ୍ଟିତ । ୨୦୩୦ମସିହା ସୁଦ୍ଧା ୨୬୦ଲକ୍ଷ ହେକ୍ଟର କ୍ଷୟଭୂତ ଜମିକୁ ପୁନରୁଦ୍ଧାର କରିବାର ଲକ୍ଷ୍ୟ ରଖିଛି ଭାରତ ।

ଭାରତର ପ୍ରଧାନମନ୍ତ୍ରୀଙ୍କର ଏହି ତଥ୍ୟଧର୍ମୀ ସୂଚନା ପ୍ରଦାନ ପରେ ଭାରତ ସମେତ ସମଗ୍ର ପୃଥିବୀର ଜନସମୁଦାୟକୁ ଏ ଦିଗରେ ଗଭୀର ଚିନ୍ତନ ସହ ନିଜ ନିଜ ସ୍ତରରେ ଯଥାସମ୍ଭବ କାର୍ଯ୍ୟ କରିବା ନେଇ ପରୋକ୍ଷ ଆହ୍ୱାନ ସୃଷ୍ଟି ହୋଇଛି ।

ଗ୍ରାମ୍ୟ କୃଷିର ପ୍ରଭୂତ ଉନ୍ନତିସାଧନ ସହ ଶିଳ୍ପାୟନକୁ ଯଥାସମ୍ଭବ କମାଇବା ସହ ଜଙ୍ଗଲ କ୍ଷୟକୁ ରୋକିବା, ନୂତନ ଜଙ୍ଗଲ ସୃଷ୍ଟି କରିବା, ଚାଷଜମିର କିସମ ପରିବର୍ତ୍ତନକୁ କମ୍ କରିବାର ଯଥେଷ୍ଟ ଆବଶ୍ୟକତା ରହିଛି । ସମୁଦ୍ରକୂଳରେ ଲୁଣା ଜଙ୍ଗଲ ସୃଷ୍ଟି କରିବା, ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ଘରବାଡ଼ିରେ ସବୁଜ ବଳୟ ନିର୍ମାଣ ଦିଗରେ ଆଗେଇ ଆସିବା ଉଚିତ । ପୁନଶ୍ଚ ଭୂତଳ ଜଳର ଅନାବଶ୍ୟକ ବ୍ୟବହାରକୁ ରୋକି ନଦୀଜଳର ସୁପରିଚାଳନା ଦିଗରେ ଧ୍ୟାନ ଦେବା ଜରୁରି । ଜଙ୍ଗଲ କ୍ଷୟ ସହିତ ଅଧିକ ଶିଳ୍ପାୟନ ଜୀବଜଗତ ପାଇଁ ସମସ୍ୟା ସୃଷ୍ଟି କରୁଛି । ଯାହାଫଳରେ ଅନେକ ଜୀବଜନ୍ତୁ ତିଷ୍ଠି ରହିବାରେ ପ୍ରଶ୍ନବାଚୀ ଆସୁଛି । ଏଣେ ପରିବେଶ ପ୍ରଦୂଷଣ ଜନଜୀବନକୁ ଅତିଷ୍ଠ କରାଉଛି । ନାନା ନୂତନ ରୋଗର ଅଭ୍ୟୁଦୟ ଘଟୁଛି । ରାସାୟନିକ ସାର ଔଷଧ ପ୍ରୟୋଗ ଜନିତ ସୃଷ୍ଟ କୃଷିଜାତ ଦ୍ରବ୍ୟର ବ୍ୟବହାର ମଧ୍ୟ ସ୍ୱାସ୍ଥ୍ୟପ୍ରଦ ହେଉନାହିଁ । ଜୈବିକ ସାର ପ୍ରୟୋଗରେ ଉତ୍ପାଦିତ କୃଷିଦ୍ରବ୍ୟ ସ୍ୱାସ୍ଥ୍ୟପକ୍ଷେ ଯଥେଷ୍ଟ ଅନୁକୂଳ ହୋଇଥାଏ । ତେଣୁ ଏ ଦିଗରେ ମଧ୍ୟ ଧ୍ୟାନ ଦେବାର ଆବଶ୍ୟକତା ରହିଛି । ପ୍ରକୃତିର ସ୍ଥିତାବସ୍ଥା ସୁରକ୍ଷା ମାନବଜାତିର ମୌଳିକ କର୍ତ୍ତବ୍ୟ । ଏ ଦିଗରେ ସବୁମତେ ଉଦ୍ୟମ ଏକାନ୍ତ ଅପରିହାର୍ଯ୍ୟ । ବିଶ୍ୱ ଜନସମୁଦାୟ ଏବେଠୁ ଏ ଦିଗରେ ଆଗେଇ ନ ଆସିଲେ ଭବିଷ୍ୟତ ଦିନମାନଙ୍କରେ ଧରିତ୍ରୀମାତାର ସୁରକ୍ଷା ଜନିତ ଉତ୍କଟ ପରିସ୍ଥିତିର ସମ୍ମୁଖୀନ ହେବେ ।

> **ଗ୍ରାମ୍ୟ କୃଷିର ପ୍ରଭୂତ ଉନ୍ନତିସାଧନ ସହ ଶିଳ୍ପାୟନକୁ ଯଥାସମ୍ଭବ କମାଇବା ସହ ଜଙ୍ଗଲ କ୍ଷୟକୁ ରୋକିବା, ନୂତନ ଜଙ୍ଗଲ ସୃଷ୍ଟି କରିବା, ଚାଷଜମିର କିସମ ପରିବର୍ତ୍ତନକୁ କମ୍ କରିବାର ଯଥେଷ୍ଟ ଆବଶ୍ୟକତା ରହିଛି । ସମୁଦ୍ରକୂଳରେ ଲୁଣା ଜଙ୍ଗଲ ସୃଷ୍ଟି କରିବା, ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ଘରବାଡ଼ିରେ ସବୁଜ ବଳୟ ନିର୍ମାଣ ଦିଗରେ ଆଗେଇ ଆସିବା ଉଚିତ ।**



# ଗଣମାଧ୍ୟମ : ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ

■ **ଅରୁଣ କୁମାର ଗିରି**

ଶ୍ରୀମଦ ଭାଗବତ ଗୀତାରେ ବର୍ଣିତ ଅଛି ଯେତେବେଳେ ସଂସାରରେ ଅନୀତି ବଢିଯାଇ ଧର୍ମସଙ୍କଟ ଦେଖାଦିଏ ସେତେବେଳେ ସ୍ୱୟଂ ପରମେଶ୍ୱର ଭଗବାନ ମ୍ଳେଚ୍ଛ ସଂହାରୀ ସାଧୁମାନଙ୍କ ପାରିତ୍ରାଣାର୍ଥେ ଅବତାର ରୂପେ ଆବିର୍ଭାବ ହୁଅନ୍ତି। ଠିକ୍ ସେମିତି ଆଜିର ସମାଜରେ ଅନ୍ୟାୟ, ଅତ୍ୟାଚାର, ଦୁର୍ନୀତି, ଭ୍ରଷ୍ଟାଚାରକୁ ପ୍ରତିହତ କରିବାରେ ସଫଳ ଗଣମାଧ୍ୟମ ଏକ ପ୍ରଭାବଶାଳୀ ଶକ୍ତି ରୂପେ ପ୍ରମାଣିତ ହେବାରେ ଲାଗିଛି । ଯାହାକି ବିଶ୍ୱ ଦରବାରରେ ଗଣମାଧ୍ୟମ ଆଜି ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ଚତୁର୍ଥ ସ୍ତମ୍ଭ ରୂପରେ ପରିଗଣିତ ହେଉଛି। ଅନ୍ୟ ତିନୋଟି ସ୍ତମ୍ଭ ୧.ବ୍ୟବସ୍ଥାପିକା ୨.କାର୍ଯ୍ୟପାଳିକା ୩.ନ୍ୟାୟପାଳିକା। ଦେଶ ରାଜ୍ୟର ଅପନ୍ତରା ଗାଁ ଭୂଇଁ ତଥା ବିଚ୍ଛିନାଂଚଳ ମାନଙ୍କରେ ଦଳିତ ଅବହେଳିତ ଜନସାଧାରଣଙ୍କ ପାଇଁ ଯଦି କେହି ନ୍ୟାୟ ଉପୋଲବ୍ଧ କରାଇବାରେ ସଫଳ ହେଉଛି, ତାହା ହେଲା ଗଣମାଧ୍ୟମ । ସାଧାରଣ ଜନତା ଓ ସରକାରଙ୍କ ମଧ୍ୟରେ ଯୋଗସୂତ୍ର ରକ୍ଷା କରିବାରେ ଏହାର ଭୂମିକା। ଅବର୍ଣନୀୟ । ଏକ ସୁସ୍ଥ ଗଣତନ୍ତ୍ରର କାୟାକଳ୍ପ ଗଠନ ସହିତ ଗଣମାଧ୍ୟମ ତାହାର ମେରୁଦଣ୍ଡ ସ୍ୱରୂପ କାର୍ଯ୍ୟ କରିଥାଏ । ସମାଜର କୋଣ ଅନୁକୋଣର ନିର୍ମମ ବାସ୍ତବତା ଓ ନଗ୍ନ ସତ୍ୟକୁ ଏହା ଏକ ସ୍ୱଚ୍ଛ ଦର୍ପଣ ସଦୃଶ ପ୍ରତିଫଳିତ କରାଇଥାଏ । ଆଇନ କାନୁନକୁ ହାତରେ ରଖି ଯେଉଁ ଅସମାଜିକ ବ୍ୟକ୍ତି ନାନା ପ୍ରକାର ଦୁର୍ନୀତି, ଭ୍ରଷ୍ଟାଚାର ଚଳାଇଥାନ୍ତି, ସେମାନଙ୍କର ସ୍ୱର ଖନେଇ ସମସ୍ତ ଦର୍ପ ଚୂର୍ଣ ହୋଇଯାଏ ଗଣମାଧ୍ୟମର କର୍ମୀ ଗଣଙ୍କ ସମ୍ମୁଖରେ। ଅଭିଯୁକ୍ତଙ୍କ ହାତ ଯେତେ ଲମ୍ବା ହେଉନା କାହିଁକି ଏହାର ଜାଲରୁ ଖସିଯିବାର ପ୍ରୟାସ ପ୍ରାୟତଃ ବ୍ୟର୍ଥ ପ୍ରମାଣିତ ହୋଇଥାଏ । ଗଣମାଧ୍ୟମର ସାକ୍ଷାତକାରରେ ଅଭିଯୁକ୍ତଗଣଙ୍କର ସମସ୍ତ ଦୌରାତ୍ମ୍ୟ ଓ ଦାମ୍ଭିକତା ଫସର ଫାଟିଯାଇଥାଏ । ଏଥିରୁ ସ୍ପଷ୍ଟ ଅନୁମେୟ ଏକ ସୁସ୍ଥ , ନିରାମୟ ଏବଂ ସଂସ୍କାରପୂର୍ଣ ସମାଜ ଗଠନରେ ଗଣମାଧ୍ୟମର ଭୂମିକା କିଭଳି ଗୁରୁତ୍ୱପୂର୍ଣ । କିନ୍ତୁ ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି ଯେ ଏହି ନିରପେକ୍ଷ, ସମାଜରକ୍ଷକ ବ୍ୟବସ୍ଥା ମଧ୍ୟ ଆଜିର ଦୁର୍ନୀତିର ବ୍ୟାଧି ଦ୍ୱାରା ସଂକ୍ରମିତ । (କ୍ରମଶଃ)

+ ଚେରଚେଟା, ପାପଡାହାଣ୍ଡି,
ନବରଙ୍ଗପୁର- ୭୬୪୦୭୧,
(ମୋ) ୯୯୩୮୦୦୩୧୮୯

## ପ୍ରେମରେ ପ୍ରେମରେ ଗୀତି ....(୭)



■ **ବିପିନ ମହାନ୍ତି**

▲ ୩୩, ଗଡ ମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧

### ।। ଲୁହରେ ଭସେଇ ଦେଲି ।।

ତୋ'ତେ ଆଖିରେ ସଜେଇଥିଲି
ଏତେ ଦୁଃଖ ଦେଲୁ ଜୀବନରେ ମୋତେ
ଲୁହରେ ଭସେଇ ଦେଲି ।

ତୁ ଭାସିଗଲୁ ଲୁହର ସାଗରେ
ଲାଗିଲୁ ସୁଖର କୂଳେ,
ମୁଁ ଏଠି ଭାସୁଛି ଦୁଃଖ ଦରିଆର
ଅଥଳ ସାଗର ଜଳେ,
କହିଥିଲୁ ପରା ସୁଖ ଦୁଃଖ ଆମେ
ମିଶି ବାଣ୍ଟିନେବା ବୋଲି ।

ତୁ ନେଇଗଲୁ ପୁଣ୍ୟ ଭାଗ ମୋ'
ସରଗକୁ ଯିବୁ ବୋଲି,
ମୁଁ ଏଠି ଭୋଗୁଛି ପାପ ଭାଗ ନେଇ
ନରକ ଯନ୍ତ୍ରଣା ଖାଲି,
କହିଥିଲୁ ପରା ପାପ ଆଉ ପୁଣ୍ୟ
ମିଶିକି ଭୋଗିବା ବୋଲି ।

## ...କଥା କିଞ୍ଚିତ...



ସାହିତ୍ୟ କେବେ ଧର୍ମ ବିପ୍ଳବ ଆଣିଛି, କେବେ ଆଣିଛି ଜାତୀୟ ବିପ୍ଳବ । ରୁଷୀୟ, ଫରାସୀ କିମ୍ବା ଇଂରାଜୀ ସାହିତ୍ୟ କେବଳ ନୁହେଁ; ଭାରତୀୟ ସାହିତ୍ୟ କ୍ଷେତ୍ରରେ ମଧ୍ୟ ଅଗ୍ରଣୀ କାରିଗର ବଂକିମ 'ବଂଦେ ମାତରମ୍', ରବୀନ୍ଦ୍ର ନାଥଂକ 'ଜନଗଣ ମନ...' ଅଥବା ତାଂକର 'ତୋର ଡାକ୍ ଶୁନେ ଯଦି କେଉ ନା ଆସେ ତବେ ଏକ୍ଲା ଚଲୋ' କବିତା କିପରି ସ୍ୱାଧୀନତା ସଂଗ୍ରାମୀଙ୍କ ମନୋବଳକୁ ବହୁଗୁଣିତ କରିଥିଲା, ତାହା ଅନେକେ ଜାଣିଥିବେ । ଓଡ଼ିଆ ସାହିତ୍ୟରେ ଅଗ୍ରଦୂତ ରୂପେ ପରିଚିତ ସାରଳା ଦାସଂଙ୍କର 'ମହାଭାରତ' ଓ ଜଗନ୍ନାଥ ଦାସଙ୍କ ଦ୍ୱାରା ପ୍ରଣୀତ 'ଭାଗବତ' ଓଡ଼ିଆରେ ଜାତୀୟ ଜୀବନକୁ କିଭଳି ପ୍ରଭାବିତ କରିଛି, ତାହାର ବର୍ଣ୍ଣନା ନିଷ୍ପ୍ରୟୋଜନ । ଆଜିକାଲି ଏଭଳି ଲେଖା ବାହାରୁଛି ନିଶ୍ଚୟ । ମାତ୍ର ବଦଳି ଯାଇଛି ପରିବେଶ, ରୁଚି ଓ ଶୈଳୀ; ଭାଙ୍ଗି ଭାଙ୍ଗି ଯାଉଛି ଅନ୍ତର୍ଜଗତର କାରୁକାର୍ଯ୍ୟ । ମୂଲ୍ୟବୋଧ ଭିନ୍ନ ଅର୍ଥ ଧାରଣ କରିବା ହେତୁ ମଣିଷ, ସମାଜମନସ୍କ ହୋଇ ପାରୁନାହିଁ । ଏସବୁର ଆନ୍ତରୀଣ ଆଲେଖ୍ୟ ସାହିତ୍ୟରେ କଳାତ୍ମକ ଅଭିବ୍ୟକ୍ତି ଲାଭ କରୁଛି । କେତେକ ଗ୍ରନ୍ଥକୁ ଏବଂ ସେଥିପାଇଁ ସଂପୃକ୍ତ ସ୍ରଷ୍ଟାଙ୍କୁ ପ୍ରାଦେଶିକ, ଜାତୀୟ ଓ ଆନ୍ତର୍ଜାତିକ ସମ୍ମାନ ମିଳୁଅଛି । ହେଲେ ବହୁ ଉଚ୍ଚଶିକ୍ଷିତଙ୍କ ସାଧାରଣ ମନୋବୃତ୍ତି ବଦଳି ଏ ଦିଗକୁ ଅଗ୍ରସର ନହେବା ଜାତୀୟ ଦୁଃଖ ବୋଲି ଭାବିବାକୁ ହେବ । ଓଡ଼ିଆ ସାହିତ୍ୟରେ ଏଇ ଘଡ଼ିସନ୍ଧି ବେଳରେ ଏହାର ନବୀନତମ ଅଙ୍ଗ ସମ୍ବାଦପତ୍ରର ଦାୟବଦ୍ଧତା ବୋଧହୁଏ ସର୍ବାଧିକ । ସମାଜ, ରାଷ୍ଟ୍ର, ସର୍ବୋପରି ଜୀବନର ସୁପରିଚାଳନା ଓ ସୁନିୟନ୍ତ୍ରଣ ଲାଗି ଏହି ସାହିତ୍ୟିକ ବିଭାଗର କୃତିତ୍ୱ ଯେପରି ଅତୁଳନୀୟ, ତାର ନେତୃତ୍ୱ ସେହିଭଳି ଅନ୍ତଃହୀନ । ସାହିତ୍ୟ ସୃଷ୍ଟିର ଯେପରି ଆବଶ୍ୟକତା ଅଛି, ସେହିପରି ସାହିତ୍ୟକୁ କିପରି ଲୋକାଭିମୁଖୀ କରାଯାଇ ପାରିବ, ସେ ଦିଗରେ ଗଣମାଧ୍ୟମର ଦାୟିତ୍ୱ ସୁଦୂର ପ୍ରସାରୀ । ଆଉ ଗୋଟିଏ କଥା ଏଠାରେ ଉଲ୍ଲେଖଯୋଗ୍ୟ, ସାହିତ୍ୟ କୌଣସି ଗୋଷ୍ଠୀର ସଂପତ୍ତି ନୁହେଁ କି ଅଧିକାର ନୁହେଁ; ତାହା ସଚରାଚର ମଣିଷର । ତାହାର ଭୋକ୍ତା ଓ ଜନ୍ମଦାତା ଯେ କେହି ହୋଇପାରେ । ସେଠି ଜୀବିକା ଥାଇ ନପାରେ, କିନ୍ତୁ ଜୀବନ ଅଛି । ଏଇ ଧାରଣା ସବୁଠି ସୃଷ୍ଟି କରିବା ପାଇଁ ବାରମ୍ବାର ଆବଶ୍ୟକତା ରହିଛି ।

**ଅର୍ଜୁନ କର**

ଫକୀରମୋହନ ନଗର, ବାଲେଶ୍ୱର, (ମୋ) ୮୯୮୪୬୪୯୦୮୫

ଧର୍ମୀୟ ଉନ୍ମାଦନାରେ ଭାରତବର୍ଷ ବିଖଣ୍ଡିତ ହେଲାବେଳେ ସଂକଟରେ ପଡ଼ିଥିଲା ଯେଉଁ ସ୍ନେହ, ସମ୍ପର୍କ ଓ ବିଶ୍ୱାସ, ସେଇସବୁ ଜୀବନ୍ତ ଦଲିଲର କଙ୍କରୂପ.. ଗଳ୍ପଗୁଚ୍ଛ...ଦୀପକଙ୍କ ନିଜସ୍ୱ ଶୈଳୀରେ.... ପ୍ରତି ସଂଖ୍ୟାରେ






**ଦୀପକ ରଂଜନ ମିଶ୍ର**

# ।। ପରମେଶ୍ୱର ସିଂହ ।।



ଅହମଦ ନଦୀମ କାସମି
(୧୯୧୬-୨୦୦୬)

ବିଭାଜନର ବୀଭତ୍ସତା ଆଉ ମାନବୀୟ ବିକୃତିରୁ ବ୍ୟୁତ୍ପନ୍ନ ଅମାନବୀୟତାର ବିଶିଷ୍ଟ ଦସ୍ତାବିଜ, ପାକିସ୍ତାନର ପ୍ରଖ୍ୟାତ ଉର୍ଦ୍ଦୁ କବି ତଥା ଗାଳ୍ପିକ ଅହମଦ ନଦୀମ କାସମିଙ୍କ ବହୁଚର୍ଚ୍ଚିତ ଗଳ୍ପ 'ପରମେଶ୍ୱର ସିଂହ' । । ପଢ଼ିଲାବେଳେ ପାଠକ ଭେଟେ ଗୋଟିଏ ବାପକୁ କିମ୍ବା ନିଜକୁ ବାପ ସ୍ଥାନରେ ସ୍ଥାନିତ କରି । ଧର୍ମ ନାଁରେ ମଣିଷର ଦାନବୀୟ କର୍ମ । ଅଖ୍ତାରର ଅଜ୍ଞାତ ଆଗାମୀ ତାକୁ ବ୍ୟଥିତ କରେ । ଭାରତ ଓ ପାକିସ୍ତାନର ଅତୀତ ଓ ବର୍ତ୍ତମାନ । ଭବିଷ୍ୟତ ଅନ୍ଧାରରେ । କ'ଣ ଅତୀତର ଆଇନାରେ ବର୍ତ୍ତମାନର ଦୃଶ୍ୟ ପ୍ରତ୍ୟକ୍ଷ କରୁ କରୁ ଭବିଷ୍ୟତକୁ ବି ସେଇ ଅନ୍ଧକାର ହିଁ କବଳିତ କରିବ ???

ହଜାର ହଜାର ଲୋକଙ୍କ ଲମ୍ବା ଧାଡ଼ି ଲମ୍ବିଛି ପାକିସ୍ତାନ ଆଡ଼କୁ । ଉଜୁଡ଼ା ସଂସାରର କୁଟାକାଠି ସାଉଁଟି ତାକୁ ମୁଣ୍ଡେଇ ଚାଲିଛନ୍ତି ଲୋକେ । ପାଞ୍ଚବର୍ଷ ବୟସର ଅଖ୍ତାର, ମା'ସହ ଚାଲୁଚାଲୁ ହଠାତ୍ କୁଆଡ଼େ ଉଭେଇଯାଏ । ବଗୁଲିଆ ଟୋକାକୁ କିଛିସମୟ ଅପେକ୍ଷା କରେ ତା' ମା' । ଯିଏ ଯାହା ଧୁନ୍‌ରେ ଧପାଲିଛନ୍ତି । ଆଉ ମାତ୍ର ୧୫ ମାଇଲ ଦୂରରେ ସୀମାରେଖା । ବେଳ ଥାଉଁ ଥାଉଁ ସେତକ ପାରି ହୋଇଗଲେ ରକ୍ଷା । ନହେଲେ ଏଇ ଖାଲ୍‌ସାମାନେ ଯେଉଁପ୍ରକାର ହାଣକାଟ କରୁଛନ୍ତିନା.... । ଅନନ୍ୟୋପାୟ ହୋଇ ମା' ବିଚାରୀ ଶେଷରେ ଆଗକୁ ପାଦ ବଢ଼ାଏ । ମନକୁ ବୁଝାଇବା ପାଇଁ କହୁଥାଏ, "କୁଆଡ଼େ ବା ଯିବ ଛୁଆଟା । ପ୍ରଜାପତି ପଛରେ ଧାଇଁଥିବ ନହେଲେ କୋଉ ଆଖୁବାଡ଼ିରେ । ଖିଆଲ ପଶିଲେ ଆପେ ଧାଇଁ ଧାଇଁ ଚାଲିଆସିବ ଯେ ।"

ମୁସଲମାନ ପିଲାଟିକୁ ଏକ୍ଲା ଦେଖି କିଛି ଶିଖ୍ ଘେରିଯାଆନ୍ତି । ପ୍ରଥମେ ସେ "ଆଲ୍ଲା ହୋ ଅକ୍‌ବର" ବୋଲି ବଡ଼ପାଟିରେ ଚିତ୍କାର କରି ସେମାନଙ୍କୁ ଡରେଇବାକୁ ଚେଷ୍ଟା କରେ । ହେଲେ ପଛକୁ ଭୟରେ ପାଟିରୁ ଆଉ କଥା ବାହାରେନି । ଜଣକୁ ଛାଡ଼ି ଅନ୍ୟ ଶିଖ୍‌ମାନେ ପିଲାଟିର ଅବସ୍ଥା ଦେଖି ଖୁବ୍ ଜୋରରେ ହସନ୍ତି । ସେଇ ହସିନଥିବା ଲୋକଟି ପରମେଶ୍ୱର ସିଂହ । ସାଥୀଙ୍କୁ ନେହୁରା ହୋଇ କହୁଥାଏ, "ହସନି ଭାଇମାନେ ! ଏଇ ଶିଶୁଟି ମଧ୍ୟ ସେଇ ୱାହେଗୁରୁଙ୍କ ସୃଷ୍ଟି ଯିଏ ତୁମ ଓ ତୁମ ସନ୍ତାନମାନଙ୍କୁ ଗଢ଼ିଛନ୍ତି ।" ଜଣେ ଯୁବକ ତା' କୃପାଣ ବାହାର କରି କହୁଥାଏ, "ଦଣ୍ଡେ ଅପେକ୍ଷା କରନ୍ତୁ ପରମେଶ୍ୱରଜୀ । କୃପାଣ ପ୍ରଥମେ ପବିତ୍ର କର୍ମ କରିସାରୁ ତା'ପରେ ଆମେ ଧର୍ମ ବିଷୟରେ ଆଲୋଚନା କରିବା ।" ପରମେଶ୍ୱର କିନ୍ତୁ ସାଥୀଙ୍କ କଥା ନମାନି ଛୁଆକୁ ଆଢୁଆଳକରି ଛିଡ଼ାହୋଇଯାଇ ତାକୁ ଛାଡ଼ିଦେବା ପାଇଁ କାକୁତି ମିନତୀ କରିବାକୁ ଲାଗେ । ସେମାନେ ଛୁଆକୁ ପଚାରନ୍ତି, ତୋ ଜନ୍ମଦାତା କିଏ ? ଖୁଦା କି ୱାହେଗୁରୁ ? ଭୟରେ ଛେପଢୋକି ପିଲାଟି ଜାଣେନି ବୋଲି କହେ । ତାକୁ ତା' ଅମ୍ମୀ ଗୋଟିଏ ପାଳଗଦାରୁ ପାଇଛନ୍ତି ପରା । ଏକଥା ଶୁଣି ପରମେଶ୍ୱର କାନ୍ଦି ପକାଏ । ସବୁଛୁଆ ସମାନରେ ଭାଇ । କରତାରା ବି ଏଇମିତି ତା' ମା' ତାକୁ ପାଳଗଦାରୁ ପାଇଛି ବୋଲି କହୁଥିଲା । ପରମେଶ୍ୱରର ଅବସ୍ଥା ଦେଖି ତା' ସାଥୀମାନେ କହନ୍ତି, "ଛୁଆଟିକୁ ଘରକୁ ନେଇଯା । ଦିନ କେଇଟାରେ ତା' ବାଳ ଆପେ ବଢ଼ିଯିବ । କରତାର ସିଂହ ବୋଲି ଡାକିବୁ ।" ପରମେଶ୍ୱର ଆନନ୍ଦମନରେ ଅଖ୍ତାରକୁ କାଖେଇ ଚୁମାଦିଏ । ପୁଣି ହଠାତ୍ ତାକୁ ତଳକୁ ଓହ୍ଲାଇ ଦେଇ ଏପଟ ସେପଟ ଧାଇଁବାକୁ ଲାଗେ । ଡିଆଁମାରେ । ହାତକୁ ମୁଠାଇ ତା' ଆଗରେ ଆସି ପଚାରେ, କହିଲୁ ବାପ, ୟା'ଭିତରେ କ'ଣ ଅଛି ? ଅଖ୍ତାର ତା'ର ବ୍ୟବହାରରେ ଖୁସିହୋଇ ମୁରୁକି ହସିଦେଇ କହେ, କ'ଣ ଆଉ ଥିବ । ମୋ ପାଇଁ ପ୍ରଜାପତିଟେ ଧରିଆଣିଛ ନା ? ହାତମୁଠାକୁ ଆସ୍ତେ ଖୋଲି ପ୍ରଜାପତିକୁ ଧରିଲା ବେଳେ ସେ ଉଡ଼ିଯାଏ । ଛୁଆଟି ପୁଣି ଉଦାସ ହୋଇଯିବା ଦେଖି ପରମେଶ୍ୱର କୁହେ, "ସବୁଛୁଆ ସମାନରେ ଭାଇ । ଆମ କରତାରା ବି ୟା' ଭଳି ପ୍ରଜାପତିକୁ ଖୁବ୍ ଭଲ ପାଉଥିଲା । ଧରି ନପାରିଲେ ମନଦୁଃଖ କରି କାନ୍ଦି ପକାଉଥିଲା ବିଚରା ।" ଛୁଆଟା ନିଖୋଜ ହୋଇଯିବା ପରେ ପରମେଶ୍ୱର ପାଗଳ ହୋଇଯାଇଛି ବୋଲି ସାଥୀମାନେ ପରସ୍ପର କୁହାକୁହି ହୋଇ ଯେ ଯା'ବାଟରେ ଚାଲିଯାଆନ୍ତି । ଅଖ୍ତାରକୁ କାନ୍ଧରେ ବସାଇ ଘରମୁହାଁ ଚାଲିଲା ବେଳେ ସେ ଗୋଡ଼ହାତ ଛାଟି ତା' ମା'ପାଖକୁ ଯିବ ବୋଲି ଅଝଟ ହୁଏ । ଢେର ବୁଝେଇସୁଝେଇ ଶେଷକୁ ତା' ମା'ପାଖକୁ ନେଇଯିବ ବୋଲି ପରମେଶ୍ୱର କହିବାରୁ ଟିକିଏ ଧୀର ପଡ଼େ ।

ବିଭାଜନ ପୂର୍ବରୁ ପରମେଶ୍ୱର ଜିଲା ଲାହୋରର ବାସିନ୍ଦା ଥିଲା । ଦଙ୍ଗା ଯୋଗୁଁ ସବୁକିଛି ହରାଇ ଜିଲା ଅମୃତସର ଆସିଲା ପରେ ଏଠିକା ଗାଁଲୋକେ ତା ପରିବାର ପାଇଁ ଘରଟିଏର ବ୍ୟବସ୍ଥା କରିଦିଅନ୍ତି । ସେଇ ଘରେ ପୂର୍ବରୁ ମୁସଲମାନମାନେ ରହୁଥିବାରୁ ତାକୁ ସବୁବେଳେ ଲାଗେ ଯେମିତି ଭିତରେ କେହିଜଣେ କୋରାନ ପାଠ କରୁଛି । ଗାଁ ଲୋକେ ତା' କଥାକୁ ହସି ଉଡ଼େଇ ଦିଅନ୍ତି । ଲାହୋରରେ ଥିଲାବେଳେ କରତାରକୁ ଟିକିଏ ଟିକିଏ କଥାରେ ପରମେଶ୍ୱର ନିସ୍ତୁକ ମାରୁଥିଲା । କିନ୍ତୁ ତା'ର ନିଖୋଜ ହୋଇଯିବା ପରଠୁ ସବୁବେଳେ ମନମାରି ବସିରହୁଛି । ଝିଅ, ଅମର କୌରକୁ ପୂର୍ବେ ମୁଣ୍ଡରେ ବସେଇଥିଲା । ଏବେ ପୂରା ଓଲଟା । ମାସେ ଖଣ୍ଡେ ହୋଇଗଲାଣି ନୂଆଘରେ ରହିବାର । ରାତିରେ ଭଲ ନିଦ ହୁଏନି ତା'ର । ମଧ୍ୟରାତ୍ରିରେ ପତ୍ନୀକୁ ଉଠାଇ କୁହେ, "ହେଇ କାନ ଡେର୍ । ଏଇ ପାଖରେ କେହିଜଣେ କୋରାନ ପଢୁଛି ନା !" ତା'ସ୍ତ୍ରୀତ କଡ଼ ଲେଉଟାଇ ଶୋଇଯାଏ କିନ୍ତୁ ବାପର ଏଇ କଥା ଶୁଣି ଝିଅ ଆଖିରୁ ହଜିଯାଇଥାଏ ନିଦ । ଜିଲା ଲାହୋରରେ ତାଙ୍କ ଘର ପାଖରେ ମସଜିଦ୍ ଥିବାରୁ ଭୋର ସକାଳୁ ଅଜାନ୍ ଶୁଣିଲେ ତା' ଭିତରେ ପବିତ୍ରତା ଭରିଯାଉଥିଲା । ହେଲେ ଯୋଉଦିନ ପାଖ ଘରର ଝିଅ, ପ୍ରୀତମ କୌରକୁ କିଛି ମୁସଲମାନ ଯୁବକ ଅପହରଣ ତଥା ଅତ୍ୟାଚାର କରିବା ପରେ ଅଳିଆ ଗଦାକୁ ଫିଙ୍ଗି ଦିଅନ୍ତି ସେଇ ଦିନଠୁଁ ମୁଲ୍ଲାଙ୍କ ଅଜାନ୍ ଶୁଣିଲା ମାତ୍ରେ ଛାତିରେ ଛନ୍‌କା ପଶିଯାଏ ତା'ର ।

ଅଜଣା ଛୁଆଟିକୁ କାନ୍ଧରେ ବସାଇ ଘର ଭିତରକୁ ପଶିଆସିବାର ଦେଖି ତା' ସ୍ତ୍ରୀ ଆଶ୍ଚର୍ଯ୍ୟ ହୋଇ ପିଲାଟି କାହାର ବୋଲି ପଚାରେ । ହସି ହସି ପରମେଶ୍ୱର କହେ, "ବୋକୀ, ଡରୁଛୁ କାହିଁକି ? ଠିକ୍ ଆମ କର୍‌ତାରେ ଭଳି ହୋଇଛି । ତା' ମା' ବି ତାକୁ ପାଳଗଦାରୁ ପାଇଛି ପରା । ପ୍ରଜାପତି ଧରିବାକୁ ଇୟେ ଖୁବ୍ ଭଲପାଏ । ୟା' ନାଁ ଅଖ୍ତାର ।" ପଠାଣ ନାଁ ଶୁଣି ତା' ସ୍ତ୍ରୀ ରାଗିଯାଏ । ପରମେଶ୍ୱର କିନ୍ତୁ ନିଜ ଧୁନ୍‌ରେ କହିଚାଲିଥାଏ, "ତୁ ତାକୁ ଅଖ୍ତାର ସିଂହ ବୋଲି ଡାକିପାରିବୁ । ଆଉ ବାଳ କଥା, ଦିନ କେଇଟାରେ ଲମ୍ବା ହୋଇଗଲେ ତାକୁ ଜୁଡ଼ା ବାନ୍ଧି ସେଥିରେ ପାନିଆଁଟେ ଖୋସିଦେବା । ଏବେ ହିଁ ୟା'କୁ ପିନ୍ଧେଇଦେବା ଗୋଟିଏ ଷ୍ଟିଲ ବଳା ଓ ଲମ୍ବା କଚ୍ଛା । ଆମ କରତାର ଭଳି ୟା' କପାଳରେ ବି ଛୋଟ କଳାଜାଇଟିଏ ଅଛି ଦେଖୁନୁ । ୟା କାନ ବି ଠିକ୍ ତା' କାନଭଳି ।" ଏତେବେଳ ଯାଏ ଚୁପ୍ ଥିବା ପିଲାଟି ପୁଣି ଅଝଟ ହୋଇ ଅମ୍ମୀ' ପାଖକୁ ଯିବାକୁ ଜିଦ୍ କରେ । ଆଉ ପରମେଶ୍ୱରର କଥା ଶୁଣି ରାଗି ନିଆଁବାଣ ହୋଇଯାଇଥିବା ତା' ସ୍ତ୍ରୀ ହାତ ଛିଞ୍ଚାଡ଼ି କହୁଥାଏ, ଦେଖ ହୋ ଆମ ସାହସୀ ହିରୋଙ୍କୁ । ଯାଇଥିଲେ ସାଥୀଙ୍କ ସହ ମିଶି ଡକାଏତୀ କରିବା ପାଇଁ । କିଛି ତ ପାଇଲେନି, କୋଉଠୁ ଛୁଆଟିଏ ଉଠାଇ ଆଣିଛନ୍ତି । ଆରେ, ଗୋଟେ ବଢ଼ିଲା ଝିଅ ହେଲେ ଆଣିଥାନ୍ତ । ତାକୁ ବିକ୍ରି କରିଦେଲେ କେତେଶହ ଟଙ୍କା ତ ମିଳିଥାନ୍ତା ଏଇ ଖାଲି ଘରଟାରେ କିଛି ଆସବାବପତ୍ର ଭରିବା ପାଇଁ । ଦେଖି ପାରୁନ ଏଇଟା ଗୋଟେ ପଠାଣ ଛୁଆ । ୟା'କୁ ଘରେ ପୂରାଇଲେ ଆମ ଧର୍ମ ଭ୍ରଷ୍ଟ ହେବନି ? ଯେଉଁଠୁ ଗୋଟାଇ ଆଣିଥିଲ ସେଇଠି ଫିଙ୍ଗିଦେବ ଯାଅ । ଆଉ ଯଦି ବିଦା ନକରିବ ତେବେ ରାତିରେ ୟା'ର ଗଳା କାଟିଦେବି ଜାଣିଥା' ।

ତୋତେ ଫିଙ୍ଗିଦେଲେ .... ତୋ ଗଳା କାଟିଦେଲେ .... ? ପରମେଶ୍ୱର ପାଗଳଙ୍କ ଭଳି ଚିତ୍କାର କରିଉଠେ । ପାଟିତୁଣ୍ଡ ଶୁଣି ଲୋକ ଜମିଯିବାରୁ ପରିସ୍ଥିତି ସମ୍ଭଳା ପଡ଼େ । ପରମେଶ୍ୱର ଏଥର ଟିକିଏ ଶକ୍ତ ହୁଏ । ସ୍ତ୍ରୀକୁ ବାଧ୍ୟକରେ ଅଖ୍ତାରର ଯତ୍ନ ନେବାପାଇଁ । ଆସ୍ତେ ଆସ୍ତେ ଘନିଷ୍ଠତା ବଢ଼େ । ଲୋକେ କହନ୍ତି ତାକୁ ଗୁରୁଦ୍ୱାରାକୁ ନେଇ ଶିଖ୍ ଧର୍ମରେ ଦୀକ୍ଷିତ କରେଇ ଦେବାକୁ । ପରମେଶ୍ୱର କିନ୍ତୁ ଏଇ ପ୍ରସ୍ତାବରେ ଆଉ ରାଜି ହୁଏନି । ଅଖ୍ତାର, ଅଖ୍ତାର ହୋଇ ରହିବ, କର୍‌ତାର କାହିଁକି ହେବ । ସେଇ ସମାନ କାମ ଲାହୋରରେ କରତାର ସହିତ ହେଲେ ଯଦି ତାହା ଆମ ଆଖିରେ ଦୋଷାବହ ତେବେ ସେଇ ଅପରାଧ ଆମେ ଅନ୍ୟସହ କାହିଁକି କରିବା ଯେ ? ସିଏ ମୁସଲମାନ, ମୁସଲମାନ ହୋଇ ରହିବ । ତାକୁ ପ୍ରତିମାସ ଅମୃତସର ବଜାରକୁ ନେଇ ଇଂଲିସ୍ ଷ୍ଟାଇଲରେ ବାଳ କଟାଇ ଆଣିବ । ପରମେଶ୍ୱର ସିଂହ ଜଣେ ଖାଲ୍‌ସା । ତା' ଭିତରେ ସିଂହର ହୃଦୟ ଅଛି କୌଣସି କୁକୁଡ଼ାର ନୁହେଁ । ସେ କେବେ କୌଣସି ଭୁଲକାମ କରି ପାରିବନି । ଗାଁବାଲେ ଏ କଥାର ବିରୋଧ କରନ୍ତି । ଗ୍ରନ୍ଥୀ, ସରଦାର ସନ୍ତୋ ସିଂହ କିଛି ଭଦ୍ରଲୋକଙ୍କ ସହିତ ଆସି ତାକୁ ନିର୍ଦ୍ଦେଶ ଦିଅନ୍ତି ଆସନ୍ତା କାଲିଠାରୁ ଅଖ୍ତାରକୁ ଖାଲ୍‌ସାଙ୍କ ଭଳି ପଗଡ଼ି ଓ ବଳା ପିନ୍ଧେଇବାକୁ । ତା' କେଶକୁ କଇଁଚି ଛୁଇଁ ପାରିବନି । ଯଦି ଏହାର ଉଲ୍ଲଂଘନ ହୁଏ ତେବେ ସେମାନେ ଗାଁରୁ ବିତାଡ଼ିତ ହେବେ । ଅଖ୍ତାର ଏଥର ଶିଖ୍‌ଙ୍କ ଭଳି ପଗଡ଼ି, ବଳା ଓ କଚ୍ଛା ପିନ୍ଧିବାକୁ ଲାଗେ । କିଛିଦିନ ସେ ତା'ର ଅମ୍ମୀଙ୍କୁ ମନେପକାଇ କାନ୍ଦେ । ପଛକୁ କାନ୍ଦେ ଅନ୍ୟ ଜିନିଷ ପାଇଁ । କେତେବେଳେ ମୁଣ୍ଡରେ ପଗଡ଼ି ଭିଡ଼ିବାପାଇଁ ଜିଦ୍ ତ କେତେବେଳେ ନୂଆ ପାନିଆଁ ପାଇଁ । ପରମେଶ୍ୱର ତା'ର ସବୁ ଆବଶ୍ୟକତା ପୂରଣ କରୁଥାଏ । କିନ୍ତୁ ଶିଖ୍ ବେଶ ଭିତରେ ଅଖ୍ତାରକୁ ସେ ମୁସଲମାନ ହିଁ ରହିବାକୁ ଦିଏ । ତାକୁ ବଦଳାଇବାକୁ ଆଦୌ ଚେଷ୍ଟା କରେନି ।

ଦିନେ ମଧ୍ୟରାତ୍ରିରେ କେହିଜଣେ ଅତି ନିକଟରେ କୋରାନ ଆବୃତ୍ତି କରୁଥିବାର ଶୁଣି ପରମେଶ୍ୱରର ନିଦ ଭାଙ୍ଗିଯାଏ । ତା' ସ୍ତ୍ରୀକୁ ବି ଶୁଭେ ସେଇ ସ୍ୱର । ଝିଅ ଭୟରେ ଚିତ୍କାର କରିବାରୁ ଅଖ୍ତାର ଉଠି ଚିହିଡ଼ା ଛାଡ଼ି ପରମେଶ୍ୱରକୁ ଜାବୁଡ଼ି ଧରେ । କମ୍ବଳ ଭିତରେ ହାମୁଡ଼ି ପଡ଼ି ସେ କୋରାନ ପଢୁଥିଲା ବୋଲି କହିବାରୁ ଅମର କୌର ଖୁବ୍ ଭୟଭୀତ ହୋଇଯାଏ । କାଳେ କୋଉ ଭୂତ ବା ଜିନ୍ ଅଖ୍ତାର ଦେହରେ ସବାର ହୋଇଛି ଭାବି ପରମେଶ୍ୱରର ସ୍ତ୍ରୀ ଲଣ୍ଠନଟିଏ ଜଳେଇ ଝିଅର ଖଟ ପାଖରେ ରଖେ । କୋଳରେ ବସିଥିବା ଅଖ୍ତାରର ମୁଣ୍ଡ ସାଉଁଳାଇ ପରମେଶ୍ୱର ପଚାରେ, "କ'ଣ ଆବୃତ୍ତି କରୁଥିଲୁ ବାପ ?" ତା' ପ୍ରଶ୍ନରେ ମୁରୁକି ହସି ଅଖ୍ତାର କହେ, "ଶୁଣିବ, ଆଉଥରେ ପଢ଼ିବି ?" କ୍ୟୁଲ୍ ହୁଓ୍ୱାଲ୍ଲାହ ହୋ ଅହଦ୍ ଠୁଁ ଆରମ୍ଭ କରି କୁଫୁଓ୍ୱନ୍ ଅହଦ୍ ପର୍ଯ୍ୟନ୍ତ ଏକ ନିର୍ଦ୍ଦିଷ୍ଟ ଭଙ୍ଗୀରେ ପଢ଼ି ସାରିଲା ପରେ ପରମ୍ପରା ଅନୁଯାୟୀ ଆପଣା ଛାତିରେ ଫୁଙ୍କିବା ସହ ପରମେଶ୍ୱର ଆଡ଼କୁ ଚାହିଁ ହସି ହସି ପଚାରେ, "ତୁମ ଗରେବାନ୍‌ରେ ବି ଫୁଙ୍କିଦେବି ?" ହଁ ହଁ କହି ପରମେଶ୍ୱର ନିଜ କମିଜ୍‌ର କଲର ବୋତାମ ଖୋଲିଦିଏ । ତାକୁ ନିଦ ଆସୁନିକି ବୋଲି ପଚାରିବାରୁ ଅମ୍ମୀଜାନଙ୍କ କଥା ମନେ ପଡୁଛି ବୋଲି କହେ ଅଖ୍ତାର । ଅମ୍ମୀ ସବୁବେଳେ କହୁଥିଲେ ନିଦ ନଆସିଲେ ଏହାକୁ ତିନିଥର ପଢ଼ିବା ପାଇଁ । ତାହା ସୁଖନିଦ୍ରା ପାଇଁ ସହାୟକ । ତାକୁ ପଢ଼ିବାରୁ ଠିକ୍ ନିଦ ଆସିଯାଇଥିବା ବେଳେ ଅମର କୌରର ଚିତ୍କାର ଶୁଣି ସେ ଛାନିଆଁ ହୋଇ ଉଠି ପଡ଼ିଲା ପରା । ପରମେଶ୍ୱର ପୁଅର ପିଠି ଥାପୁଡ଼ି କହେ, "ତାକୁ ଆଉଥରେ ପଢ଼ି ଶୋଇପଡ଼ ବାପ । ପ୍ରତିଦିନ ପଢ଼ିବୁ ବଡ଼ପାଟିରେ । ପଢ଼ିବାରେ କେବେ ହେଳା କରିବୁନି । ନପଢ଼ିଲେ ତୋ ଅମ୍ମୀ ତୋତେ ବାଡ଼େଇବେ ଜାଣିଥା ।"

ବିଛଣାରେ ଆଖିବୁଜି ପରମେଶ୍ୱର ଭାବେ କରତାର ମଧ୍ୟ ଏଇମିତି ତା' ମା'କୁ ସବୁବେଳେ ଖୋଜୁଥିବ । ରାତିରେ ନିଦ ନହେଲେ ଲୁଚି ଲୁଚି ପବିତ୍ର ଜପ୍‌ଜୀ ସାହିବ୍‌ର ପାଠ କରୁଥିବ । ଅଖ୍ତାରକୁ ତା' ଅମ୍ମୀ ପାଖରେ ପହଞ୍ଚେଇ ଦେବାର ବ୍ୟବସ୍ଥା କଲେ ହୁଏତ ୱାହେଗୁରୁ କରତାରେକୁ ବି ତା' ମା' ପାଖରେ ପହଞ୍ଚେଇଦେବାର ବ୍ୟବସ୍ଥା କରିପାରନ୍ତି । ଦିନେ ଜହ୍ନରାତିରେ ଅଖ୍ତାରକୁ କାନ୍ଧରେ ବସାଇ ସୀମାରେଖା ଆଡ଼େ ବାହାରିପଡ଼େ ପରମେଶ୍ୱର । ରାତିସାରା ଚାଲି ଚାଲି ଭୋର ବେଳକୁ ଗୋଟିଏ ଉଚ୍ଚ ମାଟିବନ୍ଧ ପାଖରେ ପହଞ୍ଚିଯାଆନ୍ତି ଦୁଇଜଣ । ଦୂରରୁ ସ୍ପଷ୍ଟ ଶୁଭୁଥାଏ ଅଜାନ୍ । ସେ ସ୍ୱର କାନରେ ପଡ଼ିବାରୁ ଅଖ୍ତାର ଖୁବ୍ ଖୁସିହୋଇଯାଏ । ପରମେଶ୍ୱର ତାକୁ ତଳକୁ ଓହ୍ଲେଇ ଦେଇ ବହେ ଗେଲକରି, ଚୁମାଦେଇ ସେଇ ଶବ୍ଦ ଆଡ଼କୁ ଯିବାପାଇଁ ଇଙ୍ଗିତ କରି କହେ, "ଯା ବେଟା, ସେଠାକୁ ଯାଇ ତୋର, ତୋ ଅମ୍ମୀଙ୍କର ଓ ତୁମ ଗାଁର ନାଁ କହିବୁ । ସେମାନେ ତୋତେ ତୋ ଅମ୍ମୀ ପାଖରେ ପହଞ୍ଚାଇ ଦେବେ ।" ଏକା ଯିବାକୁ ଭୟ କରିବାରୁ ପରମେଶ୍ୱର କହେ, "ଡରୁଛୁ କାହିଁକିରେ ବାୟା ! ସେଠି ତୋର ଭୟ କରିବାର କିଛି ନାହିଁ । ପବିତ୍ର କୋରାନ୍‌ରୁ କିଛି ପଢ଼ି ପଢ଼ି ଚାଲିଯା । ଦେଖିବୁ ଭୟ ତୋ ପାଖ ମାଡ଼ିବନି ।" ଭୋର ହୋଇ ଆସୁଥାଏ । ଅଖ୍ତାର ଜଣେ ବୀର ଖାଲ୍‌ସା ଭଳି ଛାତି ଫୁଲେଇ ଆଗକୁ ମାଡ଼ିଚାଲିଲା ବେଳେ ପରମେଶ୍ୱର ସେଇ ମାଟିବନ୍ଧ ଉପରେ ବସି ତାକୁ ଅପଲକ ନେତ୍ରରେ ଚାହିଁ ରହିଥାଏ । ସିପାହୀମାନେ ତା' ନାଁ ପଚାରନ୍ତି । ପଗଡ଼ି ଟାଣି ଦେବାରୁ ଖୋଲିଯାଏ ଲମ୍ବା କେଶ । ପାନିଆଁଟି କୋଉଠି ଖସି ପଡ଼ିବାରୁ ଅଖ୍ତାର ଭାରି ରାଗିଯାଏ ସେମାନଙ୍କ ଉପରେ । ସେଇଭଳି ପାନିଆଁଟେ ଭରଣା ଦିଅ ନହେଲେ ପିଟିବି ତୁମକୁ ବୋଲି କହେ । ସିପାହୀମାନେ ଏତିକିବେଳକୁ ଆଣ୍ଠେଇପଡ଼ି କିଛି ଲକ୍ଷ୍ୟ କରିବାରେ ବ୍ୟସ୍ତ ଥାଆନ୍ତି । ଗୁଡୁମ୍ । ମାଟିବନ୍ଧ ଆଡ଼େ ସିପାହୀମାନେ ଧାଆଁନ୍ତି । ଅଖ୍ତାର ବି କାନ୍ଦି କାନ୍ଦି ତାଙ୍କ ପଛରେ ଧାଇଁବାକୁ ଲାଗେ । ଏମାନେ ପହଞ୍ଚିଲା ବେଳେ ପରମେଶ୍ୱର ତା' ପଗଡ଼ି ଖୋଲି ଜଙ୍ଘର କ୍ଷତସ୍ଥାନକୁ ଶକ୍ତଭାବେ ବାନ୍ଧି ସାରିଥିଲେ ସୁଦ୍ଧା ରକ୍ତକ୍ଷରଣ ଆଦୌ ବନ୍ଦ ହେଉ ନଥାଏ । ସେ ପଚାରେ, "ତୁମେ ମୋତେ ଗୁଳି ମାରିଲ କାହିଁକି ? ମୁଁ ତ କିଛି ଭୁଲ କରିନି । ତା'ର ଲମ୍ବା ବାଳ କାଟିବାକୁ ଭୁଲି ଯାଇଛି କେବଳ । ତାକୁ ତା' ଧର୍ମ ଫେରେଇ ଦେବାକୁ ଆସିଥିଲିରେ ଭାଇ ।" (ସମାପ୍ତ)

ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

## ପୂର୍ବୋତ୍ତର ଭାରତର ଜନଜାତି : ଲୋକ ଭାଷା...

(ପୃଷ୍ଠା ୬ର ଅବଶିଷ୍ଟାଂଶ)

ଏଥିପାଇଁ ପ୍ରତିଟି ଭାଷାକୁ ସଂରକ୍ଷଣ ଦେବା ପ୍ରତ୍ୟେକଙ୍କର ଧେୟ ହେବା ଉଚିତ୍। ଭାଷା ବଞ୍ଚିଲେ ସିନା ଆମେ ସାରସ୍ୱତ ସ୍ରଷ୍ଟାର ମାନ୍ୟତା ପାଇବା ! ତେଣୁ ଆଜି ପ୍ରତ୍ୟେକ ବ୍ୟକ୍ତି ନିଜ ଅନ୍ତରର ବାଣୀକୁ ଶୁଣନ୍ତୁ। ମନର ଭାଷାକୁ ବୁଝନ୍ତୁ। ଆପଣାର ସାରସ୍ୱତ ଭାଷାର ଆକାଶକୁ ଦେଖନ୍ତୁ। ସ୍ୱକୀୟ ପାଣି ପବନରେ ନିଜକୁ ପରିପୁଷ୍ଟ କରନ୍ତୁ। ମାଟିରୁ ମହାକାଶ ଯାଏ ବିଶ୍ୱାସର ମଣ୍ଡପ ତିଆରି କରି ଭାଷାର କଳ୍ପବଟ ରୋପଣ କରନ୍ତୁ। ତେବେ ଯାଇ ଶାନ୍ତ, ସ୍ନିଗ୍ଧ, ତରୁଛାୟା ତଳେ ପ୍ରତିଟି ସାରସ୍ୱତ ସ୍ରଷ୍ଟା ଭାଷାର ମଗ୍ନ ଆରାଧନା କରିପାରିବେ। ପୂର୍ବୋତ୍ତର ଭାରତରେ ଜନଜାତି ଭାଷା ଏକାଡେମୀର ଆବଶ୍ୟକତା ଅଧିକ ଗୁରୁତ୍ୱପୂର୍ଣ୍ଣ। ବିଲୁପ୍ତମାନ ଭାଷାକୁ ଏହା ସଂରକ୍ଷଣ ଦେଇପାରିବ। ଏଦିଗରେ ଜନାଜାତି ଭାଷାତତ୍ତ୍ୱବୀତ୍ ଏବଂ ଏହି ଭାଷା ପ୍ରତି ଗଭୀର ଅଭିରୁଚି ରଖିଥିବା ବ୍ୟକ୍ତି ତଥା ଗବେଷକମାନେ ନିଷ୍ଠାର ସହ କାର୍ଯ୍ୟ ଆରମ୍ଭ କରିବା ଆବଶ୍ୟକ। ଯଦି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଜନଜାତି ଭାଷା ଅଧ୍ୟୟନର ଅନୁଗୁଳ ବାତାବରଣ ସୃଷ୍ଟି ହୋଇପାରନ୍ତା, ତେବେ ଗୋଟିଏ ମୁମୂର୍ଷୁ ଭାଷା ପ୍ରାଣରେ ସୁରକ୍ଷାର ଅମ୍ଳଜାନ ଦିଆଯାଇ ପାରନ୍ତା। ଏଥିପାଇଁ ସମାଜର ପ୍ରତ୍ୟେକ ବର୍ଗ ଯଥା: ନେତାଙ୍କ ଠାରୁ ଆରମ୍ଭ କରି ବୁଦ୍ଧିଜୀବୀ, ଶିକ୍ଷାବୀତ୍ ପ୍ରଶାସନିକ ସ୍ତରରେ ଏକ ଆନ୍ଦୋଳନାତ୍ମକ ପଦକ୍ଷେପ ନେଲେ ପୂର୍ବୋତ୍ତର ଜନଜାତି ଭାଷା ନିଜର ହଜାଇ ଦେଇଥିବା ଭାଷାର ସାର୍ଥକ ପରିଚୟ ଫେରିପାଇବା ସଙ୍ଗେ ସଙ୍ଗେ ଏହା ପୁନର୍ବାର ସମୃଦ୍ଧ ହୋଇ ଭାରତୀୟ ସାହିତ୍ୟକୁ ପରିପୃଷ୍ଟ କରିପାରିବ, ଏଥିରେ ସନ୍ଦେହ ନାହିଁ।

## ଭାରତୀୟ ଚିକିତ୍ସକ ସଂଘ ଭଦ୍ରକ ଶାଖାର ପ୍ରତିବାଦ ସଭା

ଭଦ୍ରକ,୧୯/୦୬ (ନି.ପ୍ର): ଭାରତୀୟ ଚିକିତ୍ସକ ସଂଘ ଆଇଏମ୍ଏ ଭଦ୍ରକ ଶାଖାର ଏକ ପ୍ରତିବାଦ ସଭା ଡା. ରବିନ୍ଦ୍ର କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଭଦ୍ରକ 'ଗୀତା ଭବନ' ଠାରେ କୋଭିଡ୍ କଟକଣାରେ ସାମାଜିକ ଦୂରତା ରକ୍ଷା କରି ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ପାଦକ ଡାକ୍ତର ହରେକୃଷ୍ଣ ନାୟକ ପ୍ରାରମ୍ଭିକ ସୂଚନା ଦେବା ସହିତ ଭାରତର ବିଭିନ୍ନ ସ୍ଥାନରେ କାର୍ଯ୍ୟରତ ଡାକ୍ତର, ନର୍ସ ଓ ସ୍ୱାସ୍ଥ୍ୟକର୍ମୀଙ୍କ ଉପରେ ହେଉଥିବା ବିଭିନ୍ନ ପ୍ରକାରର ଶାରିରୀକ ଓ ମାନସିକ ନିର୍ଯାତନାକୁ ନେଇ ଉଦ୍‌ବେଗ ପ୍ରକଟ କରିବା ସହିତ ଏହାର ସ୍ଥାୟୀ ସମାଧାନ ପାଇଁ ପ୍ରସ୍ତାବ ଆଗତ କରିଥିଲେ। ବର୍ତ୍ତମାନ ଦେଶ ମହାମାରୀ କରୋନାରେ ଆକ୍ରାନ୍ତ ଥିବା ବେଳେ ଡାକ୍ତରମାନେ ନିଜ ଜୀବନ ଓ ପରିବାରକୁ ଉତ୍ସର୍ଗ କରି ରୋଗୀଙ୍କ ସେବାରେ ବ୍ୟସ୍ତ ଥିବା ବେଳେ କିଛି ଅସାମାଜିକ ବ୍ୟକ୍ତି ଆଇନ କାନୁନକୁ ବେଖାତିର କରି ଛୋଟ ଛୋଟ କଥାରେ ଡାକ୍ତର, ନର୍ସ ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ଆକ୍ରମଣ କରିବା ସହ ଅଶାଳୀନ ବ୍ୟବହାର ପ୍ରଦର୍ଶନ କରୁଛନ୍ତି। ମହାମାରୀରୁ ରକ୍ଷା ପାଇବା ପାଇଁ ଅଳ୍ପ ସଂଖ୍ୟକ ଡାକ୍ତରଙ୍କୁ ନେଇ ସରକାର ଉପଯୁକ୍ତ ସେବା ଯୋଗାଇବା ପାଇଁ ପ୍ରୟାସ କରୁଥିବା ବେଳେ ଡାକ୍ତରମାନଙ୍କ ପ୍ରତି ଏତାଦୃଶ ବ୍ୟବହାର ସେମାନଙ୍କୁ ମାନସିକ ସ୍ତରରେ ଆଘାତ ଦେବା ସାଙ୍ଗକୁ ନିଜ କାର୍ଯ୍ୟ ସୁଚାରୁ ରୂପେ ସମ୍ପନ୍ନ କରିବାରେ ବ୍ୟାଘାତ ସୃଷ୍ଟି କରୁଛି। ଏପରି କାର୍ଯ୍ୟର ସ୍ଥାୟୀ ସମାଧାନ ଓ ଅସାମାଜିକ ବ୍ୟକ୍ତିଙ୍କ ବିରୋଧରେ କଠୋର ଦଣ୍ଡ ବିଧାନ ପାଇଁ ଭଦ୍ରକ ଶାଖା ପକ୍ଷରୁ ଦାବି କରାଯାଇଛି। ଏ ନେଇ ଏକ ଦାବିପତ୍ର ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ଉକ୍ତ ପ୍ରତିବାଦ ସଭାରେ ଡାକ୍ତର ପୂର୍ଣ୍ଣଚନ୍ଦ୍ର ଦାସ, ଡା. ଝସକେତନ ମହାନ୍ତି, ଡା. ଶତୃଘ୍ନ ହାତୀ, ଡା. ପ୍ରଦିପ କୁମାର ନାୟକ, ଡା. ଅଧର ନାୟକ, ଡା. ସନ୍ତୋଷ ଜେନା, ଡା. ଦୀପକ ଜେନା, ଡା. ସୁଶାନ୍ତ ସାମନ୍ତ, ଡା. ରଞ୍ଜିତ ଖଟୁଆ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଭାଗ ନେବା ସହିତ ଯଦି ସରକାର ଦାବିକୁ ଉପେକ୍ଷା କରନ୍ତି ତେବେ ସଂଘ ତୀବ୍ର ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଥିଲେ।

## ବାଲି ମାଫିଆଙ୍କ ହତ୍ୟା ଧମକ୍ : ଥାନାରେ ମାମଲା

ଜଳେଶ୍ୱର ୧୯/୬ (ନି.ପ୍ର) : ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅଧିନ ସେଖ ସରାଇ ଗ୍ରାମରେ ଆଜି ଏକ ଅଭାବନୀୟ ଘଟଣା ଘଟିଯାଇଛି। ଗ୍ରାମର ହରିପଦ ମାନ୍ନା ଜଣେ ସଫଳ ପରିବା ଚାଷୀ। ସେ ଫସଲରେ ପୋକମରା ଔଷଧ ପ୍ରୟୋଗଲାଗି ଆଜି ଶନିବାର ମଧ୍ୟାହ୍ନରେ ବିଲକୁ ଯାଇଥିବା ବେଳେ ସେହି ଗ୍ରାମର ବିକାଶ ଦାସ, ତପନ ରାଉତ, ଦେବାଶିଷ ଦାସ ପ୍ରମୁଖ ସଂଘବଦ୍ଧଭାବେ ତାଙ୍କ ଘରକୁ ଆସି ଅତର୍କୀତଭାବେ ଗଣ୍ଡଗୋଳ କରିବା ସହିତ ବିଭିନ୍ନ ଅଶାଳୀନ ଭାଷା ପ୍ରୟୋଗ କରିଥିଲେ। ଏପରିକି ସେମାନଙ୍କ ସହିତ ଲାଗିଲେ ପରିବାରକୁ ଗାଡି ଚପାଇ ମାରିଦେବେ ବୋଲି ହତ୍ୟା ଦେଇଥିଲେ। ସୂଚନାଯୋଗ୍ୟ ଉକ୍ତ ଯୁବକମାନେ ଦୀର୍ଘଦିନ ଧରି ସୁବର୍ଣ୍ଣରେଖା ନଦୀରୁ ବେଆଇନ୍‌ଭାବେ ବାଲି ଉତ୍ତୋଳନ କରି ମାଲେମାଲେ ହେଉଥିଲେ। ନଦୀରୁ ମେସିନ୍ ସାହାଯ୍ୟରେ ବେଆଇନ୍ ବାଲି ଉତ୍ତୋଳନ କଲେ ଗ୍ରାମପ୍ରତି ବିପଦ ଥିବା ସମ୍ପର୍କରେ କହିବାରୁ ଏପରି ଆକ୍ରମଣର ଧମକ୍ ଦିଆଯାଇଥିବା ସମ୍ପର୍କରେ ଅର୍ଚ୍ଚନା ମାନ୍ନ ଥାନାରେ ଅଭିଯୋଗ କରିଛନ୍ତି।

## ଓଡ଼ିଶା ମୋ ପରିବାର ଓ ଜୀବନ ବିନ୍ଦୁର ମିଳିତ ଆନୁକୂଲ୍ୟରେ କୁରାଢ଼ିଆଠାରେ ଆୟୋଜିତ ହେଲା ରକ୍ତଦାନ ଶିବିର

ବାଲେଶ୍ୱର,୧୯/୦୬ (ନି.ପ୍ର): ମୋ ପରିବାର ଓ ଜୀବନ ବିନ୍ଦୁର ମିଳିତ ଆନୁକୂଲ୍ୟରେ ଆଜି ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ କୁରାଢ଼ିଆ ଗ୍ରାମ ପଞ୍ଚାୟତର ରହିମପଡା ଠାରେ ବିଜୁ ଯୁବ ଜନତା ଦଳ ତରଫରୁ ଆୟୋଜିତ ଏକ ରକ୍ତଦାନ ଶିବିରର ଶୁଭ ଉଦଘାଟନ କରିଛନ୍ତି। ବାଲେଶ୍ୱର ସଦର ବିଧାୟକ ଶ୍ରୀଯୁକ୍ତ ସ୍ୱରୂପ କୁମାର ଦାସ ଏବଂ ମୋଟ ୬୮ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସଦର ବ୍ଲକ ଚେୟାରମ୍ୟାନ ଶ୍ରୀ ନାରାୟଣ ପ୍ରଧାନ, ବାଲେଶ୍ୱର ଜିଲ୍ଲା ଯୁବ ଜନତା ଦଳ ସଭାପତି ଶ୍ରୀ ତାପସ ପରିଡ଼ା, ସଦର ବ୍ଲକ ସଭାପତି ବସନ୍ତ ପଣ୍ଡା, ପୂର୍ବତନ ବାଲେଶ୍ୱର ପୌରପାଳିକା ଉପନଗର ଶ୍ରୀ ମନୋଜ ରାଉତ, ଯୁବ ଜନତା ଦଳ ଜିଲ୍ଲା ସୋସିଆଲ ମିଡ଼ିଆ ସଂଯୋଜକ ଶ୍ରୀ ଅବିନାଶ ନାୟକ, ସଦର ବ୍ଲକ ଯୁବ ସଭାପତି ଦିଲୀପ ମହାନ୍ତି, କୁରାଢ଼ିଆ ପଞ୍ଚାୟତର ପୂର୍ବତ୍ନ ସରପଞ୍ଚ ପ୍ରଫୁଲ ବେହେରା ସଦର ବ୍ଲକ ଯୁବ ସୋସିଆଲ ମିଡ଼ିଆ ସଂଯୋଜକ ଗୌରବ ରାଉତ, ପ୍ରଳୟ, ଚନ୍ଦ୍ରକାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବିଧାୟକ ଶ୍ରୀ ଦାସ ବିଜୁ ଯୁବ ଜନତା ଦଳର ଆୟୋଜକ ବନ୍ଧୁମାନଙ୍କୁ ଧନ୍ୟବାଦ ଦେବା ସହ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।

## ଦିନକରେ ଚିହ୍ନଟ ୨୬୧ ସଂକ୍ରମିତ ଓ ସୁସ୍ଥ ହେଲେ ୨୮୬

ବାଲେଶ୍ୱର,୧୯/୦୬ (ନି.ପ୍ର): ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ରିପୋର୍ଟ ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ୨୬୧ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଚିହ୍ନଟ ସଂକ୍ରମିତଙ୍କ ମଧ୍ୟରେ ସହରର ସହଦେବଖଣ୍ଟାରୁ ୩ଜଣ ଓ ସୁନହଟରୁ ୨ଜଣଙ୍କ ସମେତ ଅଙ୍ଗାରଗଡିଆ, ଅରଡବଜାର, ଆଜିମାବାଦ, ବାରବାଟୀ, ଗୋପାଳଗାଁ, ଗୁଡ଼ିପଦା, ମାନସିଂବଜାର, ଜେଲରୋଡ, କଚେରୀ, ଆଇଟିଆଇ ଛକ, ମଠସାହି, ପଞ୍ଜିବାଗ, ପୁରୁଣାବାଲେଶ୍ୱର, ରେଲୱେ କଲୋନି, ରାଣୀପାଟଣା, ତେଲେଙ୍ଗାସାହି ପ୍ରଭୃତି ଅଞ୍ଚଳରୁ ଜଣେ ଲେଖାଏଁ ସଂକ୍ରମିତ ଅଛନ୍ତି। ସେହିଭଳି ବାହାନଗା ବ୍ଲକରୁ ୩୧ଜଣ, ବାଲିଆପାଳରୁ ଜଣେ, ବସ୍ତାରୁ ୨୩, ଭୋଗରାଇରୁ ୬, ଜଳେଶ୍ୱରରୁ ୨, ଖଇରାରୁ ୩୯, ନୀଳଗିରିରୁ ୧୭, ଔପଦାରୁ ୯, ରେମୁଣାରୁ ୨୭, ସଦରରୁ ୩୦, ସିମୁଳିଆରୁ ୭ ଓ ସୋରରୁ ୩୯ଜଣ ନୂଆ ସଂକ୍ରମିତ ଭାବେ ଚିହ୍ନଟ ହୋଇଛନ୍ତି। ଅଦ୍ୟାବଧି ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୩୦,୫୮୪ରେ ପହଞ୍ଚିଥିବା ବେଳେ ଗତ ୨୪ ଘଣ୍ଟା ମଧ୍ୟରେ ୨୮୬ଜଣ ସୁସ୍ଥ ହୋଇଛନ୍ତି। ଏବେ ସୁଦ୍ଧା ଜିଲାରେ ମୋଟ ୨୭,୪୩୨ଜଣ ସଂକ୍ରମିତ ସୁସ୍ଥ ହୋଇଥିବା ସରକାରୀ ଭାବେ କୁହାଯାଇଛି। ଅନ୍ୟପକ୍ଷରେ ଏବେ ସକ୍ରିୟ ଥିବା ୩୩୦୮ଜଣ କରୋନା ଆକ୍ରାନ୍ତଙ୍କ ମଧ୍ୟରୁ ୩୦୯୯ଜଣ ଗୃହ ସଙ୍ଗରୋଧରେ ଏବଂ ୧୬୦ଜଣ ଦୁଇଗୋଟି କୋଭିଡ ଡାକ୍ତରଖାନା ଓ ୩ ଗୋଟି କୋଭିଡ ଯତ୍ନ କେନ୍ଦ୍ର ରହି ଚିକିତ୍ସିତ ହେଉଛନ୍ତି। ତେବେ ଗତ ୨୪ ଘଣ୍ଟା ମଧ୍ୟରେ କରୋନା ଆକ୍ରାନ୍ତ ୩ଜଣ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିବା ବେଳେ ଜିଲାରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୧୨୫ରେ ପହଂଚିଥିବା ସରକାରଙ୍କ ୱେବସାଇଟରେ ପ୍ରକାଶ ପାଇଛି।

## ବିଜେପି ପକ୍ଷରୁ ବାତ୍ୟା ପୀଡ଼ିତଙ୍କୁ ରିଲିଫ ବଣ୍ଟନ



ଭଦ୍ରକ,୧୯/୦୬ (ନି.ପ୍ର): ବାତ୍ୟା 'ୟଶ୍' ଦ୍ୱାରା ପ୍ରଭାବିତ ହୋଇଥିବା ପୀଡ଼ିତ ପରିବାରଙ୍କୁ ଭଦ୍ରକ ବିଜେପି ପକ୍ଷରୁ ରିଲିଫ ବଣ୍ଟନ କରାଯାଇଛି। ଭଦ୍ରକ ବ୍ଲକ ଅନ୍ତର୍ଗତ ଗେଲପୁର ପଞ୍ଚାୟତରେ ୩ଶହରୁ ଉର୍ଦ୍ଧ୍ୱ ପରିବାରକୁ ରିଲିଫ ବଣ୍ଟନ କରାଯାଇଛି। ବିଜେପି ଜିଲ୍ଲା ସଭାପତି ହେମନ୍ତ ପାଢୀ ଏବଂ ଭଦ୍ରକ ବିଧାନସଭା ନେତା ଡାକ୍ତର ପ୍ରଦିପ ନାୟକଙ୍କ ନିର୍ଦ୍ଦେଶ କ୍ରମେ ଗେଲପୁର ସରପଞ୍ଚ ମାନସୀ ରାଉତଙ୍କ ପ୍ରତିନିଧି ଯୁବନେତା ସୁବ୍ରତ ରାଉତ, ସମିତି ସଭ୍ୟ ଅଶୋକ ପରିଜା, ଶଙ୍କର୍ଷଣ ମିଶ୍ର, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ବିକାଶ ଶ୍ରେଷ୍ଠା, ଜିଲ୍ଲା ଆଇଟି ସେଲ ସଂଯୋଜକ ଶଶାଙ୍କ ମିଶ୍ର, ଯୁବନେତା ବୃଷଭାନୁ ସାହୁ, ଭାଗରଥୀ ମହାକୁଡ, ଶଶାଙ୍କ ଶେଖର ଦାଶ, ସମ୍ବିତ ପଣ୍ଡା, ବିଜୟ ନାୟକ, ସୌମ୍ୟ ରଂଜନ ପ୍ରଧାନ ପ୍ରମୁଖ ଏହି ରିଲଫ ବଣ୍ଟନ କରିଥିଲେ।

## କରୋନାରେ ଦେଶରେ ଗତ ୨୪ ଘଂଟାରେ ୬୦,୭୫୩ ନୂଆ ମାମଲା

ନୂଆଦିଲ୍ଲୀ,୧୯/୦୬ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ ୬୦,୭୫୩ ଟି ନୂଆ କରୋନା ମାମଲା ସାମନାକୁ ଆସିଛି। ଏହି ସମୟ ମଧ୍ୟରେ ମୋଟ ୧୬୪୭ ଜଣ କରୋନା ରୋଗୀ ପ୍ରାଣ ହରାଇଛନ୍ତି। ଏହା ସହିତ ଦେଶରେ କୋରୋନା ଆକ୍ରାନ୍ତଙ୍କ ସଂଖ୍ୟା ୨,୯୮,୨୩,୫୪୬ ପହଂଚିଛି। ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ସକ୍ରିୟ ରୋଗୀଙ୍କ ସଂଖ୍ୟା ୭,୬୦,୦୧୯ ଥିବା ବେଳେ ବର୍ତମାନ ସୁଦ୍ଧା ୩,୮୫,୧୩୭ ଜଣ ମୃତ୍ୟୁ ବରଣ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଟିକାର ଦୁଇଟି ଡୋଜ୍ ନେବା ....

ଉପଦେଷ୍ଟା ବିଜୟ ସାହୁ, ଭିଜିଲାନ୍ସ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, କରୋନାରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଛନ୍ତି। ଏମାନେ ଦୁଇ ଡୋଜ୍ ଟିକା ନେଇଥିବା ବେଳେ ସଂକ୍ରମିତ ହେଲେ ଏବଂ ଗୁରୁତର ହୋଇ ପ୍ରାଣ ହରାଇଛନ୍ତି। ପ୍ରଶ୍ନ ଉଠୁଛି, ଯେ ଟିକା ନେବା ପରେ କାହିଁକି ଆବଶ୍ୟକ ପରିମାଣର ଆଂଟିବଡି ସୃଷ୍ଟି ହୋଇପାରିଲା ନାହିଁ। ନା' ଶରୀରରେ ସୃଷ୍ଟି ହୋଇଥିବା ରୋଗ ପ୍ରତିରୋଧକ ଶକ୍ତି ଠାରୁ ଶକ୍ତିଶାଳୀ ହୋଇଗଲା କରୋନା ଭୂତାଣୁ। ଏ ନେଇ ସଠିକ୍ ଉତର ଏପର୍ଯ୍ୟନ୍ତ କାହା ପାଖରେ ନାହିଁ। କାରଣ ଖୋଜିବା ପାଇଁ କାର୍ଯ୍ୟ ଆରମ୍ଭ କରିଛି ସରକାରଙ୍କ ଗଠିତ ବୈଷୟିକ କମିଟି। ପୂର୍ବତନ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ, ଆଦର୍ଶ ସ୍କୁଲ ଅଧ୍ୟକ୍ଷ ବିଜୟ ସାହୁ, ଆଉ ଏବେ ଭିଜିଲାନ୍ସ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ। କରୋନାରେ ଆକ୍ରାନ୍ତ ହୋଇ ଗୁରୁତର ହେବା ପରେ ରାଜ୍ୟର ଏହି ତିନି ପ୍ରମୁଖ ବ୍ୟକ୍ତି ବିଶେଷ ନିକଟରେ ପ୍ରାଣ ହରାଇଛନ୍ତି। ସବୁଠୁ ବଡ଼ କଥା ହେଉଛି, ଏହି ତିନି ଜଣ ଦୁଇଟି କରୋନା ଟିକା ନେଇଥିଲେ। ଏହା ସତ୍ତ୍ୱେ କରୋନାରେ ସଂକ୍ରମିତ ହୋଇ ଜୀବନ ହରାଇଛନ୍ତି। ଏବେ ପ୍ରଶ୍ନ ଉଠୁଛି, ଦୁଇଟି ଟିକା ନେବା ପରେ କାହିଁକି ସଂକ୍ରମଣ ଏତେ ଗୁରୁତର ହେଲା ? କାହିଁକି ଶରୀରରେ ଆବଶ୍ୟକ ଆଂଟିବଡି ସୃଷ୍ଟି ହୋଇପାରିଲା ନାହିଁ ? ଡବଲ ଡୋଜ୍ ଟିକା ନେବା ପରେ କରୋନା ସଂକ୍ରମଣ କାହିଁକି ହେଉଛି, ଏ ନେଇ ଅଧିକ ପରୀକ୍ଷା ନିରୀକ୍ଷା ପାଇଁ ବୈଷୟିକ କମିଟି ଗଠନ କରିଛନ୍ତି ସରକାର। ବିଶେଷଜ୍ଞଙ୍କ କହିବା କଥା ଟିକା ୭୦ରୁ ୯୦ ପ୍ରତିଶତ ପର୍ଯ୍ୟନ୍ତ ପ୍ରଭାବଶାଳୀ ରହୁଛି। ଦୁଇ ଡୋଜ୍ ଟିକା ନେବା ପରେ କିଛି ଲୋକ ସଂକ୍ରମିତ ହେବେ, ହେଲେ ସିଭିୟରିଟି କମ ରହିବ। ବିଭିନ୍ନ ରୋଗରେ ପୀଡ଼ିତ ଥିଲେ, ଯେତିକି ଆଂଟିବଡି ସୃଷ୍ଟି ହେବା କଥା, ହେଉନାହିଁ। ସେପଟେ ଡାକ୍ତର ଅଶୋକ ମହାପାତ୍ର କହିଛନ୍ତି, ଆମେରିକାରେ ଟିକା ନେଇଥିବା ୭ କୋଟି ଲୋକଙ୍କ ମଧ୍ୟରୁ ମାତ୍ର ୭ ଜଣ କରୋନାରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଛନ୍ତି। ସମସ୍ତ ବରିଷ୍ଠ ଡାକ୍ତର ଏବଂ ଭୂତାଣୁ ବିଶେଷଜ୍ଞ ଗୋଟିଏ କଥାରେ ଏକମତ, ଦୁଇ ଡୋଜ୍ ଟିକା ନେବା ପରେ ବି କୋଭିଡ୍ ଗାଇଡଲାଇନ୍କୁ କଡ଼ାକଡ଼ି ପାଳନ କରିବା। ଠିକ୍ ଭାବେ ମାସ୍କ ପିନ୍ଧିବା ଏବଂ ବାରମ୍ବାର ହାତ ଧୋଇବା।

### ପଂଚଭୂତରେ ଲୀନ ହେଲେ ....

ଓ ଇକ୍‌ମୋ ଚିକିତ୍ସା ଆବଶ୍ୟକ ହୋଇଥିଲା। ତେଣୁ ଜୁନ୍ ୮ ତାରିଖରେ ତାଙ୍କୁ ଏୟାର ଆମ୍ବୁଲାନ୍ସରେ ଭୁବନେଶ୍ୱରରୁ କୋଲକାତା ନିଆଯାଇଥିଲା। ଚାରିଦିନ ତଳେ ତାଙ୍କ ରକ୍ତ ସଂକ୍ରମଣ ବଢ଼ି ଯାଇଥିଲା। ଡାକ୍ତରଙ୍କ ସମସ୍ତ ଚେଷ୍ଟା ସତ୍ତ୍ୱେ ଗତକାଲି ରାତି ୧୦ଟା ୧୫ବେଳେ ତାଙ୍କର ଦେହାନ୍ତ ହୋଇଥିଲା। ୧୯୯୧ ବ୍ୟାଚର ଓଡ଼ିଶା କ୍ୟାଡର ଆଇପିଏସ୍ ଅଫିସର ଦେବାଶିଷ ପାଣିଗ୍ରାହୀ ବରିଷ୍ଠ ପୋଲିସ ଅଧିକାରୀ ଭାବେ କାମ କରିବା ସହ ରାଜ୍ୟର ଜଣାଶୁଣା ସାହିତ୍ୟିକ ଭାବେ ପରିଚିତ ଥିଲେ। ୧୯୬୫ ଅଗଷ୍ଟ ୨୯ରେ ବାଲେଶ୍ୱରରେ ଜନ୍ମଗ୍ରହଣ କରିଥିବା ଦେବାଶିଷ ଜଣେ ଦକ୍ଷ ପ୍ରଶାସକ ସହ ସୁସାହିତ୍ୟିକ ଓ ଦ୍ୱିଭାଷୀ ଲେଖକ ମଧ୍ୟ ଥିଲେ। ରେଭେନ୍ସା କଲେଜରୁ ରାଜନୀତି ବିଜ୍ଞାନରେ ସ୍ନାତକ ଓ ବାଣୀବିହାରରୁ ପିଜି କରିବା ପରେ ୧୯୯୧ରେ ଭାରତୀୟ ପୋଲିସ ସେବାରେ ଯୋଗ ଦେଇଥିଲେ। ଚାକିରୀ ଜୀବନ କାଳରେ କେନ୍ଦୁଝର, ଭୁବନେଶ୍ୱର, ପୁରୀ, ଗଞ୍ଜାମ ଓ କଟକର ଏସ୍‌ପି ଭାବେ ଦାୟିତ୍ୱ ତୁଲାଇଥିଲେ। ଏହାସହ ଡିଆଇଜି, ଗୃହ ବିଭାଗର ସ୍ୱତନ୍ତ୍ର ସଚିବ, ଆଇଜି (ଆଧୁନିକୀକରଣ), ଆଇଜି (କାର୍ମିକ) ଓ ଏଡିଜି (କାର୍ମିକ) ପଦରେ କାମ କରିବା ପରେ ୨୦୧୭ରୁ ଭିଜିଲାନ୍ସର ନିର୍ଦ୍ଦେଶକ ଥିଲେ। ଏହା ବ୍ୟତୀତ ଓଡିଆ ଓ ଇଂରାଜୀ ଭାଷାରେ ବହୁ କ୍ଷୁଦ୍ରଗଳ୍ପ ସଂକଳନ, କବିତା, ଉପନ୍ୟାସ ଆଦି ମଧ୍ୟ ରଚନା କରିଥିଲେ। ୨୦୦୨ ମସିହାରେ କ୍ଷୁଦ୍ରଗଳ୍ପ ସଂକଳନ ପାଇଁ ସେ ଓଡିଆ ସାହିତ୍ୟ ଏକାଡେମୀ ପୁରସ୍କାରରେ ସମ୍ମାନିତ ହୋଇଥିଲେ।

### ଭବାନୀପାଟଣାରେ ୨୦୦ ଶଯ୍ୟା ବିଶିଷ୍ଟ ....

କଳାହାଣ୍ଡି ଜିଲ୍ଲାର ଚାଷୀଭାଇ, ଯୁବସମାଜ ଓ ମା ମାନଙ୍କ ଉଦ୍ୟମ ଯୋଗୁ ସମ୍ଭବ ହୋଇପାରିଛି। କୋଭିଡ ମୁକାବିଲାରେ ରାଜ୍ୟର ପଦକ୍ଷେପ ସଂପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଗତ କିଛି ଦିନ ମଧ୍ୟରେ ରାଜ୍ୟରେ ୧୫ଟି ଅକ୍‌ସିଜେନ ପ୍ଲାଣ୍ଟ ପାଇଁ କାମ ଆରମ୍ଭ ହୋଇଛି। ଆଗାମୀ ଦୁଇ ମାସ ମଧ୍ୟରେ ଏଥିରୁ ଉତ୍ପାଦନ ଆରମ୍ଭ ହେବ। କୋଭିଡର ଦ୍ୱିତୀୟ ଲହରରେ ରୋଗୀ ମାନଙ୍କୁ ଅକ୍‌ସିଜେନ ସ୍ତର କମିବା ଯୋଗୁ ସାରା ଦେଶରେ ଅକ୍‌ସିଜେନ ଯୋଗାଣ ଉପରେ ଅତ୍ୟଧିକ ଚାପ ସୃଷ୍ଟି ହୋଇଥିଲା। ଏଭଳି ସମୟରେ ଓଡିଶା ୧୮ଟି ରାଜ୍ୟକୁ ଅକ୍‌ସିଜେନ ଯୋଗାଇ ଅନେକ ମୂଲ୍ୟବାନ ଜୀବନ ବଞ୍ଚାଇପାରିଛି। ଏଭଳି ସଂକଟ ସମୟରେ ମାନବତାର ସେବା ପାଇଁ ସୁଯୋଗ ପାଇବା ଓଡିଶାବାସୀଙ୍କ ପାଇଁ ନିଶ୍ଚିତ ଭାବରେ ସମ୍ମାନର ବିଷୟ ବୋଲି ମୁଖ୍ୟମନ୍ତ୍ରୀ ମତପ୍ରକାଶ କରିଥିଲେ।

### ଏ.କେ ଶର୍ମା ହେଲେ ରାଜ୍ୟ ....

ଓ ଉପ-ମୁଖ୍ୟମନ୍ତ୍ରୀ ଦିନେଶ ଶର୍ମା ବିଜେପିର ସଦସ୍ୟତା ଦେଇଥିଲେ। ଏହାପରେ ସେ ଏମଏଲସି ନିର୍ବାଚନ ଭିତରେ ପୁରା ବିଜେପି ସହ ଯୋଡି ହୋଇଯାଇଥିଲେ। ଏହାପରେ ଦଳ ତାଙ୍କୁ ବିଧାନ ପରିଷଦର ସଭ୍ୟ କରିଥିଲା। ଏହାପରେ ଆଜି ତାଙ୍କୁ ଦଳର ରାଜ୍ୟ ଉପାଧ୍ୟକ୍ଷ ପଦରେ ବସାଇବା ପରେ ଦଳ ଭିତରେ କିଛିଟା ଅସନ୍ତୁଷ୍ଟ ଦେଖିବାକୁ ମିଳିଥିବା ବେଳେ କିଛି ଦଳୀୟ ନେତା ଏହାକୁ ସହଜରେ ଗ୍ରହଣ କରିଯାଇଛନ୍ତି। କହିରଖୁ କି, କରୋନା କାଳରେ ଯେବେ ସଂକ୍ରମଣ ବଢୁଥିଲା ସେତେବେଳେ ଲୋକମାନଙ୍କୁ ସହାୟତା ଯୋଗାଇବାରେ ଅଗାଧାଡିରେ ଠିଆ ହୋଇଥିଲେ ଏ.କେ ଶର୍ମା।

### ପଶୁଙ୍କ ଠାରେ ବି ଦେଖାଗଲା....

ଭୋପାଳର ଏନଆଇଏଚଏସଏଡି ଠାରେ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୪ ଟି ସିଂହଙ୍କ ଶରୀରରେ କ୍ରମ ପାଙ୍ଗୋଲିନ ବଂଶଜ ବି,୧.୬୧୭.୨ ବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ନାମକରଣ ମୁତାବକ ଡେଲଟା ଭାରିଆଣ୍ଟ ଚିହ୍ନଟ ହୋଇଛି। ଅନ୍ୟପଟେ ଦେଶରେ କରୋନା ଭୂତାଣୁ ସଂକ୍ରମଣର ତୃତୀୟ ଲହର ଆସୁଥିବା ନେଇ ଜାତୀୟ ଗଣମାଧ୍ୟମରେ ସତର୍କ କରାଇଛନ୍ତି ଏମ୍ସ ନିର୍ଦ୍ଦେଶକ ରଣଦୀପ ଗୁଲେରିଆ। ତାଙ୍କ କହିବା ମୁତାବକ ୬ ରୁ ୮ ସପ୍ତାହ ମଧ୍ୟରେ ଦେଶରେ କରୋନା ସଂକ୍ରମଣର ତୃତୀୟ ଲହର ଆସିପାରେ।

### ଏମ୍ସ ନିର୍ଦ୍ଦେଶକ ରଣଦୀପ....

ବୃଦ୍ଧି ପାଇବ ବୋଲି କୁହାଯାଇଛି। ଏହାସହ ମହାରାଷ୍ଟ୍ରରେ ଆକ୍ଟିଭ ମାମଲା ୮ ଲକ୍ଷ ପାର ହେବ ବୋଲି ଆଶଂକା କରାଯାଇଛି। ରାୟଟର୍ସର ସର୍ଭେ ମୁତାବକ ଅକ୍ଟୋବର ମାସ ସୁଦ୍ଧା ଦେଶରେ କରୋନାର ତୃତୀୟ ଲହର ଆସିପାରେ। ଏହି ସର୍ଭେରେ ବିଶ୍ୱର ୪୦ ଜଣ ବିଶେଷଜ୍ଞ, ଡାକ୍ତର ବୈଜ୍ଞାନିକ ମାନଙ୍କର ମତ ନେଇଥିଲେ। ସେମାନଙ୍କ ମତରେ ଖୁବଶୀଘ୍ର ଦେଶରେ ଟିକାକରଣ କରାଗଲେ ଏହି ସଂକ୍ରମଣକୁ ରୋକାଯାଇ ପାରିବ। ଅନ୍ୟପଟେ ଏମ୍ସ ଓ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା କରାଯାଇଥିବା ଅଧ୍ୟୟନ ପରେ କୁହାଯାଇଛି କି ଶିଶୁ ମାନଙ୍କ ଶରୀରରେ ହାଇ ସେରୋ ପଜିଟିଭ୍ ଥିବାରୁ ତୃତୀୟ ଲହର ସେମାନଙ୍କ ପାଇଁ ଅଧିକ ବିପଦ ଆଣିବ ନାହିଁ।

## ଡିପିଆଇଆଇଟି ସଚିବ ଡ. ଗୁରୁପ୍ରସାଦ ମହାପାତ୍ରଙ୍କ ବିୟୋଗରେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, କ୍ୟାବିନେଟ ସଚିବ ଓ ଅନ୍ୟ ନେତୃବୃନ୍ଦଙ୍କ ଶୋକ

**କ୍ଷମତାସମ୍ପନ୍ନ ଗୋଷ୍ଠୀର ମୁଖ୍ୟ ଭାବେ ମେଡ଼ିକାଲ ଅକ୍ସିଜେନ ସଙ୍କଟ ଦୂର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ଡ. ମହାପାତ୍ର**

ଭୁବନେଶ୍ୱର,୧୯/୦୬(ନି.ପ୍ର): ଶିଳ୍ପ ଓ ଅନ୍ତରୀଣ ବାଣିଜ୍ୟ ପ୍ରୋତ୍ସାହନ ବିଭାଗ (ଡିପିଆଇଆଇଟି)ର ସଚିବ ଡ. ଗୁରୁପ୍ରସାଦ ମହାପାତ୍ରଙ୍କ ବିୟୋଗରେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, କ୍ୟାବିନେଟ ସଚିବ ଓ ଅନ୍ୟ ନେତୃବୃନ୍ଦ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ରାଷ୍ଟ୍ରପତି ଶ୍ରୀ ରାମନାଥ କୋବିନ୍ଦ ତାଙ୍କର ଶୋକବାର୍ତ୍ତାରେ କହିଛନ୍ତି, "ଡିପିଆଇଆଇଟି ସଚିବ ଡ. ଗୁରୁପ୍ରସାଦ ମହାପାତ୍ରଙ୍କ ଅକାଳ ବିୟୋଗ ଖବର ଅତ୍ୟନ୍ତ ଯନ୍ତ୍ରଣାଦାୟକ। ସେ ଜଣେ ଦକ୍ଷ ପ୍ରଶାସକ ଥିଲେ, ତାଙ୍କର ନୈତିକ କାର୍ଯ୍ୟଶୈଳୀ ଓ ଲୋକସେବା ପ୍ରତି ସମର୍ପଣ ସର୍ବଦା ଅନୁକରଣୀୟ ହୋଇ ରହିବ। ଏହି ଦୁଃଖଦ ସମୟରେ ମୁଁ ତାଙ୍କ ପରିବାର, ବନ୍ଧୁ ଓ ସହଯୋଗୀମାନଙ୍କ ପ୍ରତି ଗଭୀର ସମବେଦନା ପ୍ରକଟ କରୁଛି।" ଡ. ଗୁରୁପ୍ରସାଦ ମହାପାତ୍ରଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଶୋକ ବ୍ୟକ୍ତ କରିଛନ୍ତି। ପ୍ରଧାନମନ୍ତ୍ରୀ ଟୁଇଟ୍ କରି କହିଛନ୍ତି "ଡିପିଆଇଆଇଟି ସଚିବ ଡ. ଗୁରୁପ୍ରସାଦ ମହାପାତ୍ରଙ୍କ ବିୟୋଗରେ ଦୁଃଖିତ। ଗୁଜରାଟରେ ଏବଂ କେନ୍ଦ୍ର ସରକାରରେ ତାଙ୍କ ସହିତ ମୁଁ ବ୍ୟାପକ ଭାବେ କାର୍ଯ୍ୟ କରିଥିଲି। ପ୍ରଶାସନିକ ପ୍ରସଙ୍ଗରେ ତାଙ୍କର ଉତ୍ତମ ବୁଝାମଣା ଥିଲା ଏବଂ ସେ ତାଙ୍କର ଅଭିନବ ଶୈଳୀ ପାଇଁ ପରିଚିତ ଥିଲେ। ତାଙ୍କ ପରିବାର ଓ ଆତ୍ମୀୟସ୍ୱଜନଙ୍କ ପ୍ରତି ଗଭୀର ସମବେଦନା ଜଣାଉଛି। ଓମ୍ ଶାନ୍ତି।" ଡ. ଗୁରୁପ୍ରସାଦ ମହାପାତ୍ର ଭାରତ ସରକାରଙ୍କ କୋଭିଡ-୧୯ ବିରୋଧୀ ଲଢ଼େଇରେ ନିୟୋଜିତ ପ୍ରମୁଖ ଅଧିକାରୀମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ। ଶିଳ୍ପ ଓ ଅନ୍ତରୀଣ ବାଣିଜ୍ୟ ପ୍ରୋତ୍ସାହନ ବିଭାଗର ସଚିବ ଭାବେ ସେ ମହାମାରୀ ସମୟରେ ମେଡ଼ିକାଲ ଅକ୍ସିଜେନର ସୁଚାରୁ ରୂପେ ଯୋଗାଣ ନିମନ୍ତେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତାଙ୍କର ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଅନେକ ଲୋକଙ୍କ ଜୀବନ ରକ୍ଷା କରିଥିଲା। କୋଭିଡ୍ ମୁକାବିଲା କ୍ଷେତ୍ରରେ ତାଙ୍କର ଯୋଗଦାନକୁ କ୍ୟାବିନେଟ୍ ସଚିବ ଶ୍ରୀ ରାଜୀବ ଗୌବା ଉଚ୍ଚ ପ୍ରଶଂସା କରିଛନ୍ତି। ସେ କହିଛନ୍ତି, "ଡ. ମହାପାତ୍ର ଜଣେ ପ୍ରିୟ ସହଯୋଗୀ ଏବଂ ରଣନୈତିକ ଦୃଷ୍ଟିକୋଣ ଓ ନେତୃତ୍ୱର ଅଭିନବ ଗୁଣାବଳୀ ଥିବା ଦକ୍ଷ ପ୍ରଶାସକ ଥିଲେ। କ୍ଷମତାପ୍ରାପ୍ତ ଗୋଷ୍ଠୀର ମୁଖ୍ୟ ଭାବେ, ସେ ବର୍ତ୍ତମାନର କୋଭିଡ-୧୯ ମହାମାରୀ ବିରୋଧୀ ମୁକାବିଲାରେ ସମ୍ପୂର୍ଣ୍ଣ ସମର୍ପଣର ସହିତ କାର୍ଯ୍ୟ କରିଥିଲେ। ଏପରିକି ପଜିଟିଭ୍ ଚିହ୍ନଟ ହେବା ପରେ ଅସୁସ୍ଥ ଥାଇ ମଧ୍ୟ ସେ ଦୀର୍ଘ ସମୟ ଧରି କାର୍ଯ୍ୟ କରୁଥିଲେ ଏବଂ ଅତ୍ୟନ୍ତ ଆହ୍ୱାନପୂର୍ଣ୍ଣ ପରିସ୍ଥିତିରେ, ଦେଶରେ ଅକ୍ସିଜେନ ଯୋଗାଣକୁ ଅନୁଧ୍ୟାନ କରିଥିଲେ। ଜନସେବା ପ୍ରତି ସମର୍ପଣ ଓ ସକ୍ରିୟ ମନୋଭାବ ପାଇଁ ସେ ସବୁଦିନ ସ୍ମରଣୀୟ ହୋଇ ରହିବେ। ତାଙ୍କର ଅକାଳ ବିୟୋଗ ଆମ ସମସ୍ତଙ୍କ ପାଇଁ ଏକ ଅପୂରଣୀୟ କ୍ଷତି। ମୁଁ ତାଙ୍କ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜ୍ଞାପନ କରୁଛି।" ଏହି ବରିଷ୍ଠ ପ୍ରଶାସକ ଜଣଙ୍କ ନିଜର ପ୍ରଶାସନିକ ଦକ୍ଷତା ଏବଂ ଦୂରଦୃଷ୍ଟିସମ୍ପନ୍ନ ଆଭିମୁଖ୍ୟ ପାଇଁ ପରିଚିତ ଥିଲେ। ପୂର୍ବରୁ ସେ ଗୁଜରାଟ ସରକାର, ବେସାମରିକ ବିମାନ ଚଳାଚଳ ଓ ବାଣିଜ୍ୟ ଓ ଉଦ୍ୟୋଗ ସମେତ ବିଭିନ୍ନ କେନ୍ଦ୍ର ମନ୍ତ୍ରଣାଳୟରେ ଉଲ୍ଲେଖନୀୟ କାର୍ଯ୍ୟ କରି ନିଜ କାର୍ଯ୍ୟଦକ୍ଷତାର ପରିଚୟ ଦେଇଥିଲେ। ଚଳିତ କୋଭିଡ-୧୯ ମହାମାରୀ ମୁକାବିଲା ପାଇଁ ଗଠିତ ହୋଇଥିବା ଏକ କ୍ଷମତାସମ୍ପନ୍ନ ଗୋଷ୍ଠୀରେ ଡ. ମହାପାତ୍ର ମୁଖ୍ୟ ଥିଲେ। ଏହି ଗୋଷ୍ଠୀ ନିକଟରେ ସାରା ଦେଶକୁ ମେଡ଼ିକାଲ ଅକ୍ସିଜେନ ଯୋଗାଣ ଦାୟିତ୍ୱ ରହିଥିଲା। ଏଥିପାଇଁ ଗୋଷ୍ଠୀ ଆବଶ୍ୟକ ସୁପାରିସ କରିବା ସହିତ ବିଦେଶରୁ ୫୦,୦୦୦ ଟନ୍ ଅକ୍ସିଜେନ ଆମଦାନୀ ସୁନିଶ୍ଚିତ କରିଥିଲା। ତାଙ୍କ ନେତୃତ୍ୱରେ, ଏହି ଗୋଷ୍ଠୀ ସାରା ଦେଶରେ ଅକ୍ସିଜେନ ଯୋଗାଣକୁ ସୁଗମ କରିବା ନିମନ୍ତେ ଏକ ଲଜିଷ୍ଟିକ୍ସ ଢାଞ୍ଚାକୁ ସଂସ୍ଥାଗତ ରୂପ ଦେବାରେ ସକ୍ଷମ ହୋଇଥିଲା। କୋଭିଡ-୧୯ ଜରୁରିକାଳୀନ ସ୍ଥିତିରେ ଏହି ଗୁଜରାଟ କ୍ୟାଡର ଆଇଏଏସ ଅଧିକାରୀ ଜଣକ ସର୍ବୋଚ୍ଚ ସମର୍ପଣର ସହିତ କାର୍ଯ୍ୟ କରିଥିଲେ। କୋଭିଡ-୧୯ରେ ସଂକ୍ରମିତ ହେବା ସତ୍ତ୍ୱେ ସେ ନିଜର ଦାୟିତ୍ୱ ପ୍ରତି ସମର୍ପିତ ଥିଲେ ଏବଂ ଅକ୍ସିଜେନ୍ ଯୋଗାଣକୁ ନିରୀକ୍ଷଣ କରୁଥିଲେ। କୋଭିଡ-୧୯ର ମିଳିତ ମୁକାବିଲାରେ ଅନେକ ପ୍ରଶାସନିକ ସେବା ଅଧିକାରୀ, ଡାକ୍ତର ଓ ସମ୍ମୁଖ ଯୋଦ୍ଧାମାନେ ନିଜ କର୍ତ୍ତବ୍ୟ ଠାରୁ ଊର୍ଦ୍ଧ୍ୱକୁ ଯାଇ ସେବା ଯୋଗାଇ ଦେଇଛନ୍ତି। ସେମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ ଡ. ମହାପାତ୍ର, ଯିଏକି ଜୀବନ ଅପେକ୍ଷା ଦେଶସେବାକୁ ଅଧିକ ଗୁରୁତ୍ୱ ଦେଇଥିଲେ।

## 'ଇସ୍ରୋ'ର ବୈଜ୍ଞାନିକ ହେବାକୁ ଯାଉଥିବା ଅଭିଷେକ ପରିଡ଼ାଙ୍କୁ ଜିଲ୍ଲାସ୍କୁଲରେ ସମ୍ବର୍ଦ୍ଧନା



ବାଲେଶ୍ୱର,୧୯/୦୬ (ନି.ପ୍ର): ଭାରତୀୟ ମହାକାଶ ଗବେଷଣା କେନ୍ଦ୍ର 'ଇସ୍ରୋ'ରେ ବୈଜ୍ଞାନିକ ଭାବେ ନିଯୁକ୍ତି ପାଇଁ ଚୟନ ହୋଇଥିବା ବାଲେଶ୍ୱର ଜିଲା ସ୍କୁଲର ୨୦୧୦ ମସିହା ବ୍ୟାଚ ଛାତ୍ର ଅଭିଷେକ ପରଡ଼ାଙ୍କୁ ଶନିବାର ସମ୍ବର୍ଦ୍ଧିତ କରାଯାଇଛି। ଜିଲା ସ୍କୁଲର ପୁରାତନ ଛାତ୍ର ସଂସଦ, ବିଦ୍ୟାଳୟ ପରିଚାଳନା କମିଟି ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମିଳିତ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଶିକ୍ଷାଧିକାରୀ ରଞ୍ଜନ କୁମାର ଗିରି ଯୋଗଦେଇ ଶ୍ରୀ ପରିଡ଼ାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ ସହ ତାଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଇସ୍ରୋ ଭଳି ଜାତୀୟ ସଂସ୍ଥାନରେ ଯୋଗଦାନ କରି ସେ ଏହି ବିଦ୍ୟାଳୟ ସମେତ ସମଗ୍ର ବାଲେଶ୍ୱର ଜିଲା ପାଇଁ ଗୌରବ ଆଣିପାରିଛନ୍ତି ବୋଲି ଶ୍ରୀ ଗିରି କହିଥିଲେ। ଜିଲା ସ୍କୁଲର ପ୍ରଧାନ ଶିକ୍ଷକ ଡକ୍ଟର ପ୍ରଫୁଲ କୁମାର ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ଜିଲା ସ୍କୁଲ ପୁରାତନ ଛାତ୍ର ସଂସଦର ସଭାପତି ଡାକ୍ତର ସୁରେନ୍ଦ୍ର ନାଥ ସାହୁ, ଅଭିଷେକଙ୍କ ପିତା ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଗଜେନ୍ଦ୍ର ପରିଡ଼ା, ସଂସ୍କୃତ ଶିକ୍ଷାନୁଷ୍ଠାନ ଅମୃତବାଣୀର ଅଧ୍ୟକ୍ଷ ଡ. କୁମାର ମିଶ୍ର, ବାଲେଶ୍ୱର ଜିଲା ମୋ ସ୍କୁଲ ଅଭିଯାନର ସଂଯୋଜକ ସନ୍ଦୀପ ଖଟୁଆ, ପୁରାତନ ଛାତ୍ର ସଂସଦର ସଦସ୍ୟ ଡାକ୍ତର ଶାନ୍ତନୁ ଦାସ, କବି ପ୍ରଶାନ୍ତ ଦାସ, କବି ଅଭୟ ଦାସ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବଳରାମ ଦାସ, ସଭ୍ୟ ଅନନ୍ତ ଚାନ୍ଦ ପ୍ରମୁଖ ଯୋଗଦେଇ ଅଭିଷେକଙ୍କୁ ଅଭିନନ୍ଦନ ଜଣାଇଥିଲେ। ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସମ୍ବର୍ଦ୍ଧିତ ଅବସରରେ ଅଭିଷେକ ସନ୍ତୋଷ ପ୍ରକାଶ ସହ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଆଶୀର୍ବାଦରୁ ଏହି ସଫଳତା ମିଳିପାରିଛି ବୋଲି କହିଥିଲେ। ବିଜ୍ଞାନ କ୍ଷେତ୍ରରେ ଅଧିକ ଅନୁସନ୍ଧାନ ତଥା ଏହାକୁ ସମାଜ କଲ୍ୟାଣ ଦିଗରେ ବ୍ୟବହାର ଉପଯୋଗୀ କରିବା ଲକ୍ଷ୍ୟରେ ସେ ଇସ୍ରୋରେ ଯୋଗଦାନ କରିବାକୁ ଯାଉଛନ୍ତି ବୋଲି କହିଥିଲେ। ପୁରାତନ ଛାତ୍ର ସଂସଦର ସମ୍ପାଦକ ରାଜେଶ ଗିରି ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଜିଲା ସ୍କୁଲର ଶିକ୍ଷକ ଶିକ୍ଷୟତ୍ରୀ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଓ ପୁରାତନ ଛାତ୍ର ସଂସଦର ବହୁ ସଦସ୍ୟ ଏଥିରେ ଉପସ୍ଥିତ ରହି ଅଭିଷେକଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ଫକୀରମୋହନ ଫାଉଣ୍ଡେସନ୍ ଆନୁକୂଲ୍ୟରେ ତ୍ରିଦିବସୀୟ କବିତା ଆବୃତ୍ତି କର୍ମଶାଳା

ଭୁବନେଶ୍ୱର,୧୯/୦୬ (ନି.ପ୍ର): ଫକୀରମୋହନ ଫାଉଣ୍ଡେସନ୍, ନୂଆଦିଲ୍ଲୀ ଏବଂ ଓଡ଼ିଶା ଶାଖା ଆନୁକୂଲ୍ୟରେ ତ୍ରିଦିବସୀୟ କବିତା ଆବୃତି ତାଲିମ (କର୍ମଶାଳା) ଆରମ୍ଭ ହୋଇଯାଇଛି । ନବୀନ ପିଢ଼ିଙ୍କ ମଧ୍ୟରେ କାବ୍ୟିକ ନାନ୍ଦନିକତା ସଂଚାର କରାଇବା ହେଉଛି ଏହାର ମୁଖ୍ୟ ଉଦ୍ଦେଶ୍ୟ । ଓଡ଼ିଶା ଶାଖାର ମହାସଚିବ ଡ. ରବୀନ୍ଦ୍ର କୁମାର ଦାସ ପ୍ରାରମ୍ଭିକ ପରିଚୟ ଦେଇଥିବାବେଳେ ମହାନିର୍ଦ୍ଦେଶିକା ଡ. ହିରଣ୍ମୟୀ ମିଶ୍ର ସଂଚାଳନା ଦାୟିତ୍ୱ ନିର୍ବାହ କରିଥିଲେ । ଫାଉଣ୍ଡେସନ୍ ର ମ୍ୟାନେଜିଂ ଟ୍ରଷ୍ଟି ତଥା ବ୍ୟାସକବିଙ୍କ ଅଣନାତୁଣୀ ମନିକା ଦାସ ଫାଉଣ୍ଡେସନ୍ର ଆଭିମୁଖ୍ୟ ସଂପର୍କରେ ସୂଚନା ଦେଇଥିଲେ । କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଗୋପବନ୍ଧୁ ଚେୟାର, କିସ୍ ବିଶ୍ୱବିଦ୍ୟାଳୟ ପ୍ରଫେସର ଡ. ବିଜୟାନନ୍ଦ ସିଂହ ତାଙ୍କ ବକ୍ତବ୍ୟରେ କବିତା ଆବୃତିକୁ ଏକ ଅନନ୍ୟ କଳା ଭାବେ ଅଭିହିତ କରି ସେ ସମ୍ବନ୍ଧରେ ନିଜର ମତ ରଖିଥିଲେ । ବିଶିଷ୍ଟ କବି ରକ୍ଷକ ନାୟକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ ସୁନ୍ଦର ଆବୃତି ମାଧ୍ୟମରେ ସାଧାରଣ କବିତା ମଧ୍ୟରେ ଅସାଧାରଣର ସନ୍ଧାନ କରାଯାଇପାରେ । ସିଙ୍ଗୁର ସରକାରୀ ମହାବିଦ୍ୟାଳୟ, କୋଲକାତାର ଡ. ମୁନ୍‌ମୁନ୍ ଘୋଷ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଉଭୟ ପୂର୍ବବଙ୍ଗ ଏବଂ ପଶ୍ଚିମବଙ୍ଗର ବିଶିଷ୍ଟ କବି ତଥା ଆବୃତି ଶିକ୍ଷୀ ରାମଚନ୍ଦ୍ର ପାଲ ପ୍ରଶିକ୍ଷକ ବିଶେଷଜ୍ଞ ଭାବେ ଯୋଗଦେଇ ଉଭୟ ଓଡ଼ିଆ ଏବଂ ବଙ୍ଗଳା କବିତା ଆବୃତି କ୍ଷେତ୍ରରେ ଶିକ୍ଷାର୍ଥୀମାନେ କିଭଳି ପାରଙ୍ଗମତା ଅର୍ଜନ କରିପାରିବେ, ସେ ବିଷୟରେ ସୂଚନା ଦେଇଥିଲେ । କବିତା ଆବୃତିର ନମୁନା ଭାବରେ ସେ ବିଶ୍ୱକବି ରବୀନ୍ଦ୍ରନାଥଙ୍କ କବିତା ଆବୃତି କରିଥିଲେ । ନିରୁପମା ପ୍ରଧାନ, ବିଶ୍ୱରଂଜନ ମହାନ୍ତି, ବୈଶାଖୀ ପ୍ରିୟଦର୍ଶନୀ ସାହୁ ଏବଂ ଯଶସ୍ୱିନୀ ସାହୁ ଫିଡ୍‌ବ୍ୟାକ୍ ଗ୍ରୁପ୍‌ରେ ସଦସ୍ୟ ଥିଲେ । ନିରୁପମା ପ୍ରଧାନ ଅନ୍ତିମ ନିଷ୍କର୍ଷ ଉପସ୍ଥାପନ କରିଥିବାବେଳେ କାନାଡ଼ାରୁ ସୁନନ୍ଦା ପଣ୍ଡା, ଆମେରିକାରୁ ପ୍ରଭାତ ନଳିନୀ ପଟ୍ଟନାୟକ, ଦିଲ୍ଲୀରୁ ଡ. ଅନୀତା ପଣ୍ଡା, ଆଇଆଇଟି ଖଡ଼ଗପୁରରୁ ପ୍ରଦୀପ ଚକ୍ରବର୍ତ୍ତୀ, ସୁଦୀପ୍ତ, ଗୋପୀନାଥ ବାଗ୍ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଏହାକୁ ସଫଳ କରିଥିଲେ ।

# ଚିହ୍ନଟ ହେଲେ ୧୩୯ କରୋନା ଆକ୍ରାନ୍ତ, ସକ୍ରିୟଙ୍କ ସଂଖ୍ୟା ୨ହଜାର ତଳକୁ ଖସିଲା

ଭଦ୍ରକ,୧୯/୦୬ (ନି.ପ୍ର): ଭଦ୍ରକ ଜିଲ୍ଲାରୁ ଆଉ ୧୩୯ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ତେବେ ସୁସ୍ଥଙ୍କ ସଂଖ୍ୟା ବୃଦ୍ଧି ଓ ନୂତନ ଆକ୍ରାନ୍ତଙ୍କ ସଂଖ୍ୟା ହ୍ରାସ ଯୋଗୁ ଦୀର୍ଘ ଦିନର ବ୍ୟବଧାନ ପରେ ଜିଲ୍ଲାର ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ୨ ହଜାର ତଳକୁ ଖସି ୧୯୬୬ ହୋଇଛି। ନୂତନ ଭାବେ ଚିହ୍ନଟ ଆକ୍ରାନ୍ତମାନେ ଭଦ୍ରକ ବ୍ଲକର ଆମ୍ବରୋଳି, ଅର୍ଣ୍ଣପାଳ, ବାଣିତିଆ, ବେନ୍ତାଳ, ଇଛାପୁର, ଏରେଇଁ, ଗେଲଟୁଆ, କଲେଇ, ବିରିପଡା ଓ ସାହାଡା ଗ୍ରାମରୁ ୧୩ଜଣ, ଭଦ୍ରକ ପୌରପାଳିକାର ଅପର୍ତ୍ତିବିନ୍ଧା, ବାଇପାସ୍, ବରାଳପୋଖରୀ, ଉତ୍ତରବାହିନୀ, ଚରମ୍ପା ଅଞ୍ଚଳରୁ ୧୪ଜଣ, ବାସୁଦେବପୁର ବ୍ଲକର ଗୁଆଗଡିଆ, ସୁଦର୍ଶନପୁର, ସୁଗୋ ଗ୍ରାମରୁ ୪ଜଣ, ବନ୍ତ ବ୍ଲକର ବନ୍ତ, ରଇଁତରା, ତୋଡଙ୍ଗା ଗ୍ରାମରୁ ୭ଜଣ, ଚାନ୍ଦବାଲି ବ୍ଲକର ଓସ୍ତିଆ, ସରଦିଆ, ଭାଟପଡା, ବିଜୟନଗର, ଚରଦିଆ, କଇଥଖୋଲା, ଖଣ୍ଡଗରଡି, ବଡସିଂଗପୁର, ମଡସୁଧା, ମତୋ, ନଳଗୋହିରା, ରାମପୁର, ତେନ୍ତୁଲିଡିହି, ମଣିପୁର, ଉତ୍ତୁକୁଡା ଗ୍ରାମରୁ ୩୪ଜଣ, ଚାନ୍ଦବାଲି ଏନ୍‌ଏସିରୁ ୫ଜଣ, ତିହିଡ଼ି ବ୍ଲକର ବାରୋ, ଭାଯପଡା, ପାଳିଆବିନ୍ଧା, ରାଜନଗର, ଶ୍ୟାମସୁନ୍ଦରପୁର, ସିନ୍ଦୋଳ ଓ ତାଳପଦା ଗ୍ରାମରୁ ମୋଟ ୩୦ଜଣ, ଧାମନଗର ବ୍ଲକର ଅସୁରାଳି, ଗୁଆପୋଖରୀ, ଚୁଡାକୁଟି, ଦୋବଲ, ଗୋବିନ୍ଦପୁର, ପଧାନୀ, ରଇପୁର ଗ୍ରାମରୁ ୧୦ଜଣ, ଭଣ୍ଡାରିପୋଖରୀ ବ୍ଲକର ବାବଲପୁର, ବୟାଁବନାପୁର, ଆଦମପୁର, ନୂଆଗାଁ, ରାଜେନ୍ଦ୍ରପୁର, ଷୋଳମପୁର ଗ୍ରାମରୁ ୭ଜଣ ଏବଂ ଅନ୍ୟ ଜିଲ୍ଲାରୁ ୪ଜଣ ଚିହ୍ନଟ ହୋଇଛନ୍ତି। ସେହିପରି ଭଦ୍ରକ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ୧୧ଜଣ ଜିଲ୍ଲା ବାହାରେ ଚିହ୍ନଟ ହୋଇଥିବା ଜଣା ଯାଇଛି।

# କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୫ ଗିରଫ, ୪୨୪ବାହନ ଜବତ

ଭୁବନେଶ୍ୱର,୧୯/୦୬(ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୫ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୪୨୪ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୨,୨୦,୪୫୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

# 'ୟସ' କ୍ଷୟକ୍ଷତି ନେଇ କେନ୍ଦ୍ରମନ୍ତ୍ରୀଙ୍କ ସମୀକ୍ଷା




ବାଲେଶ୍ୱର,୧୯/୦୬ (ନି.ପ୍ର): କେନ୍ଦ୍ର ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟ ଉଦ୍ୟୋଗ ବିଭାଗ ମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ 'ୟସ' ବାତ୍ୟା କ୍ଷୟକ୍ଷତି ସମ୍ପର୍କରେ ଶନିବାର ସମୀକ୍ଷା କରିଛନ୍ତି। ଏନେଇ ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ଥାନୀୟ ଅସତ୍ଥାନ ସମ୍ମିଳନୀ କକ୍ଷରେ ଏକ ବୈଠକ ଭର୍ଚୁଆଲ ମୋଡ଼ରେ ଆୟୋଜିତ ହୋଇଥିଲା। କେନ୍ଦ୍ରମନ୍ତ୍ରୀ ଶ୍ରୀ ଷଡ଼ଙ୍ଗୀଙ୍କ ସମେତ ନୀଳଗିରି ବିଧାୟକ ସୁକାନ୍ତ ନାୟକ ଏହି ବୈଠକରେ ଯୋଗଦେଇ ଜିଲାରେ ହୋଇଥିବା କ୍ଷୟକ୍ଷତିର ସର୍ବେଠାରୁ ଆରମ୍ଭ କରି କ୍ଷତିପୂରଣ ପ୍ରଦାନ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ସ୍ୱଚ୍ଛତା ଭିତ୍ତିରେ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ପ୍ରରାମର୍ଶ ଦେଇଥିଲେ। ବିଶେଷ କରି ବାତ୍ୟା ପ୍ରଭାବରେ ଜିଲାରେ ୨୧୭ ହେକ୍ଟର ଜମିରେ ମାଡ଼ିଥିବା ଲୁଣିପାଣି ଯୋଗୁଁ ଆସନ୍ତା ୫/୭ବର୍ଷ ପର୍ଯ୍ୟନ୍ତ ଚାଷ ହେବାର ସମ୍ଭାବନା ନଥିବା ବେଳେ ଚାଷୀଙ୍କ ପାଇଁ ଉଚିତ କ୍ଷତିପୂରଣ ବ୍ୟବସ୍ଥା କରିବା, ଚକସାର୍ଥା ଅଞ୍ଚଳ ଜମିରେ ଅଦ୍ୟାବଧି ରହିଥିବା ଲୁଣାପାଣି ନିଷ୍କାସନ ବ୍ୟବସ୍ଥା କରିବା, ଲୁଣାପାଣି ଅଟକାଇବା ପାଇଁ ସ୍ଥାୟୀ ବ୍ୟବସ୍ଥା କରିବା, ନଷ୍ଟ ହୋଇଥିବା, ରାସ୍ତା, ନଦୀବନ୍ଧ, କଲଭର୍ଟ ଆଦିର ମରାମତି ଯୁଦ୍ଧକାଳୀନ ଭିତ୍ତିରେ କରିବା ପାଇଁ ମନ୍ତ୍ରୀ ଶ୍ରୀ ଷଡ଼ଙ୍ଗୀ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ। ବିଭିନ୍ନ ବିଭାଗ ସମେତ ବିଦ୍ୟୁତ ବିଭାଗର ହୋଇଥିବା କ୍ଷୟକ୍ଷତି ସମ୍ପର୍କରେ ମନ୍ତ୍ରୀ ସମୀକ୍ଷା କରିବା ସହିତ ପଥରବନ୍ଧ ନିର୍ମାଣରେ ଅତ୍ୟାଧୁନିକ କୌଶଳ ଅବଲମ୍ବନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥି ସହିତ ଭୂମିହୀନଙ୍କୁ ଘରଡିହ ପଟ୍ଟା ପ୍ରଦାନ, କ୍ଷତିଗ୍ରସ୍ତ ପ୍ରକୃତ ହିତାଧିକାରୀଙ୍କୁ ଉଚିତ କ୍ଷତିପୂରଣ ପ୍ରଦାନ ଉପରେ ବିହୀତ ପଦକ୍ଷେପ ନେବାକୁ ମନ୍ତ୍ରୀ ଶ୍ରୀ ଷଡ଼ଙ୍ଗୀ ପ୍ରଶାସନିକ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। କ୍ଷତିପୂରଣ ତାଲିକାରୁ ଜଣେ ହେଲେ କ୍ଷତିଗ୍ରସ୍ତ ହିତାଧିକାରୀ ଯେପରି ବାଦ ନ ପଡ଼ନ୍ତି, ସେଥିପ୍ରତି ଯତ୍ନବାନ ହେବାକୁ ସେ କହିଥିଲେ। ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର, ଜିଲା ଗ୍ରାମ୍ୟ ଉନ୍ନୟପ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ସାହୁ ପ୍ରମୁଖ ଅଧିକାରୀମାନେ ଏହି ସମୀକ୍ଷା ବୈଠକରେ ଯୋଡ଼ି ହୋଇଥିଲେ।

# ପୁରାତନ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଦାନକଲେ ୫ଲକ୍ଷ ଟଙ୍କା



ଜଳେଶ୍ୱର ୧୯/୬ (ନି.ପ୍ର) : ସରକାର ଶିକ୍ଷାର ଉନ୍ନତି ଲାଗି ବିଭିନ୍ନ ଯୋଜନା କରିଛନ୍ତି । ଏବେ ସ୍ଥାନୀୟ କ୍ଷେତ୍ରରେ ଏହାର ଉନ୍ନତିକରଣ ଏବଂ ସହଯୋଗ ଲାଗି ପୁରାତନ ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କୁ ସଂଶ୍ଲିଷ୍ଟ କରାଯାଉଛି । ମୋ ଶିକ୍ଷା ଅଭିଯାନ ମାଧ୍ୟମରେ ବିଦ୍ୟାଳୟର ଉନ୍ନତିଲାଗି ଅଧିକରୁ ଅଧିକ ଅର୍ଥ ସଂଗ୍ରହ କରିବାକୁ ପ୍ରୟାସ ଆରମ୍ଭ ହୋଇଥିବା ବେଳେ ବାଲେଶ୍ୱର ଜିଲାର ଜଳେଶ୍ୱର ଗୋଷ୍ଠୀ ଶିକ୍ଷା ଅଧିନ ଶାନ୍ତିଆ ଗ୍ରାମରେ ଥିବା ଶ୍ରୀନାଥଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀମାନେ ୫ଲକ୍ଷ ଟଙ୍କା ବିଦ୍ୟାଳୟକୁ ଦାନ କରିଛନ୍ତି । ଏହି ଅର୍ଥରାଶିକୁ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ଅରୁଣ କୁମାର ବେଜ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରାଚୀ ତନୟା ଗିରିଙ୍କୁ ପ୍ରଦାନ କରିଛନ୍ତି । ଏହି କାର୍ଯ୍ୟକ୍ରମ ବେଳେ ପ୍ରଧାନ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ବାରିକ, ସମୀର ନନ୍ଦୀ, ସନତ କରଣ, ଶତ୍ରୁଘ୍ନ ମହାନ୍ତି, ବିନୋଦ ବିହାରୀ ଡଗର ପ୍ରମୁଖଙ୍କ ସହିତ ବିଆର୍‌ସିସି ଲଲାଟେନ୍ଦୁ କେଶରୀ ଜେନା, ଏବିଇଓ ସୁଶାନ୍ତ କୁମାର ଜେନା, ଅଜୟ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ଅବସରପ୍ରାପ୍ତ କିରାଣୀଙ୍କ ପରଲୋକ



ବାଲେଶ୍ୱର,୧୯/୦୬ (ନି.ପ୍ର): ରସାଳପୁର ଉଚ୍ଚ ବିଦ୍ୟାଳୟର ପୂର୍ବତନ କିରାଣୀ ଗଙ୍ଗା ନାରାୟଣ ପଣ୍ଡାଙ୍କର ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୦ ବର୍ଷ ହୋଇଥିଲା। ଗତ କିଛିଦିନ ଧରି ସେ ଅସୁସ୍ଥ ରହି ଚିକିତ୍ସାଧୀନ ଥିଲେ। ଗତ ୧୫ ତାରିଖରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ପଦ୍ମପୁର ପଞ୍ଚାୟତର ବଡ଼କିଆ ଗ୍ରାମରେ ୧୯୫୨ ମସିହାରେ ସେ ଜନ୍ମ ଗ୍ରହଣ କରିଥିଲେ। ନିଜେ ପାଠ ପଢ଼ିଥିବା ରସାଳପୁର ହାଇସ୍କୁଲର କିରାଣୀ ଭାବେ କାର୍ଯ୍ୟ ଆରମ୍ଭ ସହ ଡିଇଓ ଅଫିସରେ ଅବସ୍ଥାପିତ ଥାଇ ସେ ଅବସର ଗ୍ରହଣ କରିଥିଲେ। ଜଣେ ମେଳାପୀ, ପରୋପକାରୀ, ଦରଦୀ ତଥା ଆଧ୍ୟାତ୍ମିକ ସ୍ୱଭାବର ବ୍ୟକ୍ତିତ୍ୱ ଭାବେ ତାଙ୍କର ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି।

# ଅନ୍‌ଲାଇନ୍, ୟୁଟ୍ୟୁବ୍‌ରେ ପାଠପଢା ଧର୍ମକୁ ଆଖିଠାର : ସମାଜବାଦୀ ପାର୍ଟି

ଭୁବନେଶ୍ୱର,୧୯/୦୬ (ନି.ପ୍ର): ରାଜ୍ୟର ପାଖାପାଖି ୧୦ ହଜାର ଗାଁରେ ମୋବାଇଲ ସେବା ନାହିଁ। ଭାରତରେ ଟେଲିଫୋନ ସେବା ୮୭ ଜଣଙ୍କ ପାଖରେ ପହଞ୍ଚିଥିବା ବେଳେ ଓଡ଼ିଶାରେ ଏହି ସଂଖ୍ୟା ୭୭ଭାଗ। ଅର୍ଥାତ୍ ରାଜ୍ୟର ୨୩ଜଣଙ୍କ ପାଖରେ ଆଜି ବି ଟେଲିଫୋନ ସେବା ପହଞ୍ଚି ନାହିଁ। ଯେତିକି ସେବା ପହଞ୍ଚିଛି, ନେଟୱର୍କ ବହୁତ ଦୁର୍ବଳ। ଚାରିକୋଟି ପଚାଶଲକ୍ଷ ଲୋକଙ୍କ ଭିତରୁ ପାଖାପାଖି ତିନିଲକ୍ଷ ଲୋକ ଇଂଟରନେଟ ବ୍ୟବହାର କରୁଥିବାର ଜଣାଯାଏ। ଖୋଦ୍ ଶିକ୍ଷାମନ୍ତ୍ରୀ ବିଧାନସଭାରେ ଅତୀତରେ ପ୍ରକାଶ କରିଥିଲେ ଯେ, ରାଜ୍ୟର ୫୪ ଭାଗ ପିଲାଙ୍କ ପାଖରେ ଟେଲିଫୋନ ଅଛି। ସେଥିମଧ୍ୟରୁ ମାତ୍ର ୨୮ଭାଗ ପିଲାଙ୍କ ପାଖରେ ସ୍ମାର୍ଟ ଫୋନ୍ ରହିଛି। ଅର୍ଥାତ୍ ୭୨ ଭାଗ ପିଲାଙ୍କ ପାଖରେ ସ୍ମାର୍ଟଫୋନ୍ ସେବା ଉପଲବ୍ଧ ନାହିଁ। ଖୋଦ୍ ରାଜଧାନୀରେ ଟେଲିଫୋନ୍ ସେବା କେତେ ସ୍ୱଷ୍ଟ ତାହା ଆମେ ଅଙ୍ଗେ ଲିଭାଉଛେ। ତେଣୁ ଏଭଳି ପରିସ୍ଥିତିରେ ଅନ୍ ଲାଇନ୍ ଓ ୟୁଟ୍ୟୁବ୍‌ରେ ପାଠପଢା ଛାତ୍ରଛାତ୍ରୀମାନଙ୍କ ପାଇଁ 'ଧର୍ମକୁ ଆଖିଠାର' ବୋଲି ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ରବି ବେହେରା ଏକ ପ୍ରେସ୍ ବିଜ୍ଞପ୍ତିରେ କହିଛନ୍ତି। ଯେଉଁ ଦେଶରେ ଖୋଦ୍ କ୍ୟାବିନେଟ ମନ୍ତ୍ରୀ ସିଡ଼ି ଲଗାଇ ଗଛ ଉପରେ ଚଢି ଟେଲିଫୋନ୍ ଧରନ୍ତି, ସେ ଦେଶର ଛାତ୍ରଛାତ୍ରୀମାନେ ଅନ୍‌ଲାଇନ୍ ଓ ୟୁଟ୍ୟୁବ୍‌ରେ ପାଠ ପଢିବେ କେମିତି ବୋଲି ଶ୍ରୀ ବେହେରା ପ୍ରଶ୍ନ କରିଛନ୍ତି। ସରକାର ଯଦି ଆନ୍ତରିକ ଭାବେ ଚାହାଁନ୍ତି, ଦେଶବାସୀ ଡ଼ିଜିଟାଲ ସ୍ୱାଧୀନତା ପାଆନ୍ତୁ, ଛାତ୍ରଛାତ୍ରୀମାନେ ଗୁଣାତ୍ମକ ଟେଲିଫୋନ ସେବା ଦ୍ୱାରା ମହାମାରୀ ସମୟରେ ଶିକ୍ଷାଲାଭ କରନ୍ତୁ, ତାହେଲେ ଚାଷୀମାନଙ୍କୁ ମୋବାଇଲ ଯୋଗାଇ ଦେବା ଭଳି ରାଜ୍ୟ ସରକାର ଛାତ୍ରଛାତ୍ରୀଙ୍କୁ ଡ଼ିଜିଟାଲ ଶିକ୍ଷା ଯୋଗାଇ ଦେବା ପାଇଁ ସ୍ମାର୍ଟ ଫୋନ୍ / ଲାପ୍‌ଟପ ଯୋଗାଇ ଦେବାକୁ ଶ୍ରୀ ବେହେରା ଦାବି କରିଛନ୍ତି। ଏହା ଫଳରେ ରାଜ୍ୟର ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ଉପକୃତ ହୋଇପାରିବେ ଏବଂ ଡ଼ିଜିଟାଲ ସ୍ୱାଧୀନତାର ସୁଫଳ ସେମାନଙ୍କ ପାଖରେ ପହଂଚିପାରିବ। ମହାମାରୀ ସମୟରେ ଶିକ୍ଷାର ସଙ୍କଟ ଆଉ ଭବିଷ୍ୟତରେ ରହିବ ନାହିଁ। ବିଶେଷତଃ ଗ୍ରାମାଂଚଳ ଓ ଆଦିବାସୀ ଅଂଚଳର ଛାତ୍ରଛାତ୍ରୀମାନେ ଏହା ଦ୍ୱାରା ବିଶେଷ ଉପକୃତ ହୋଇପାରିବେ।

# ସରକାରଙ୍କ ନୂଆ ପ୍ରୟାସ : ମ୍ୟାଟ୍ରିକ ପାସ୍ ବେଳେ ବିଦ୍ୟାର୍ଥୀ ପାଇବେ ସବୁ ପ୍ରମାଣପତ୍ର



ଜଳେଶ୍ୱର,୧୯/୦୬ (ନି.ପ୍ର): :ସରକାର ଛାତ୍ରଛାତ୍ରୀଙ୍କ ଉନ୍ନତି ଲାଗି ବହୁ ଯୋଜନା କରିଥିବା ବେଳେ ଏଣିକି ମ୍ୟାଟ୍ରିକ୍ ପାସ୍ ସହିତ ସେମାନଙ୍କର ଜାତି, ଆୟ, ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର ପାଇପାରିବେ । ଅଯଥା ତହସିଲ କାର୍ଯ୍ୟାଳୟକୁ ଦୌଡି ସମୟ ଓ ଅର୍ଥ ଖର୍ଚ୍ଚ କରିବାକୁ ପଡିବନାହିଁ । ଏଥିଲାଗି ବାଲେଶ୍ୱର ଜିଲାର ଜଳେଶ୍ୱର ତହସିଲ ପକ୍ଷରୁ ରାଇବଣିଆ ଜୋନ୍‌ରେ ଥିବା ହାତୀଗଡ ଉଚ୍ଚ ବିଦ୍ୟାଳୟରେ ୧୭ଟି ବିଦ୍ୟାଳୟକୁ ନେଇ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇ ଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୀନବଂଧୁ ଦାସ ସଭାପତିତ୍ୱ କରିଥିବା ବେଳେ ରାଜସ୍ୱ କର୍ମଚାରୀ ରଜତ୍ କୁମାର କାଣ୍ଡି ପ୍ରଶିକ୍ଷଣ ଦେଇଥିଲେ । ଶିକ୍ଷକ ମାନେ ଏକ ନିର୍ଦ୍ଦିଷ୍ଟ ଫର୍ମରେ ଅଭିଭାବକଙ୍କ ଘରକୁ ଯାଇ ତଥ୍ୟ ସଂଗ୍ରହ ପରେ ତାହାକୁ ଅନ୍‌ଲାଇନ୍‌ରେ ଆବେଦନ କରିବେ । ସେ ସମସ୍ତ ଯାଞ୍ଚପରେ ତହସିଲ ପକ୍ଷରୁ ସମସ୍ତ ପ୍ରମାଣପତ୍ର ବିଦ୍ୟାଳୟକୁ ମାଗଣାରେ ଯୋଗାଇ ଦିଆଯିବ । ମାତ୍ର କେତେକ ବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନଥିବାରୁ ଏବଂ ଅନ୍‌ଲାଇନ୍ କାମ ଲାଗି କମ୍ପ୍ୟୁଟର ନଥିବାରୁ ଏଭଳି କାର୍ଯ୍ୟ ସମ୍ପାଦନ କରିବା ଅସମ୍ଭବ ହୋଇପଡିଛି ବୋଲି ଓଷ୍ଟାର କେତେକ ଶିକ୍ଷକନେତା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମକୁ ବଂଶୀଧର ବାରିକ, ହରମୋହନ ମାହାନ୍ତ, ହରେନ୍ଦ୍ର ମାହାନ୍ତ, କାଞ୍ଚନବାଲା ଚାନ୍ଦ, ଚିତ୍ତରଂଜନ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ ।

# ଜୁଲାଇ ତୃତୀୟ ସପ୍ତାହ ପର୍ଯ୍ୟନ୍ତ ପୁରୀକୁ ଗଡିବନି ଟ୍ରେନ୍

ଭୁବନେଶ୍ୱର,୧୯/୦୬ (ନି.ପ୍ର): କୋଭିଡ଼୧୯ ସଂକ୍ରମଣର ଶୃଙ୍ଖଳା ଭାଙ୍ଗିବା ଦୃଷ୍ଟିରୁ ଜୁଲାଇ ମାସରେ ରଥ ଯାତ୍ରା ସମୟରେ ପୁରୀ ଆଡକୁ ଟ୍ରେନ୍ ସେବା ଉପରେ ପ୍ରତିବନ୍ଧ ଲଗାଇବାକୁ ନିଷ୍ପତି ନିଆଯାଇଛି। ୨୬ ଟି ଦୂର ଦୂରଗାମୀ ଟ୍ରେନ୍ ଖୋର୍ଦ୍ଧା ରୋଡ୍ ପର୍ଯ୍ୟନ୍ତ ଚଳାଚଳ କରିବ ଏବଂ ଖୋର୍ଦ୍ଧା ରୋଡରୁ ଯାତ୍ରା ପ୍ରାରମ୍ଭ କରିବ । ଉଭୟ ଦିଗରୁ ଖୋର୍ଦ୍ଧା ରୋଡ୍ ଏବଂ ପୁରୀ ମଧ୍ୟରେ ଚଳାଚଳ ବାତିଲ ରହିବ ବୋଲି ପୂର୍ବତଟ ରେଳବାଇ ପକ୍ଷରୁ ସୂଚନା ଦିଆଯାଇଛି। ୨୧ ଟି ଦୂରଗାମୀ ବିଶେଷ ଟ୍ରେନ ଜୁଲାଇ ମାସ ତୃତୀୟ ସପ୍ତାହ ପର୍ଯ୍ୟନ୍ତ ପୁରୀ ପରିବର୍ତେ ଖୋର୍ଦ୍ଧା ରୋଡ଼ ଷ୍ଟେସନ ପର୍ଯ୍ୟନ୍ତ ଚଳାଚଳ କରିବ ଏବଂ ସେଠାରୁ ଯାତ୍ରା ପ୍ରାରମ୍ଭ କରିବ। ସେହିପରି ୦୫ ଟି ସାପ୍ତାହିକ ବିଶେଷ ଟ୍ରେନ ନିର୍ଦ୍ଦିଷ୍ଟ ଦିନମାନଙ୍କରେ ପୁରୀ ପରିବର୍ତେ ଖୋର୍ଦ୍ଧା ରୋଡ଼ ଷ୍ଟେସନ ପର୍ଯ୍ୟନ୍ତ ଚଳାଚଳ କରିବ ଏବଂ ସେଠାରୁ ଯାତ୍ରା ପ୍ରାରମ୍ଭ କରିବ। ଦୈନନ୍ଦିନ ଚଳାଚଳ କରୁଥିବା ପାଂଚଟି ଏବଂ ଦ୍ୱି-ସାପ୍ତାହିକ, ତ୍ରି-ସାପ୍ତାହିକ ଓ ସପ୍ତାହରେ ଚାରି ଦିନ ଚଳାଚଳ କରୁଥିବା ବିଶେଷ ଟ୍ରେନ ଏଥିରେ ଅନ୍ତର୍ଭୁକ୍ତ ରହିଛି।

# ଜମିଜମା ଗଣ୍ଡଗୋଳରୁ ମରଣାନ୍ତକ ଆକ୍ରମଣ

ଜଳେଶ୍ୱର ୧୯/୬ (ନି.ପ୍ର) : ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ପାଇକସିଦା ପଂଚାୟତର ଖଳାବାଡିଆ ଗ୍ରାମରେ ଜମିଜମା ବିବାଦକୁ କେନ୍ଦ୍ର କରି ମରଣାନ୍ତକ ଆକ୍ରମଣ ହୋଇଛି । ପୂର୍ବରୁ ଦୁଇପରିବାର ମଧ୍ୟରେ ଗଣ୍ଡଗୋଳ ଲାଗିରହିଥିବା ବେଳେ ପୂର୍ବରୁ ଏ ସମ୍ପର୍କରେ ଥାନାରେ ଅଭିଯୋଗ ହୋଇଥିଲା । ଗ୍ରାମର ଦୀନମଂଧୁ ପାଳଙ୍କ ପୁଅ ନିତ୍ୟାନନ୍ଦ ପାଳ (୩୫) ଗୁଜୁରାଟରେ କାମ କରନ୍ତି । ସେ ଟ୍ରେନ୍‌ରେ ଯିବାଲାଗି ବ୍ୟାଙ୍କରୁ ଟଙ୍କା ଉଠାଇ ଘରକୁ ଫେରୁ ଥିବା ବେଳେ ପଶ୍ଚିମବାର୍ଡ ହାଇସ୍କୁଲ ନିକଟରେ ପୂର୍ବରୁ ଛକିବସିଥିବା ସମ୍ପର୍କୀୟ ଭାଇ ଚନ୍ଦ୍ରକାନ୍ତ ପାଳ (କାହ୍ନୁ) (୨୯) ଏକ ଧାରୁଆ କାତିରେ ବେକକୁ ହାଣିବା ବେଳେ ତାହା ହାତରେ ବାଜିଥିଲା । ରକ୍ତ ଉଦୁଜୁଡୁ ଅବସ୍ଥାରେ ତାଙ୍କୁ ପ୍ରାଥମିକ ଚିକିତ୍ସାପରେ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ଘଟଣାସ୍ଥଳରୁ ଚନ୍ଦ୍ରକାନ୍ତ ଏକ ଦାମୀ ବାଇକ୍ ଓ ଟଙ୍କା ଲୁଟ କରିଥିବା ଜଣାଯାଇଛି । ଏ ସମ୍ପର୍କରେ ଜଳେଶ୍ୱର ଥାନାରେ ଏକ ମାମଲା ରୁଜୁ କରାଯାଇଛି ।

# ୧୦ ଲକ୍ଷ ଟଙ୍କା ଲୁଟ ଘଟଣାରେ ୬ ଗିରଫ



ନୀଳଗିରି,୧୯/୦୬ (ନି.ପ୍ର): ବାଲେଶ୍ୱର ମୋତିଗଞ୍ଜ ବଜାରର ଅଳଙ୍କାର ଜୁଏଲାରୀର ମାଲିକ ଦୀନେଶ ସଂଗଭିଙ୍କ ଠାରୁ ଗତ ୧୭ତାରିଖ ଦିନ ଦୁର୍ବୃତ୍ତମାନେ ନଗଦ ୧୦ ଲକ୍ଷ ଟଙ୍କା ସହ ନିଜର ଲାଇସେନ୍‌ସପ୍ରାପ୍ତ ବନ୍ଧୁକକୁ ଲୁଟି ନେଇଥିଲେ । ଲୁଟ ଘଟଣାରେ ନୀଳଗିରି ପୋଲିସ ୨ଦିନ ମଧ୍ୟରେ ୫ଲକ୍ଷ ୫୧ହଜାର ଟଙ୍କା ସହିତ ବନ୍ଧୁକ ଜବତ କରିବା ସହ ୬ଜଣ ଅଭିଯୁକ୍ତକୁ ଗିରଫ କରିଛି । ସେମାନେ ହେଲେ ସହଦେବଖୁଣ୍ଟା ଅଞ୍ଚଳର ଯତିନ ପ୍ରଧାନ, ନୀଳଗିରି ଥାନା ଅଧୀନସ୍ଥ ରାଜନଗର ଗ୍ରାମର ଚନ୍ଦୁରୁ ଓରଫ ଚନ୍ଦ୍ରକାନ୍ତ ମହାପାତ୍ର, ନୀଳଗିରି ଘାଟଘରସାହି ଗ୍ରାମର ସନିଆ ଓରଫ ସୁରେନ୍ଦ୍ର ପ୍ରଧାନ ୩ଜଣ ମାଷ୍ଟର ମାଇଣ୍ଡକୁ ଗିରଫ କରିଥିବା ବେଳେ ଅନ୍ୟ ୩ଜଣ ହେଲେ ନୀଳଗିରି ଗୁହାଳିଆ ଗ୍ରାମର ହଗୁରୁ ଓରଫ ମଧୁସୂଦନ ବେହେରା, ଦ୍ୱାରିକା ଗ୍ରାମର ଧନୁଆ ଓରଫ ସୁଶାନ୍ତ ବାରିକ, ସହଦେବଖୁଣ୍ଟା ଅଞ୍ଚଳ ନୀଲୁ ଓରଫ ପ୍ରଦୀପ କୁମାର ପ୍ରଧାନକୁ ଗିରଫ କରାଯାଇଛି । ବ୍ୟବହୃତ ହୋଇଥିବା ୨ଟି ବାଇକ କୁ ମଧ ଜବତ କରାଯାଇଥିବା ଜଣାପଡ଼ିଛି । ନୀଳଗିରି ପୋଲିସ ରିଙ୍ଗମାଷ୍ଟର ଖନ୍ତାପଡ଼ା ଥାନା ଅଧିନସ୍ଥ ବଡ଼ଗାଁର ଶିବା ମଳିକ ଫେରାର ଥିବା ବେଳେ ଅନ୍ୟ ୩ଜଣ ମଧ ଫେରାର ଥିବାର ଏସ.ଡି.ପି.ଓ. ରୀତେଶ ମହାପାତ୍ର ସୂଚନା ଦେଇଛନ୍ତି । ଏହି ଚଢ଼ାଉରେ ଆଇ.ଆଇ.ସି. ପ୍ରଭଞ୍ଜନ ବେହେରା, ସବ୍‌ଇନିସ୍‌ପେକ୍ଟର ବାସୁଦେବ ଜୟସିଂହ, ସସ୍ମିତା ମଳିକ, ଏ.ଏସ.ଆଇ. ଶରତ ଧଳ, ଟାଉନ ହାବିଲଦାର ଯଦୁନାଥ ସେଠୀ ସାମିଲ ଥିଲେ ।

# ରାଜ୍ୟ ଭିଜିଲାନ୍ସ ବିଭାଗର ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀଙ୍କ ମୃତ୍ୟୁରେ ଜନ୍ମମାଟି ନୀଳଗିରି ସ୍ତବ୍ଧ : ବିଭିନ୍ନ ମହଲରେ ଶୋକ

ନୀଳଗିରି,୧୯/୦୬ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ନିର୍ବାଚନ ମଣ୍ଡଳୀର ନୀଳଗିରି ଏନ.ଏ.ସି. ର ୧ନଂ. ୱାର୍ଡ ସାନଅତା ଗ୍ରାମରେ ୰ବୃନ୍ଦାବନ୍ ପାଣିଗ୍ରାହୀଙ୍କର ୪ର୍ଥ ସନ୍ତାନ ଦେବାଶିଷ ପାଣିଗ୍ରାହୀ ୧୯୬୫ ମସିହା ଅଗଷ୍ଟ ୨୯ ତାରିଖରେ ଜନ୍ମଗ୍ରହଣ କରିଥିଲେ । ନୀଳଗିରି ପାଣିପବନରେ ନିଜର ବାଲ୍ୟ ଜୀବନ କଟାଇଥିଲେ । ପ୍ରଥମେ ସାନଅତା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷା ଆରମ୍ଭ କରିଥିଲେ । ପରେ ୬ଷ୍ଠ ରୁ ଏକାଦଶ ଶ୍ରେଣୀ କୈଳାସଚନ୍ଦ୍ର ହାଇସ୍କୁଲରେ ଅଧ୍ୟୟନ କରିଥିଲେ । ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟରେ ଗ୍ରାଜୁଏସନ ଶେଷ ରେ ବାଣୀବିହାର ବିଶ୍ୱବିଦ୍ୟାଳୟରେ ପି.ଜି. କରିଥିଲେ । ୧୯୯୧ ରେ ଭାରତୀୟ ପୋଲିସ ସେବାରେ ଯୋଗ ଦେଇଥିଲେ । ପରେ ୨୦୧୭ ରୁ ଓଡ଼ିଶା ଭିଜିଲାନ୍ସ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରି ଆସୁଥିଲେ । ସେ କେବଳ ଜଣେ ଦକ୍ଷ ପ୍ରଶାସକ ନ ଥିଲେ, ସେ ଜଣେ ଦକ୍ଷ ସାହିତ୍ୟିକ, ଗାଳ୍ପିକ, ଗୀତିକାର, କଳାକାର,ତବଲା ବାଦକ ଭାବେ ଓଡ଼ିଶାରେ ପରିଚିତ ଥିଲେ । ସେ ଜଣେ ମିଷ୍ଟ ଭାଷୀ, ମେଳାପି, ପରୋପକାରୀ, ଆଧାତ୍ମିକ ଚେତନା ସ୍ୱଭାବର ବ୍ୟକ୍ତି ଥିଲେ । ସମସ୍ତ କଳ୍ପନା ଜଳ୍ପନାର ଅନ୍ତ କରି ଦେବାଶିଷ ପାଣିଗ୍ରାହୀ ନୀଳଗିରି ବାସୀଙ୍କୁ ଆଖିରେ ଲୁହରେ ଭିଜାଇ ଦେଇ ଆରପାରିକୁ ଚାଲିଗଲେ । ଗତ ୨୯/୫/୨୧ରେ କରୋନାରେ ଆକ୍ରାନ୍ତ ହେବା ପରେ କଟକ ଅଶ୍ୱିନୀ ହସପିଟାଲ ରେ ଭର୍ତ୍ତି ହୋଇଥିଲେ । ସ୍ୱାସ୍ଥ୍ୟବସ୍ଥା ବିଗିଡ଼ିବାରୁ ଭେଣ୍ଟିଲେଟରରେ ରଖାଯାଇଥିଲା । ପରେ ଇକ୍‌ମୋ ଚିକିତ୍ସା ପାଇଁ ଗତ ୦୮.୦୬.୨୧ରିଖରେ କଲିକତାକୁ ନିଆଯାଇଥିଲା । ସେଠାରେ ୧୦ଦିନ ଚିକିତ୍ସିତ ହେବା ପରେ ତାଙ୍କର ମୃତ୍ୟୁ ହୋଇଥିଲା । ରାଜ୍ୟର ଜଣେ ଦକ୍ଷ ପ୍ରଶାସକ ତଥା ନୀଳଗିରି ମାଟିର ଯୋଗ୍ୟ ସନ୍ତାନ କୁ ହରାଇଲା ପରେ ସମଗ୍ର ନୀଳଗିରି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ତାଙ୍କର ଏନ୍ତୁଡ଼ିଶାଳ ଜନ୍ମମାଟି ସାନଅତାରେ ପରିବାରଙ୍କ ମଧ୍ୟରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଛି । ତାଙ୍କର ମୃତ୍ୟୁରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମର୍ମାହତ ହେବା ସହ ନୀଳଗିରି ଜଣେ ଯୋଗ୍ୟ ସନ୍ତାନକୁ ହରାଇଲା ବୋଲି ଶୋକବାର୍ତ୍ତାରେ ଜଣାଇବା ସହ ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି । ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, ପୂର୍ବତନ ବିଧାୟକ ଚିତ୍ତରଂଜନ ଷଡ଼ଙ୍ଗୀ ତାଙ୍କର ଅକାଳ ବିୟୋଗରେ ମର୍ମାହତ ହେବା ସହ ନୀଳଗିରି ମାଟି ଜଣେ ଯୋଗ୍ୟ ପ୍ରଶାସକଙ୍କୁ ହରାଇଥିବା ବେଳେ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି । ତାଙ୍କର ବାଲ୍ୟବନ୍ଧୁ ସୂର୍ଯ୍ୟନାରାୟଣ ଆଇଚ ଙ୍କ ସହିତ ନିବିଡ଼ ବନ୍ଧୁତା ଥିଲା । ତାଙ୍କରଅନ୍ୟ ସାଥୀମାନଙ୍କ ମଧ୍ୟରେ କୁଞ୍ଜବିହାରୀ ଦାସବାବୁ, ମୃତ୍ୟୁଂଜୟ ଦାସ, ବିନୋଦ ମହାପାତ୍ର, ରାମକୃଷ୍ଣ ଜେନା, ସମେତ ନୀଳଗିରି ର ବହୁ ସହପାଠୀ ତାଙ୍କ ମୃତ୍ୟୁ ରେ ଭାଙ୍ଗିପଡ଼ିଥିବା ବେଳେ ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078
❐ Managing & Executive Editor : Srustidhar Parida
❐ Editor: Sairindhree Sahoo